


ମୁନ୍ ବେସ୍ ନିର୍ମାଣରେ ସାମିଲ ହେବ ଇସ୍ରୋ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 142 ଭାଗ ୩୪ | ସଂଖ୍ୟା ୧୪୨ | Wednesday 12 June 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୧୨ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆୟ ବ୍ୟୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସଶକ୍ତ ହେବ ରାଜସ୍ୱ ଆଦାୟ ବ୍ୟବସ୍ଥା



**ଜୁଲାଇ ସୁଦ୍ଧା ରାଜସ୍ୱ ଆଦାୟରେ ୭.୩% ଅଭିବୃଦ୍ଧି**

**କାର୍ଯ୍ୟକ୍ରମ ବ୍ୟୟ ୧୯.୧%, ପୁଞ୍ଜିବ୍ୟୟ ୨୦.୨% ବୃଦ୍ଧି**

**କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟକୁ ବଢ଼ାଇବାକୁ ପରାମର୍ଶ**

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରି ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା। ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮%।

ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ହେଉଛି ୭.୩% ଅଧିକ। ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯ ପ୍ରତିଶତ ଅଧିକ ରହିଛି। ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ➪ପୃଷ୍ଠା-୬

### ସ୍ୱଚ୍ଛ ଶାସନ ଦିଗରେ ବଡ଼ ପଦକ୍ଷେପ

# ଖୁବ୍‌ଶୀଘ୍ର ନିଯୁକ୍ତି ପାଇବେ ନୂଆ ଲୋକାୟୁକ୍ତ



**ଆରମ୍ଭ ହେଲା ଗଠନ ପ୍ରକ୍ରିୟା**

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଖୁବ୍‌ଶୀଘ୍ର ଗଠନ ହେବ ଲୋକାୟୁକ୍ତ। ରାଜ୍ୟ ଅତିଥି ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ବୈଠକରେ ଲୋକାୟୁକ୍ତ ଗଠନ ପ୍ରକ୍ରିୟାକୁ ନେଇ ଆଲୋଚନା ହୋଇଥିବା ବେଳେ ଖୁବଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ଗଠନ କରାଯିବ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲୋକାୟୁକ୍ତ ନିଯୁକ୍ତି ନେଇ ବୈଠକ ବସିଲା ଅର୍ଥ ପ୍ରକ୍ରିୟା ଆରମ୍ଭ ହେଲା। ଖୁବ୍‌ଶୀଘ୍ର ପ୍ରକ୍ରିୟା ସମାପ୍ତ ହେବ। ଯେଉଁ ସାମ୍ବିଧାନିକ ବ୍ୟବସ୍ଥା ଅଛି ସେଥିରେ ମୁଖ୍ୟମନ୍ତ୍ରୀ, ବିଧାନସଭାର ବାଚସ୍ପତି, ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ନିଷ୍ପତ୍ତି ନେଇଥାନ୍ତି। ପ୍ରଥମ ମିଟିଂ ହୋଇଯାଇଛି, ଆଶା କରୁଛୁ ଆଗାମୀ ଦିନରେ ଓଡ଼ିଶା ନୂଆ ଲୋକାୟୁକ୍ତ ଦେଖିବ।

ରାଜସ୍ୱ ମନ୍ତ୍ରୀ ଆହୁରି କହିଛନ୍ତି ଯେ, ବିରୋଧୀ ଯଦି କହୁଛନ୍ତି ବିଳମ୍ବ ହେଇଗଲା, ତା'ହେଲେ ସେମାନେ କୁହନ୍ତୁ ୨୪ ବର୍ଷ ଲମ୍ବା ସମୟ ନା ୨ ବର୍ଷ ଲମ୍ବା ସମୟ। କ୍ଷମତାରୁ ଚ୍ୟୁତ ହୋଇ ୨ ବର୍ଷ ଲମ୍ବା ଲାଗୁଛି। ୨୪ ବର୍ଷରେ ଯାହା ➪ପୃଷ୍ଠା-୬

### ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ସିଆର୍‌ପିଏଫ୍‌କୁ ସଫଳତା

# ୪ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୧।୮ (ସଂଚାର ବ୍ୟୁରୋ): ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଆଜି ସିଆର୍‌ପିଏଫ୍‌କୁ ବଡ଼ ସଫଳତା ମିଳିଛି। ୪ ଜଣ ହାର୍ଡକୋର୍ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ପ୍ରତିବନ୍ଧିତ ସଙ୍ଗଠନ ସିପିଆଇ(ମାଓବାଦୀ)ର ସଦସ୍ୟ ହୋଇଥିବା ବେଳେ ସେମାନେ ଝାଡ଼ଖଣ୍ଡର ଚାଇଁବସାଠାରେ ସୁରକ୍ଷାକର୍ମୀଙ୍କ ନିକଟରେ ଅସ୍ତ୍ରତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି। ଏହାକୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ବାମପନ୍ଥୀ ଚିନ୍ତାଧାରା ସମ୍ପନ୍ନ ମାଓବାଦୀଙ୍କ ବିରୋଧରେ ଲଢ଼େଇ କରୁଥିବା ସିଆର୍‌ପିଏଫ୍ ଓ ଝାଡ଼ଖଣ୍ଡ ଜାଗୁଆର ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ସାମିଲ୍ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମାଓବାଦୀଙ୍କ ମୁଣ୍ଡରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହାଛଡ଼ା ଜଣେ ମହିଳା ମାଓବାଦୀଙ୍କ ମୁଣ୍ଡରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ଜଣାପଡ଼ିଛି। ଆତ୍ମସମର୍ପଣ କରିଥିବା ➪ପୃଷ୍ଠା-୬

# ସୁପ୍ରିମକୋର୍ଟରେ ପୁଲିସ ଡିଜି ଚୟନ ବିବାଦ



**ଆଜି ଜରୁରୀ ଶୁଣାଣି**

**ନିଷ୍ପତ୍ତି ପରିବର୍ତ୍ତନ ନେଇ ଉଠିଲା ପ୍ରଶ୍ନ**

**ୟୁପିଏସସି ଓ ରାଜ୍ୟ ସରକାରଙ୍କୁ ନୋଟିସ**

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ): ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ରୁଜୁ ହୋଇଛି ମାମଲା। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ରାଜ୍ୟ ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିସ୍ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଦାଖଲ ହୋଇଥିବା ରିଟ୍ ପିଟିସନ୍‌କୁ ଆଜି ଗ୍ରହଣ କରି ଆସନ୍ତାକାଲି (ବୁଧବାର) ଜରୁରୀ ଶୁଣାଣି କରିବା ପାଇଁ ସମ୍ମତି ଦେଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସସି ଓ ଓଡ଼ିଶା ସରକାରଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ଏପଟେ ରାଜ୍ୟ ସରକାର ପୁଲିସ ଡିଜି ଚୟନ ନିମନ୍ତେ ଗତ ମେ' ୧୪ ତାରିଖରେ ୟୁପିଏସିଙ୍କୁ ଦେଇଥିବା ୧୧ଜଣିଆ ବରିଷ୍ଠ ଆଇପିଏସଙ୍କ ତାଲିକାରେ କାହିଁକି ଶେଷ ମୁହୂର୍ତ୍ତରେ (ଅଗଷ୍ଟ ୭ରେ ବୈଠକ ଦିନ) ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏଥିପାଇଁ ସରକାରଙ୍କୁ କିଏ ପରାମର୍ଶ ଦେଲା ତାହା ଏବେ ପାୱାର କରିଡରରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି. ଚିଦାମ୍ବରମ୍ ଆଜି ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। ➪ପୃଷ୍ଠା-୬

### କଲମ୍ବିଆ ଭୂକମ୍ପ

## ମୃତ୍ୟୁସଂଖ୍ୟା ୨୨୪

ବୋଗୋଟା,୧୧।୮: ସୋମବାର କଲମ୍ବିଆରେ ଘଟିଥିବା ବିନାଶକାରୀ ଭୂକମ୍ପର ମୃତ୍ୟୁସଂଖ୍ୟା ମଙ୍ଗଳବାର ସୁଦ୍ଧା ୨୨୪କୁ ବୃଦ୍ଧି ପାଇଛି। ଖବର ସଂସ୍ଥା ସିଏନଏନ୍ ବିଭିନ୍ନ ସଂସ୍ଥାଗୁଡ଼ିକର ଖବର ତଥା କଲମ୍ବିଆ ଅଧିକାରୀଙ୍କ ସୂତ୍ରକୁ ଆଧାର କରି ଏହି ତଥ୍ୟ ପ୍ରଦାନ କରିଛି। ସିଏନଏନର ଶେଷ ରିପୋର୍ଟ ଅନୁଯାୟୀ, ପଶ୍ଚିମ କଲମ୍ବିଆର ଡିପାର୍ଟମେଣ୍ଟ ଅଫ୍ ଚୋକୋରେ ଅଧିକ ୯ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଚୋକୋର ଗଭର୍ଣ୍ଣର ନ୍ୟୁବିୟା କାରୋଲିନା କର୍ଡୋବା-କ୍ୟୁରୀ ସିଏନଏନକୁ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଏ ପର୍ଯ୍ୟନ୍ତ ୧୩୮ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ପାଞ୍ଚ ଜଣ ନିଖୋଜ ଅଛନ୍ତି ବୋଲି କର୍ଡୋବା-କ୍ୟୁରୀ କହିଛନ୍ତି। ଭୂକମ୍ପରେ ୧୫୦୦ରୁ ଅଧିକ ଘର ଭୁଶୁଡ଼ି ମାଟିରେ ମିଶିଯାଇଛି। ଭଗ୍ନସ୍ତୂପ ଭିତରୁ ଉଦ୍ଧାରକାରୀମାନେ ଜୀବିତ ଲୋକଙ୍କ ସନ୍ଧାନ କରିବାରେ ଲାଗିଛନ୍ତି। କଲମ୍ବିଆ ସରକାର ଏହାକୁ ଜାତୀୟ ବିପର୍ଯ୍ୟୟ ବୋଲି ଘୋଷଣା କରିଛନ୍ତି। ବିଶ୍ୱର ବିଭିନ୍ନ ଦେଶରୁ କଲମ୍ବିଆକୁ ସହାୟତାର ସୁଅ ଛୁଟୁଛି।

## ୧୦ ଓ ୨୦ଟଙ୍କିଆ ପଲିମର୍ ନୋଟ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୧।୮: ପ୍ରାଥମିକ ପର୍ଯ୍ୟାୟରେ କ୍ଷେତ୍ର ପରୀକ୍ଷଣ ଲାଗି ସରକାର ଏକ ବିଲିଅନ୍ ଖଣ୍ଡ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ପଲିମର ବ୍ୟାଙ୍କନୋଟ୍ ପ୍ରଚଳନକୁ ମଞ୍ଜୁରୀ ଦେଇଛନ୍ତି। ମଙ୍ଗଳବାର ଗୃହରେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାକୁ ଏକ ଲିଖିତ ପ୍ରତ୍ୟୁତ୍ତର ଦେଇ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୪ର ୨୫ ଧାରା ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହାର କେନ୍ଦ୍ରୀୟ ପରିଷଦର ସୁପାରିସ କ୍ରମେ ଏକ ବିଲିଅନ୍ ଖଣ୍ଡ ୧୦ ଓ ୨୦ ଟଙ୍କିଆ ପଲିମର ବ୍ୟାଙ୍କ ନୋଟ କ୍ଷେତ୍ର ପରୀକ୍ଷଣ ନିମନ୍ତେ ଏକ ପ୍ରସ୍ତାବ ଦେଇଥିଲା। କ୍ଷେତ୍ର ପରୀକ୍ଷଣ ସଫଳ ହେଲେ ଏହାକୁ ନିୟମିତ ପ୍ରଚଳନ କରିବାକୁ ଆରବିଆଇ ପରାମର୍ଶ ଦେଇଥିଲା। ଆରବିଆଇର ଏହି ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି। ଏହି ପଲିମର ନୋଟଗୁଡ଼ିକୁ କାଗଜ ସବଷ୍ଟ୍ରେଟ୍-ଆଧାରିତ ନୋଟ୍ ସହିତ ଜାରି କରିବାକୁ ଆରବିଆଇ ପ୍ରସ୍ତାବ ଦେଇଥିବା ନିର୍ମଳା କହିଛନ୍ତି।

### ଶିକ୍ଷାର୍ଥୀଙ୍କୁ ବର୍ବରୋଚିତ ଆକ୍ରମଣ ମାମଲା

# ପ୍ରତିବାଦରେ ବିଜେପିର ଝାଡ଼ଖଣ୍ଡ ବନ୍ଦ



**ଜୀବନଯାତ୍ରା ପ୍ରଭାବିତ, ରାଜ୍ୟରେ ଅଚଳାବସ୍ଥା**

ରାଞ୍ଚି,୧୧।୮: ଝାଡ଼ଖଣ୍ଡର ଚାକିରି ଆଶାୟୀ ଛାତ୍ରଛାତ୍ରୀଙ୍କ ଉପରେ ସୋମବାର ପୁଲିସର ବର୍ବରୋଚିତ ପାଣିମାଡ଼, ଲାଠି ପ୍ରହାର ଓ ଲୁହବୁହା ଗ୍ୟାସ ପ୍ରୟୋଗ ଘଟଣାକୁ ନେଇ ମଙ୍ଗଳବାର ତମାମ ଦିନ ରାଜ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ନିଯୁକ୍ତିଭିତ୍ତିକ ପରୀକ୍ଷାଗୁଡ଼ିକରେ ହୋଇଥିବା ବ୍ୟାପକ ଅନିୟମିତତାକୁ ବିରୋଧ କରି ସୋମବାର ବିଧାନସଭା ଭିତରକୁ ପଶିବା ଲାଗି ଉଦ୍ୟମ କରୁଥିବା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଲାଠି ଚାର୍ଜକୁ 'ବର୍ବରୋଚିତ ଆଚରଣ' ବୋଲି ଦର୍ଶାଇବା ସହ ରାଜ୍ୟ ବିଜେପି ପକ୍ଷରୁ ମଙ୍ଗଳବାର ସକାଳ ୮ଟାରୁ ରାତି ୧୧ଟା ଯାଏ ରାଜ୍ୟବ୍ୟାପୀ ବନ୍ଦ ପାଳନ ହୋଇଛି।

ମଙ୍ଗଳବାର ବିଜେପି କର୍ମୀଙ୍କ ସକ୍ରିୟ ବନ୍ଦ ପାଳନ ଫଳରେ ରାଜ୍ୟର ବହୁସ୍ଥାନରେ ସ୍ୱାଭାବିକ ଜୀବନ ବାଧାପ୍ରାପ୍ତ ହୋଇଛି। ବିଜେପିର ରାଜନୈତିକ ଛାତ୍ର-ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ରାଜ୍ୟର ପୁରୁଣା ବିଧାନସଭା ଆଗରେ ଧାରଣା ଦିଆଯାଇଛି। ବିଜେପିର ପ୍ରଦେଶ ଅଧ୍ୟକ୍ଷ ଆଦିତ୍ୟ ସାହୁ ଦଳୀୟ କର୍ମକର୍ତ୍ତାଙ୍କ ସହ ପ୍ରତ୍ୟକ୍ଷ ଭାବେ ବନ୍ଦ ପାଳନକୁ ତଦାରଖ କରିଛନ୍ତି। ସେମାନଙ୍କ ସହ ଶହ ଶହ ଛାତ୍ର ସାମିଲ ହୋଇଛନ୍ତି। ରାଜଧାନୀ ରାଞ୍ଚି ସମେତ ରାଜ୍ୟର ବହୁ ସ୍ଥାନରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି। ➪ପୃଷ୍ଠା-୬

# ବଜ୍ରପାତରେ ଗଲା ୪ ମହିଳାଙ୍କ ଜୀବନ

- ୮ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ
- ବିଲରେ କାମ କରୁଥିବା ବେଳେ ଅଘଟଣ

ସୁନ୍ଦରଗଡ଼/ବଣାଇ: ଆଜି ଅପରାହ୍ଣରେ ବଜ୍ରପାତ ଘଟିବା ଫଳରେ ଏଥିରେ ୪ ଜଣ ମହିଳା ଶ୍ରମିକଙ୍କ ଜୀବନ ଯାଇଛି। ଆଜି ଘଡ଼ଘଡ଼ି ଓ ବଜ୍ରପାତ ନେଇ ରାଜ୍ୟର ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରୁ ଆସିଛି ଏଭଳି ଦୁଃଖଦ ଖବର। ବିଲରେ ତଳି ରୋଇବା ସମୟରେ କେବଳ ସୁନ୍ଦରଗଡ଼ ଜିଲ୍ଲାରେ ୪ ଜଣ ମହିଳା ଶ୍ରମିକ ଟଳିପଡ଼ିଥିବା ବେଳେ ପାଖାପାଖି ୮ ଜଣ ଶ୍ରମିକ ଆହତ ହୋଇଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ଓ ବଣାଇ ଥାନାଞ୍ଚଳରେ ବଜ୍ରପାତ ହୋଇଥିବା ବେଳେ ବାଲିଶଙ୍କରା ବ୍ଲକ୍‌ର ତଳସରା ଥାନା ଅନ୍ତର୍ଗତ ଚନ୍ଦ୍ରାମାଲ ଗାଁ ବିଲରେ ଛତିଶଗଡ଼ରୁ ଆସିଥିବା ଶ୍ରମିକମାନେ ତଳି ରୋଉଥିଲେ। ଗ୍ରାମର ଜଗଦୀଶ ନାଏକଙ୍କ ବିଲରେ ପାଖାପାଖି ୨୪ ଜଣ ଶ୍ରମିକ କାମ କରୁଥିଲେ। ତେବେ ଏହି ସମୟରେ ଅଚାନକ ବଜ୍ରପାତ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ୮ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ସବା ତିର୍କୀ (୬୦), ଫୁଲ୍‌କି ବାଡ଼ା (୫୫) ଓ ସରସ୍ୱତୀ ତିର୍କୀ (୩୦)। ସେହିପରି ମୃତ ମହିଳା ଦ୍ୱୟ ହେଲେ ଚମ୍ପା ତିର୍କୀ (୭୦) ଓ ସୁଶୀଲା ତିର୍କୀ (୪୯)। ସେମାନଙ୍କ ➪ପୃଷ୍ଠା-୬

### ର୍‍ୟାଗିଙ୍ଗ୍ ବିରୋଧରେ ସରକାରଙ୍କ କଡ଼ା ଆଭିମୁଖ୍ୟ

# କଲେଜରେ ସକ୍ରିୟ ହେବ ଆଣ୍ଟି-ର୍‍ୟାଗିଙ୍ଗ୍ ସ୍କ୍ୱାଡ୍




**ଶିକ୍ଷାର୍ଥୀଙ୍କ ପାଇଁ ସହଜ ପ୍ରବେଶ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ କ୍ୟାମ୍ପସ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନକୁ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ବାଧ୍ୟତାମୂଳକ ସୁରକ୍ଷା କମିଟି ଏବଂ ଆଣ୍ଟି-ର୍‍ୟାଗିଙ୍ଗ୍ ବ୍ୟବସ୍ଥା ଗଠନ କିମ୍ବା ପୁନଃଗଠନ କରିବାକୁ ନିର୍ଦ୍ଦେଶ ଦେଇଛି। ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ଦ୍ୱାରା ଜାରି କରାଯାଇଥିବା ସରକାରୀ ସୂଚନା ଅନୁଯାୟୀ, ବିଭାଗ ଅଧୀନରେ ଥିବା ସରକାରୀ, ବେସରକାରୀ ଏବଂ ଡିମଡ୍-ଟୁ-ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ, ସଂସ୍କୃତ କଲେଜ ଏବଂ ଶିକ୍ଷକ ଶିକ୍ଷା କଲେଜଗୁଡ଼ିକରେ ପ୍ରଯୁଜ୍ୟ। ନିର୍ଦ୍ଦେଶାବଳୀ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ଅଧ୍ୟକ୍ଷମାନଙ୍କୁ ୭ ଦିନର ସମୟସୀମା ମଧ୍ୟରେ ସୁରକ୍ଷା ଢାଞ୍ଚା ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛି। ଅନୁଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ଯେକୌଣସି ପ୍ରଶାସନିକ ଖାଲି ପଦବୀ ପୂରଣ କରି ଅବସରପ୍ରାପ୍ତ, ସ୍ଥାନାନ୍ତରିତ କିମ୍ବା ଇସ୍ତଫା ଦେଇଥିବା ସଦସ୍ୟଙ୍କୁ ବଦଳାଇବା ପାଇଁ ବିଦ୍ୟମାନ କମିଟି ରୋଷ୍ଟର୍‌ଗୁଡ଼ିକର ଏକ ଜରୁରୀ ସମୀକ୍ଷା କରିବାକୁ ବାଧ୍ୟ ବୋଲି କୁହାଯାଉଛି। ନିର୍ଦ୍ଦେଶାବଳୀ ➪ପୃଷ୍ଠା-୬

# ସୋସିଆଲ ମିଡିଆରେ ହୀନ ରାଜନୀତିକୁ ନେଇ ପୁଲିସ ନିରବ



- ମାନହାନି କଲାଭଳି ମାଳ ମାଳ ଭିଡିଓ
- ନେତା ପରେ ପରିବାରକୁ ଟାର୍ଗେଟ୍
- ଏତଲା ଦେବାକୁ ସମସ୍ତେ କୁଣ୍ଠକୁଣ୍ଠ

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ରାଜନୈତିକ ଦଳଗୁଡ଼ିକର ଛଦ୍ମବେଶୀ ସାଇବର ଯୋଦ୍ଧାମାନେ ଦିନକୁ ଦିନ ଅତ୍ୟନ୍ତ ନିମ୍ନରୁଚିର ସମ୍ମାନହାନି କଲା ଭଳି ଭିଡିଓମାନ ଜାରି କରୁଥିବା ବେଳେ ପୁଲିସ୍ ନୀରବତା ଅବଲମ୍ବନ କରୁଛି। ଫଳରେ ଏଭଳି କାର୍ଯ୍ୟରେ ଲିପ୍ତ ରାଜନୈତିକ ଦଳ ଓ ସେମାନଙ୍କ ଚେଲା ଚାମୁଣ୍ଡାମାନଙ୍କର ସାହସ ବଢ଼ିବା ଦିନକୁ ଲକ୍ଷ୍ମଣ ରେଖା ଟପିବାକୁ ବି ପଛାଉ ନାହାନ୍ତି।

ଅନ୍ୟ ଦଳ ଓ ତାହାର ନେତାମାନଙ୍କୁ ନୀଚ ଦେଖାଇବା ପାଇଁ ବିଭିନ୍ନ ଦଳ ଏବେ ଛଦ୍ମବେଶୀ ସାଇବର ଯୋଦ୍ଧାମାନଙ୍କୁ ନିୟୋଜିତ କରିଛନ୍ତି। କେତେକ ନେତା ମଧ୍ୟ ବ୍ୟକ୍ତିଗତ ସ୍ତରରେ ଏଭଳି ନିଯୁକ୍ତି ଦେଉଛନ୍ତି। ଏମାନଙ୍କର କାମ ହେଲା ପ୍ରତିପକ୍ଷଙ୍କ କୁତ୍ସାରଟନା କରିବା। ସମ୍ମାନହାନି ହେଲା ଭଳି ଏଆଇ ଭିଡିଓ ପ୍ରସ୍ତୁତ କରି ତାହାକୁ ବିଭିନ୍ନ ସୋସିଆଲ ମିଡିଆରେ ନକଲି ନାଁରେ ପୋଷ୍ଟ ଓ ଭାଇରାଲ କରିବା। ଭିଡିଓ ଯେତେ ଭାଇରାଲ ହେବ, ସେହି ଅନୁଯାୟୀ ବେତନ ନିର୍ଦ୍ଧାରଣ କରାଯାଉଛି। ଏହି କୁତ୍ସାରଟନାକାରୀ ସାଇବର ଯୋଦ୍ଧାମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିରୋଧୀ ଦଳ ନେତା ଏପରିକି ରାଜନୈତିକ ଦଳର ତଳିଆ କର୍ମୀ, କାହାରିକୁ ଛାଡୁନାହାନ୍ତି।

ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକମାନଙ୍କର ସମ୍ମାନହାନି ହେଲା ଭଳି ସୋସିଆଲ ମିଡିଆରେ କୌଣସି ପୋଷ୍ଟ ହେଲେ ପୁଲିସ୍ ନିଜଆଡୁ ମାମଲା ରୁଜୁ କରିବାର ବ୍ୟବସ୍ଥା ରହିଛି। ଏଥିପାଇଁ ରାଜ୍ୟ ପୁଲିସ୍‌ର ସାଇବର ସେଲ୍ ବି ରହିଛି। ଏଥିସହ ଯେଉଁମାନେ ଏଥିରେ ପ୍ରଭାବିତ ହୋଇଥାନ୍ତି, ସେମାନେ ମଧ୍ୟ ପୁଲିସରେ ଅଭିଯୋଗ କରିପାରିବେ।

ହେଲେ ଦେଖାଯାଉଛି ଯେ ଏଭଳି ମାନହାନି କଲା ଭଳି ମାଳ ମାଳ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ବେଳେ ପୁଲିସ୍ ନିଜଆଡୁ ଆଦୌ ମାମଲା ରୁଜୁ କରୁନାହିଁ ବୋଲି କହିଲେ ଚଳେ। ସାଇବର ବିଶେଷଜ୍ଞମାନଙ୍କ ମତରେ ପୁଲିସ୍ ଯଦି ନିଜଆଡୁ ମାମଲା ରୁଜୁ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତା, ତେବେ ସମାଜରେ ସମ୍ମାନହାନି ଭଳି ଏଭଳି ଭିଡିଓ କିମ୍ବା ଲେଖା ସୋସିଆଲ ମିଡିଆରେ ଘୂରି ବୁଲନ୍ତା ନାହିଁ।

ସବୁଠାରୁ ବଡ଼ କଥା ହେଲା କିଛିଦିନ ଧରି ରାଜନୈତିକ ନେତାମାନଙ୍କୁ ସୋସିଆଲ ମିଡିଆରେ ନିଶାଣ କରାଯାଉଥିବା ବେଳେ ଏବେ ସେମାନଙ୍କ ପରିବାର ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହେଲାଣି। ଫଳରେ ନେତାଙ୍କ ସହ ସେମାନଙ୍କ ପିଲାମାନେ ମଧ୍ୟ ନିଜକୁ ଅପମାନିତ ଅନୁଭବ କରୁଛନ୍ତି। ନିଜ ପତିଆରା ବୃଦ୍ଧି ପାଇଁ ସୋସିଆଲ ମିଡିଆରେ ଅନ୍ୟର ଏଭଳି କୁତ୍ସାରଟନା ଓ ସମ୍ମାନହାନି ସୂଚକ ଲେଖା ଓ ଫଟୋଚିତ୍ର ବିରୋଧରେ ପୁଲିସ୍ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଏହି ବ୍ୟାଧିରେ ଅନେକ ପୀଡ଼ିତ ହେବେ ଓ ଏହାକୁ ନେଇ ଅପରାଧମାନ ଘଟିବ ବୋଲି ସମାଜବିଜ୍ଞାନୀ ଓ ସାଇବର ବିଶେଷଜ୍ଞମାନେ ସତର୍କ କରାଇଦେଲେଣି।

## ତେରଗାଁରେ ତ୍ରିରଙ୍ଗା ଶୋଭାଯାତ୍ରା



ମହାକାଳପଡ଼ା,୧୧।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତରେ ମଙ୍ଗଳବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କ୍ରାନ୍ତି ଦିବସ ଅବସରରେ ଆୟୋଜିତ ଏହି ଶୋଭାଯାତ୍ରାରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ସାମିଲ ହୋଇଥିଲେ। ତାଙ୍କ ସହ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ଭାଜପା କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ସେଠୀ, ଜିଲ୍ଲା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଦୀପ ସେଠୀ, ମହାକାଳପଡ଼ା ସଦର ମଣ୍ଡଳ ସଭାପତି ସୌବାଲ୍ୟ ବାହାଲିଆ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ବିକ୍ରମ ସାହୁ, କିଶୋର ସ୍ୱାଇଁ, ଜୀବନ ନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ତେରଗାଁଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟକର୍ତ୍ତା, ଜନସାଧାରଣଙ୍କ ସମେତ ଶତାଧିକ ମହିଳା ଗୋଷ୍ଠୀ ସଦସ୍ୟା ସାମିଲ ହୋଇଥିଲେ।

## ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ସଫଳତା



କେନ୍ଦ୍ରାପଡ଼ା,୧୧।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ସରସ୍ୱତୀ ଶିଶୁ ମନ୍ଦିରରେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ କୁମାରୀ ଆଦ୍ୟାଶା ପଣ୍ଡା ଓଡିଶା ଓ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଚତୁର୍ଥ ଶ୍ରେଣୀ ବୃତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି । ପ୍ରଥମ ଶ୍ରେଣୀ ଠାରୁ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରି ବିଭିନ୍ନ ସମୟରେ ପୁରସ୍କୃତ ହେବା ସହ ସଙ୍ଗୀତ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ମାନପତ୍ର ଲାଭ କରିବା ସହ ସମ୍ବର୍ଦ୍ଧିତ ହୋଇଛନ୍ତି । ଶିକ୍ଷା ବିକାଶ ସମିତି କେନ୍ଦ୍ରାପଡା ଜିଲ୍ଲା ସଙ୍କୁଳ ତତ୍ତ୍ୱାବଧାନ ରେ ହୋଇଥିବା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି "ସଂସ୍କୃତି ବିଜ୍ଞାନ ପ୍ରଶ୍ନ ମଂଚ" ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ମାନପତ୍ର ଲାଭ କରିବା ସହ ପ୍ରାଦେଶିକ ମେଧା ପରୀକ୍ଷା, ପ୍ରଜ୍ଞାନ ମିଶନ ଜଗତପୁର ଦ୍ୱାରା ପରିଚାଳିତ ପ୍ରତିଭା ବୃଦ୍ଧି ଜ୍ଞାନ ପରୀକ୍ଷାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଶ୍ରୀ ବଳଦେବଜୀଉଙ୍କ ନିଳାଦ୍ରିବିଜେ କାର୍ଯ୍ୟକ୍ରମ ରେ ନୃତ୍ୟ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି ।

## ଅର୍ବାନ ବ୍ୟାଙ୍କ ପୁରୁଣା ବସଷ୍ଟାଣ୍ଡ ଶାଖା ସ୍ଥାନାନ୍ତରିତ

କେନ୍ଦ୍ରାପଡ଼ା,୧୧।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ପୁରୁଣା ବସଷ୍ଟାଣ୍ଡ ଶାଖାଟି ଏବେ ବଳଗଣ୍ଡିର ମହାଭୋଇ ପୋଖରୀ ସମ୍ମୁଖ କୋଠାକୁ ସ୍ଥାନାନ୍ତର ହୋଇଯାଇଛି । ତେଣୁ ସମସ୍ତ ଗ୍ରାହକ, ଋଣଧାରୀ, ଶୁଭେଛୁ ମାନେ ଏହି ନୂତନସ୍ଥାନକୁ ସେମାନଙ୍କ ପୁରୁଣା ବସଷ୍ଟାଣ୍ଡ ଶାଖାରେ ଥିବା କାର୍ଯ୍ୟ ନିମନ୍ତେ ଆସିବାକୁ ବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଅର୍ବାନକୋପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ମନ କୀ ବାତ୍ ସଂଯୋଜକ ହେଲେ ଅସିତ ଧଳ



କେନ୍ଦ୍ରାପଡ଼ା,୧୧।୮(ସଂଚାର ବ୍ୟୁରୋ): ବିଜେପି ଯୁବନେତା ଅସିତ କୁମାର ଧଳଙ୍କୁ ମନ କୀ ବାତ୍ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ବ୍ଲକର ୭ନମ୍ବର ଜୋନ ମା'ପଥରକଣୀ ମଣ୍ଡଳର ଭାରତୀୟ ଜନତା ପାର୍ଟି ପକ୍ଷରୁ ମନକିବାତ୍ ର ସଂଯୋଜକ ଭାବେ ଯୁବନେତା ଅସିତ ଧଳଙ୍କୁ ମନୋନିତ କରାଯାଇଛି । ଏହି ନିଯୁକ୍ତି ନିମନ୍ତେ ଶ୍ରୀ ଧଳ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ପ୍ରିୟ ନାରୀନେତ୍ରୀ ଗୀତାଞ୍ଜଳୀ ସେଠୀ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ମନକିବାତ୍ ଜିଲ୍ଲା ପ୍ରଭାରୀ ତେଜେଶ୍ୱର ପରିଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### କେନ୍ଦ୍ରାପଡ଼ା ଜିଲ୍ଲାରେ ବିନା କାଗଜପତ୍ରରେ ଚାଲୁଛି

# ମାଳ ମାଳ କ୍ଲିନିକ୍, ପାଥୋଲାବ୍

### ବାଜି ଲାଗିଛି ରୋଗୀଙ୍କ ଜୀବନ

### କାଗଜ କଲମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ



କେନ୍ଦ୍ରାପଡ଼ା,୧୧।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟ ସମେତ ଏବେ ଆଖପାଖ ସହର ଓ ଗ୍ରାମାଞ୍ଚଳରେ ବଢ଼ିଗଲାଣି ଘରୋଇ କ୍ଲିନିକ୍ ଓ ପାଥୋଲାବ୍ ସଂଖ୍ୟା । କିନ୍ତୁ ଏଥିରୁ ପ୍ରାୟ ବେଆଇନ ଭାବେ ଅଞ୍ଚଳରେ ସଂଖ୍ୟାଧିକ ବେଆଇନ କ୍ଲିନିକ୍ ଓ ପାଥୋଲାବ୍ ସକ୍ରିୟ ରହିଛି । ପ୍ରାୟ କିଛି ବର୍ଷ ଧରି ପ୍ରଶାସନ ପକ୍ଷରୁ ଯାଞ୍ଚ୍ କରାଯାଉନଥିବା ଜଣାପଡିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ସଂଖ୍ୟାଧିକ କ୍ଲିନିକ୍ ଓ ପାଥୋଲାବ୍ ଚାଲୁଥିବାରୁ ରୋଗୀଙ୍କ ଜୀବନ ବିପଦରେ ପଡୁଛି। ଏ ଦିଗରେ ପ୍ରଶାସନର ନଜର ପଡୁନାହିଁ। ବିଶେଷ କରି କେନ୍ଦ୍ରାପଡ଼ା ଟାଉନ୍ ସ୍ଥିତ ସଂଖ୍ୟାଧିକ ବେଆଇନ୍ କ୍ଲିନିକ୍ ଓ ପାଥୋଲାବ୍ ପଞ୍ଜୀକୃତ ନଥିବା ମିଳିଥିବା ତଥ୍ୟରୁ ଜଣାପଡିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୧୦୦ରୁ ଅଧିକ କ୍ଲିନିକ୍ ଓ ନର୍ସିହୋମ୍ ରହିଛି।

ମିଳିଥିବା ତଥ୍ୟ ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ନର୍ସିଂ ହୋମ୍ ୨୪ଟି ରହିଥିବା ବେଳେ ୩୮ଟି ପାଥୋଲାବ୍ ରହିଛି।ସେଥି ମଧ୍ୟରୁ କେନ୍ଦ୍ରାପଡ଼ା ଟାଉନ୍ ରେ ୧୨ଟି ନର୍ସିଂ ହୋମ୍ ଥିବା ବେଳେ ୧୯ଟି କ୍ଲିନିକ୍ ରହିଥିବା ସରକାରୀ ତଥ୍ୟରୁ ଜଣାପଡିଛି। କେନ୍ଦ୍ରାପଡ଼ା ସହରରେ ପ୍ରଶାସନର ନଜର ପରିଧି ଭିତରେ ରହୁନଥିବାରୁ ଏଠାରେ ବେଆଇନ କାର୍ଯ୍ୟକଳାପ କରିବାକୁ ଭୟ ଗୋଡ଼ାଇଛି। ତେଣୁ କେନ୍ଦ୍ରାପଡ଼ା ସହରରେ କ୍ଲିନିକ୍, ନର୍ସିଂହୋମ୍ ଓ ପଥୋଲାବ୍ ଖୋଲି ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ଏବେ ଜିଲ୍ଲାର ବିଭିନ୍ନ ଗ୍ରାମଞ୍ଚଳକୁ ବ୍ୟବସାୟକୁ ପରିବ୍ୟାପ୍ତ କରିଛନ୍ତି। କିଛି ବ୍ୟବସାୟୀ କେନ୍ଦ୍ରାପଡ଼ା ସହରର ପଞ୍ଜୀକରଣ ଅନୁସାରେ ଗ୍ରାମାଞ୍ଚଳରେ ମନଇଚ୍ଛା କ୍ଲିନିକ୍ ଓ ପାଥୋଲାବ୍ ଚଳାଉଥିବା ବେଳେ ଅନେକ ଆଦୌ ପଞ୍ଜୀକରଣ ବି କରୁନାହାନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲାରେ ଲାଇସେନ୍ସ ନଥାଇ ଏବଂ ବାୟୋମେଡିକାଲ୍ ୱେଷ୍ଟ ନିୟମ ନମାନି ଅନେକ ଘରୋଇ କ୍ଲିନିକ୍ ଓ ପାଥୋଲାବ୍ ପରିଚାଳିତ ହେଉଛି। କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ବାବଦରେ ପ୍ରଶାସନ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

## ୪ ମାସ ହେବ ମିଳୁନି ଭତ୍ତା, ଦୁର୍ଦ୍ଦିନରେ ବୃଦ୍ଧ,ବୃଦ୍ଧା ଓ ଭିନ୍ନକ୍ଷମ

କେନ୍ଦ୍ରାପଡ଼ା,୧୧।୮(ସଂଚାର ବ୍ୟୁରୋ): ବିଗତ ୪ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା । ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି । ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତ୍ତା ଗଣ୍ଡାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ । କିନ୍ତୁ ଗତ ୪ମାସ ହେବ ଭତ୍ତା ଗଣ୍ଡାକ ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି । କିନ୍ତୁ ଏହିସବୁ ସାମାଜିକ ନିରାପତ୍ତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା ଲକ୍ଷ୍ୟଭ୍ରଷ୍ଟ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତ୍ତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି। ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବିରତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି ।

୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ କହିଛନ୍ତି। ସେ କହିଛନ୍ତି ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ । ତେଣୁ ବାସ୍ତବରେ ବିଜେପି ସରକାର ଚଳାଇବାରେ ନିଜକୁ ଭିନ୍ନକ୍ଷମ ବୋଲି ପରିଚୟ ଦେଇଛି। ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତ୍ତା ଦେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ପରିଣତ ବୟସରେ ଏହି ଭତ୍ତା ଉପରେ ନିର୍ଭରକରି ଚଳୁଥିବା ୮୬ବର୍ଷର ବୃଦ୍ଧ ଭରତପୁର ଗ୍ରାମ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ରାଜକିଶୋର ମହାନ୍ତି, ହରିଡାଦଣ୍ଡା ଗ୍ରାମର ଶରତ ସାମଲ, ଭରତପୁର ଗ୍ରାମର ଶ୍ରୀଧର କୁମାର ସ୍ୱାଇଁଙ୍କ ସମେତ ବହୁ ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧାମାନେ ଏ ନେଇ ପ୍ରଶାସନ ଓ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

ଏସମ୍ପର୍କରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ରାଜ୍ୟ ସ୍ତରରୁ ଭତ୍ତା ହିତାଧିକାରୀଙ୍କ ଆକାଉଣ୍ଟ କୁ ଅର୍ଥ ଆସୁନି। କିଛି ବୈଷୟିକ ତୃଟି ଯୋଗୁଁ ଏଭଳି ହୋଇଛି । ଆମେ ଏସମ୍ପର୍କରେ ଉଚ୍ଚ କର୍ତୃପକ୍ଷ ଙ୍କୁ ଅବଗତ କରାଇଛୁ । ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି ।

### ତିଖିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

## ବିନାନୁମତିରେ ଫଳାଫଳ ଘୋଷଣା ନକରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମହାକାଳପଡ଼ା,୧୧।୮(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ନୂଆ ମୋଡ଼ ଦେଖାଦେଇଛି। ପଞ୍ଚାୟତର ୨୨ ଜଣ ୱାର୍ଡ ସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୨୧ ଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଉପଜିଲ୍ଲାପାଳଙ୍କ ସମ୍ମୁଖରେ ସମସ୍ତଙ୍କ ଦସ୍ତଖତ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା।

ଆସନ୍ତା ଅଗଷ୍ଟ ୧୩ ତାରିଖରେ ଅନାସ୍ଥା ଭୋଟ ଗ୍ରହଣ ହେବାକୁ ଥିବାବେଳେ, ଏହାକୁ ବିରୋଧ କରି ସରପଞ୍ଚ ଚାମେଲି ଓଝା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ଏହି ମାମଲାରେ ଶୁଣାଣି କରି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନାସ୍ଥା ଭୋଟ ଗ୍ରହଣ ପ୍ରକ୍ରିୟା ଜାରି ରହିପାରିବ।

ତେବେ ହାଇକୋର୍ଟଙ୍କ ଅନୁମତି ନମିଳିବା ପର୍ଯ୍ୟନ୍ତ ଭୋଟର ଫଳାଫଳ ଘୋଷଣା କରାଯାଇ ପାରିବ ନାହିଁ। ଫଳରେ ଅଗଷ୍ଟ ୧୩ରେ ହେବାକୁ ଥିବା ଅନାସ୍ଥା ଭୋଟକୁ ନେଇ ଏବେ ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଜିଲ୍ଲାପାଳଙ୍କ ପଟ୍ଟାମୁଣ୍ଡାଇ ହସ୍ପିଟାଲ ପରିଦର୍ଶନ



ପଟ୍ଟାମୁଣ୍ଡାଇ,୧୧।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ତହସିଲରେ ରାଜସ୍ୱ ମାମଲା ଜନଶୁଣାଣୀ ଶିବିରରେ ଯୋଗ ଦେଇ ରାଜସ୍ୱ ମାମଲାର ଶୁଣାଣୀ କରିଥିଲେ। ତହସିଲରେ କାର୍ଯ୍ୟରତ ବିଭିନ୍ନ ରାଜସ୍ୱ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ଡାକି ବିଭିନ୍ନ ରାଜସ୍ୱ ମାମଲା, ଖଜଣା ଆଦାୟ ଓ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହା ପରେ ଜିଲ୍ଲାପାଳ ଅଚାନକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିଦର୍ଶନ କରି ହସ୍ପିଟାଲର ସାମରିକ ରୋଗୀ ସେବା ବନ୍ୟା ବିପନ୍ନ ଅଂଚଳରେ ସ୍ୱାସ୍ଥ୍ୟସେବା ଆଦି ବୁଝି ଥିଲେ । ବିଭିନ୍ନ ୱାର୍ଡକୁ ଯାଇ ରୋଗୀ ମାନଙ୍କ ହସ୍ପିଟାଲ ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ରୋଗୀମାନଙ୍କୁ ପଚାରି ଥିଲେ। ଏଥି ସହିତ ନିରାମୟ ଯୋଜନାରେ ମାଗଣା ଔଷଧ ବିତରଣ ବ୍ୟବସ୍ଥା ବୁଲି ଦେଖି ଥିଲେ । ରୋଗୀଙ୍କ ଉତ୍ତମ ସେବା ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅତ୍ୟାଧୁନିକ ଯନ୍ତ୍ରାଂଶର ସ୍ଥିତି ଓ କାର୍ଯ୍ୟକାରୀତା ସମ୍ପର୍କରେ ବୁଝିଥିଲେ । ଶେଷରେ ଜିଲ୍ଲାପାଳ ଉଭୟ ବନ୍ୟା ଓ ବର୍ଷା ବିପନ୍ନ ଲୋକମାନଙ୍କୁ ଉତମ ରୋଗୀ ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିଦର୍ଶନବେଳେ ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡା ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଓ ହସ୍ପିଟାଲର ଡାକ୍ତର କର୍ମଚାରୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ।

## ପୂର୍ତ୍ତବିଭାଗ ରାସ୍ତା ପାଲଟିଛି ମରଣଯନ୍ତା

### ଦୁର୍ଘଟଣାରେ କ୍ଷତାକ୍ତ ହେଉଛନ୍ତି ଲୋକେ

### ନାହିରେ ତେଲ ଦେଇ ଶୋଇଛି ବିଭାଗ



ମହାକାଳପଡ଼ା,୧୧।୮(ସଂଚାର ବ୍ୟୁରୋ): ପୂର୍ତ୍ତବିଭାଗ ରାସ୍ତା ଏବେ ପୋଖରୀ ପାଲଟିଛି। ରାସ୍ତା ଉପରେ ଜମି ରହୁଥିବା ବର୍ଷାଜଳ ଯୋଗୁଁ ଏହା ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୀର୍ଘ ବର୍ଷ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଦିଗରେ ବିଭାଗୀୟ ତତ୍ପରତା ଦେଖାଯାଉ ନଥିବାରୁ ଅସନ୍ତୋଷ ବଢ଼ିଛି।

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ପୁରୁଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ଢଳେଇ ଓ ପିଚୁ ରାସ୍ତାର ସଂଯୋଗସ୍ଥଳରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ଜଳନିଷ୍କାସନର ସୁବିଧା ନଥିବାରୁ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ପାଣି ଭିତରେ ରାସ୍ତାର ଅବସ୍ଥା ସ୍ପଷ୍ଟ ଦେଖାଯାଉ ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ କ୍ଷତାକ୍ତ ହେଉଥିବା ଅଭିଯୋଗ ହେଉଛି।

ଏହି ରାସ୍ତାଟି ପୂର୍ତ୍ତବିଭାଗର ଅଙ୍ଗୁଳାଇ-ବଢ଼ିହି ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ବସ୍, ଟ୍ରକ୍ ସମେତ ହଜାର ହଜାର ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଯାତାୟାତର ଏହା ଏକ ପ୍ରମୁଖ ମାଧ୍ୟମ। ଏହାଛଡ଼ା ବିଦ୍ୟାଳୟର ଛାତ୍ରଛାତ୍ରୀ, କଲେଜ ପିଲାଙ୍କ ସହିତ ଦୈନନ୍ଦିନ ଯାତ୍ରୀମାନେ ମଧ୍ୟ ଏହି ରାସ୍ତା ବ୍ୟବହାର କରୁଛନ୍ତି। ସମସ୍ୟା ସମ୍ପର୍କରେ ପୂର୍ବରୁ ଅର୍ଥାତ୍ ଏକ ବର୍ଷ ପୂର୍ବେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନାହିଁ।

ବାରମ୍ବାର ଏ ରାସ୍ତା ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ପ୍ରଶାସନ ତତ୍ପରତା ଦେଖାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୁଖ୍ୟ ରାସ୍ତା ଦେଇ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏହି ସମସ୍ୟା ଉପରେ ନଜର ପଡୁନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଓ ଯାତ୍ରୀମାନେ ଦାବି କରିଛନ୍ତି।

## 'ଜାତୀୟ ଶିକ୍ଷାନୀତି-୨୦୨୦' ଆଲୋଚନାଚକ୍ର ଉଦ୍‌ଯାପିତ




ସତ୍ୟବାଦୀ,୧୧।୮(ସଂଚାର ବ୍ୟୁରୋ): "ଆଧ୍ୟାତ୍ମିକ ବିକାଶ ଓ ଭାରତୀୟ ଜ୍ଞାନ ପ୍ରଣାଳୀ ମାଧ୍ୟମରେ ଉଚ୍ଚଶିକ୍ଷାର ରୂପାନ୍ତରୀକରଣ: ଜାତୀୟ ଶିକ୍ଷାନୀତି-୨୦୨୦" ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଆର୍ଟ ଅଫ୍ ବ୍ଲିସ୍ ଓ ଆର୍ଟ ଅଫ୍ ପିସ୍‌ର ମିଳିତ ସହଯୋଗରେ କୁଳପତି ପ୍ରଫେସର ଡଃ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରୀଜଗନ୍ନାଥଙ୍କୁ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱାଗତ ଭାଷଣରେ କୁଳପତି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ।

ଆଲୋଚନାଚକ୍ରରେ ପ୍ରଫେସର ପ୍ରସନ୍ନ କୁମାର ମହାପାତ୍ର, ଡଃ ଦେବ ପ୍ରସାଦ ଦାଶ, ଶ୍ରୀଲ ଭକ୍ତି ବିଚାର ବିଷ୍ଣୁମହାରାଜ, ମହାତ୍ମା ସ୍ୱାମୀ ଶୁଭାନନ୍ଦ ମହାରାଜ, ଡଃ ନରହରି ମିଶ୍ର, ଡଃ ପ୍ରମୋଦ ଚନ୍ଦ୍ର ଦାଶ, ସଂସ୍କୃତ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପୂଜ୍ୟ ନିର୍ମଳାନନ୍ଦ ଗିରି ମହାରାଜ, ପ୍ରଫେସର ଜି.ସି. ନନ୍ଦଙ୍କ ସମେତ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ଜାତୀୟ ଶିକ୍ଷାନୀତିରେ ଆଧ୍ୟାତ୍ମିକତା, ଭାରତୀୟ ଜ୍ଞାନ ପରମ୍ପରା, ଗୁରୁକୁଳ ଶିକ୍ଷା ଓ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଶ୍ରୀଲ ଭକ୍ତି ବିଚାର ବିଷ୍ଣୁମହାରାଜ, ମହାତ୍ମା ସ୍ୱାମୀ ଶୁଭାନନ୍ଦ ମହାରାଜ, ଡଃ ନରହରି ମିଶ୍ର ଓ ଡଃ ପ୍ରମୋଦ ଚନ୍ଦ୍ର ଦାଶଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଛାତ୍ର ସାଇ ପ୍ରସାଦ ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡଃ ରାଧାଗୋବିନ୍ଦ କୁଇଲା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସର୍ପାଘାତରୁ ଅଳ୍ପକେ ବର୍ତ୍ତିଲେ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟା

ନୀଳଗିରି,୧୧।୮(ସଂଚାର ବ୍ୟୁରୋ):ରାତ୍ରି ଭୋଜନ ପରେ ସପରିବାର ଶୋଇବାକୁ ଯାଇଥିଲେ। ଠିକ ଏତିକି ବେଳେ ବିଛଣା ପାଖରେ ଥିଲା ମୃତ୍ୟୁ। ବିଷଧର ସାପ ଗର୍ଜନ ଶୁଣି ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟା। ବିଛଣା ପାଖରୁ ୭ ଫୁଟ ଲମ୍ବର ବାରାଚିତି ସାପ ଉଦ୍ଧାର କରାଯାଇଥିଲା । ଏଭଳି ଏକ ହୃଦୟସ୍ପର୍ଶୀ ଘଟଣା ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସନ୍ତରାଗଡ଼ିଆ ଗ୍ରାମର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ମାଳତୀ ମାଝୀଙ୍କ ଘରେ ଘଟିଛି। ପରେ ଈଶ୍ୱରପୁର ଅଞ୍ଚଳର ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାବଣ ଓରଫ ଶିବଶଙ୍କର ମଢୁଆଳ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ୭ ଫୁଟ ଲମ୍ବର ଏକ ବିଷଧର ବାରାଚିତି ସାପକୁ ଉଦ୍ଧାର କରି କୁଲଡିହା ଅଭୟାରଣ୍ୟ ପାଦଶେଷରେ ଛାଡିଥିଲେ।

## ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ



ଫୁଲବାଣୀ,୧୧।୮(ସଂଚାର ବ୍ୟୁରୋ): ପ୍ରଶାସନ ନିକଟରେ ପକ୍କା ରାସ୍ତା ପାଇଁ ବାରମ୍ବାର ନିବେଦନ କରି ନିରାଶ ହୋଇ ଶେଷରେ ନିଜସ୍ୱ ଖର୍ଚ୍ଚରେ ରାସ୍ତା ନିର୍ମାଣ କରିଛନ୍ତି ଗ୍ରାମବାସୀ। ଏଭଳି ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତର ଉପର ଡାଙ୍ଗାଣାମୁ ଗ୍ରାମରେ ଭାଟୁଲୁ ଗ୍ରାମ ଠାରୁ ଡାଙ୍ଗାଣାମୁ ଗ୍ରାମ ରାସ୍ତା ପ୍ରାୟ ଦେଢ କି.ମି. ହୋଇଥିବା ବେଳେ ବର୍ଷାଦିନ ଆସିଲେ ଉଭୟ ଗ୍ରାମର ଜନସାଧାରଣ ଅସୁବିଧା ଭୋଗିଥାନ୍ତି। ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ନେଇଥାନ୍ତି ବାରମ୍ବାର ଅଭିଯୋଗ ପରେ ୨୦୨୨ ମସିହାରେ ପ୍ରଶାସନ ଉକ୍ତ ରାସ୍ତା ନିର୍ମାଣ ଟଙ୍କା ମଞ୍ଜୁରୀ ହୋଇଥିଲା। ଠିକାଦାର ମାତ୍ର ଦେଢ କି.ମି. ରାସ୍ତା କାମ କରି ଉଭାନ ହୋଇଯାଇଛି ସେହି ଦିନରୁ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି।

ଗ୍ରାମବାସୀଙ୍କ ବାରମ୍ବାର ଅବଗତ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ସବୁସ୍ତରରେ ନିରାଶ ହୋଇ ଗ୍ରାମବାସୀ ଚାନ୍ଦା ଆଦାୟ କରି ଜଙ୍ଗଲରୁ ପଥର, ମେଟାଲ, ମୋରମ ଆଦି ଆଣି ରାସ୍ତା ମରାମତି କରିଛନ୍ତି। ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ କରାଗଲେ ମାନପଦର, ନିଆଯାଉ ନାହିଁ ଶାଗଦୋହଲା, କଟଡିଶୀଲା, ଟୁକପଦର, ପିଲପଦର, ଭାଟଖୁରି, ଲାକାସିପି, ତଳଡାଙ୍ଗାଣାମୁ ଓ ବୁଗେରାମାସ୍କା ଗ୍ରାମର ଗ୍ରାମବାସୀ ଉପକୃତ ହୁଅନ୍ତେ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଫ୍ଲଟିଂ ସ୍କିମ୍ ରାସ୍ତାରେ ଚକ ନାଳି ମିଶାଇଦେଲା ବିଲଡର



ବାଲିଅନ୍ତା,୧୧।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ବେଣ୍ଟପୁର ପଞ୍ଚାୟତ ଅଧୀନ ନିମାପଡା ବ୍ରାଞ୍ଚ କେନାଲରୁ ବାହାରିଥିବା ଦିୱାନପାଟଣା ଚକ କାଡା ନାଳି ବିଲଡର ପୋତିଦେବାକୁ ନେଇ ଚାଷୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ଯାହାଫଳରେ ଜଳ ନିଷ୍କାସନ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି ହୋଇଛି।

ବିଲଡର କାଡା ନାଳି ପୋତିଦେବା ଏବଂ କଲଭର୍ଟ ମୁହଁ ପୋତି ଦିଆଯିବା ନେଇ ଚାଷୀମାନେ କାଡା ନାଳି, ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ବେଣ୍ଟପୁର ଜଳ ସେଚନ ସେକସନ ସହକାରୀ ଯନ୍ତ୍ରୀ, ବାଲିପାଟଣା କେନାଲ ସବ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ, ବାଲିଅନ୍ତା ତହସିଲଦାର, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ହେଲେ ଚାଷୀମାନେ ଅଭିଯୋଗ ଦେବାର ଏହା ମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ବିଲଡର ଅବରୋଧ କରିଥିବା ଜଳ ନିଷ୍କାସନ ପଥ ଉଚ୍ଛେଦ କରାଯିବା ଦିଗରେ କିଛି ପଦକ୍ଷେପ ଗ୍ରହଣ ନିଆଯାଉ ନାହିଁ।

ଗ୍ରାମବାସୀଙ୍କ କହିବା ଅନୁସାରେ ଦିୱାନପାଟଣା ମୌଜାରେ ବିଲଡର ଚକ ଜମି ଭିତରେ ଥିବା ସାଢେ ୮ ଫୁଟ ଚଉଡାରେ ଗୋଟିଏ ଏବଂ ସାଢେ ୫ ଫୁଟ ଚଉଡାରେ ୨ଟି କାଡା ନାଳି କବଜା କବଜା କରି ଫ୍ଲଟିଂ ସ୍କିମକୁ ଯାତାୟାତ ପାଇଁ ରାସ୍ତାରେ ମିଶାଇ ଦେଇଛି । ନିମାପଡା ବ୍ରାଞ୍ଚ କେନାଲରୁ ପାଣି ଦିୱାନପାଟଣା କଲଭର୍ଟରେ ବାହାରି ବିଲଡର ଫ୍ଲଟିଂ ସ୍କିମ ବାଟ ଦେଇ ଖରିପଡ଼ିଆ ଶଙ୍ଖରେ ମିଶୁଥିଲା। ଏବେ ଗହୀର ବୁଡି ଯିବା ଦ୍ୱାରା ବର୍ଷା ପାଣି ନିଷ୍କାସନ ସମସ୍ୟା ଦେଖା ଦେବା ସହ ଜଳ ଯୋଗାଣ ସମସ୍ୟା ଉପୁଜିବ । ଏସମ୍ପର୍କରେ ବେଣ୍ଟପୁର ସେକସନ ସହକାରୀ ଯନ୍ତ୍ରୀ ସୁରେଶ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରାଯିବାରେ କେନାଲ କିମ୍ବା କଲଭର୍ଟରେ ପାଣି ଯାଉନଥିଲେ ପୁନରୁଦ୍ଧାର ଏବଂ ସଫେଇ ତାଙ୍କର ଦାୟିତ୍ୱ ପରିସରଭୁକ୍ତ କିନ୍ତୁ କାଡା ନାଳି ଖନନ କିମ୍ବା ଉଚ୍ଛେଦ କାଡା ବିଭାଗର ବୋଲି କହିଛନ୍ତି ।

### ତିନିଦିନିଆ 'ଲକ୍ଷପତି ଦିଦି' କର୍ମଶାଳା ଉଦ୍‌ଘାଟିତ

## ୧୪ କୋଟି ୨୫ ଲକ୍ଷ ଟଙ୍କାର ଋଣ ବଣ୍ଟନ



ହୁମ୍ମା,୧୧।୮(ସଂଚାର ବ୍ୟୁରୋ): ମହିଳାଙ୍କୁ ଆତ୍ମନିର୍ଭର କରିବା ଓ ଆୟ ବୃଦ୍ଧି ଲକ୍ଷ୍ୟରେ ଗଞ୍ଜାମ ବ୍ଲକରେ ତିନିଦିନିଆ 'ଲକ୍ଷପତି ଦିଦି' କର୍ମଶାଳା ଉଦ୍‌ଘାଟିତ ହୋଇଛି। ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।

ପ୍ରଥମ ଦିନରେ ୧୨୦ଟି ଏସ୍‌ଏଚ୍‌ଜିକୁ ୩ କୋଟି ୭୦ ଲକ୍ଷ ଟଙ୍କାର ଋଣ, ୯୪ ଜଣ 'ଲକ୍ଷପତି ଦିଦି'ଙ୍କୁ ୧ କୋଟି ୫ ଲକ୍ଷ ଟଙ୍କା ଏବଂ ୧୨୦ଟି ଏସ୍‌ଏଚ୍‌ଜିକୁ ବ୍ୟାଙ୍କ ପକ୍ଷରୁ ୯ କୋଟି ୫୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଏଥିସହ ମହିଳାଙ୍କୁ ଜୀବିକା, ବ୍ୟବସାୟ, ବ୍ୟାଙ୍କ ଋଣ ଓ ବଜାର ସୁବିଧା ସମ୍ପର୍କରେ ତଥ୍ୟ ଦିଆଯାଇଥିଲା। ପାରମ୍ପରିକ ଖାଦ୍ୟ ପ୍ରସ୍ତୁତିକୁ ବ୍ୟବସାୟରେ ପରିଣତ କରି ଆୟ ବଢ଼ାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡିଓ ଅଚ୍ୟୁତାନନ୍ଦ ଜାନୀ, ସିଡିପିଓ ସଲିଳା ପ୍ରଧାନ, ଗଞ୍ଜାମ ବ୍ଲକ୍ ବିପିଏମ୍ ଜଳନ୍ଧର ମହାରଣା, ବିଧାୟକ ପ୍ରତିନିଧି ମାନସ ନାହାକଙ୍କ, ବିପିସି ଦିଲୀପ କୁମାର ବେହେରା ସମେତ ବିଭିନ୍ନ ବିଭାଗର କର୍ମଚାରୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ପାହାଡ଼ ଉଚ୍ଚତାକୁ ଟପିଗଲା ଆଲିଶାଙ୍କ ସ୍ୱପ୍ନ

## ପଟାଙ୍ଗୀରୁ ଜନସେବା, ନୂଆ ପିଢ଼ି ପାଇଁ ପ୍ରେରଣା



**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ପଟାଙ୍ଗୀର ସୁଉଚ୍ଚ ପାହାଡ଼ ଘେରାରେ ବଢ଼ିଥିବା ଜଣେ ଝିଅ ଦିନେ ଏକ ବଡ଼ ସ୍ୱପ୍ନ ଦେଖିଥିଲେ। ବଳରାମ ପାଙ୍ଗୀଙ୍କ ଝିଅ ଆଲିଶା ରାଣୀ ପାଙ୍ଗୀ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ସେହି ସ୍ୱପ୍ନକୁ ସାକାର କରିପାରିଛନ୍ତି। ଓଡ଼ିଶାର ଏକ ଆଦିବାସୀ ଅଞ୍ଚଳରୁ ବାହାରି ସେ ଆଜି ଓଡ଼ିଶା ସରକାରଙ୍କ ଅଧୀନରେ କନିଷ୍ଠ ଯନ୍ତ୍ରୀ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ଆଲିଶାଙ୍କ ପାଇଁ ଏହା କେବଳ ଏକ ଚାକିରି ନୁହେଁ, ବରଂ ବର୍ଷ ବର୍ଷର ନିରବଚ୍ଛିନ୍ନ ସାଧନା, ଶିକ୍ଷା ଏବଂ ନିଷ୍ଠାର ଫଳ। ଯାହା ପ୍ରମାଣିତ କରେ ଯେ ସୁଯୋଗ ମିଳିଲେ ଓଡ଼ିଶାର ସୁଦୂର ଅଞ୍ଚଳରୁ ମଧ୍ୟ ପ୍ରତିଭାମାନେ ଆଗକୁ ଆସି ନିଜ ସ୍ୱପ୍ନ ପୂରଣ କରିପାରିବେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ମାଲକାନଗିରି ଆରଡବ୍ଲ୍ୟୁଏସଏସ ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇ ଆଲିଶା ଏବେ ଜନସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି।

ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ଆଲିଶାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବାର ଅପୂର୍ବ ସୁଯୋଗ ମିଳିଥିଲା। ପଟାଙ୍ଗୀ ଭଳି ଏକ ସୁଦୂର ଅଞ୍ଚଳରୁ ଆସି ସେହି ଭବ୍ୟ ମଞ୍ଚରେ ଛିଡ଼ା ହେବା ଆଲିଶାଙ୍କ ପାଇଁ ଏକ ଅଭୁଲା ମୁହୂର୍ତ୍ତ ଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ଓ ନିଯୁକ୍ତିପତ୍ର ଗ୍ରହଣ କରିବା, ଏହି ଦୁଇଟି ମୁହୂର୍ତ୍ତ ମଧ୍ୟରେ ଲୁଚି ରହିଥିଲା ଏକ ସଂଘର୍ଷପୂର୍ଣ୍ଣ ଯାତ୍ରା: ସ୍ୱପ୍ନରୁ ସଫଳତା, କୋରାପୁଟରୁ ରାଜ୍ୟ ସେବାର ଏକ ଅଭୂତପୂର୍ବ ଅଭିଯାତ୍ରା। ତାଙ୍କ ହସ ପଛରେ ଥିଲା ପରିବାରର ଆଶା ଓ ଭୌଗୋଳିକ ସୀମାରେଖାକୁ ପଛରେ ପକାଇ ଆଗକୁ ବଢ଼ିବାର ଦୃଢ଼ ସଙ୍କଳ୍ପ।

ଆଲିଶାଙ୍କ ଏହି ସଫଳତା କେବଳ ତାଙ୍କର ବ୍ୟକ୍ତିଗତ ନୁହେଁ, ଏହା ଆଗାମୀ ପିଢ଼ି ପାଇଁ ଏକ ବଡ଼ ବାର୍ତ୍ତା। କୋରାପୁଟ, ମାଲକାନଗିରି, କନ୍ଧମାଳ କିମ୍ବା ଓଡ଼ିଶାର ଅନ୍ୟାନ୍ୟ ଗ୍ରାମାଞ୍ଚଳର ଝିଅମାନଙ୍କ ପାଇଁ ତାଙ୍କ ଯାତ୍ରା ଏହା ପ୍ରମାଣ କରେ ଯେ ତୁମେ କେଉଁଠାରୁ ଆରମ୍ଭ କରିଛ ତାହା ନୁହେଁ, ତୁମେ କେତେ ଦୂର ଯାଇପାରିବ ତାହା ତୁମ ସଙ୍କଳ୍ପ ହିଁ ସ୍ଥିର କରେ। ପଟାଙ୍ଗୀର ପାହାଡ଼ରୁ ଆରମ୍ଭ ହୋଇ ଜନସେବାର ଦାୟିତ୍ୱ ପର୍ଯ୍ୟନ୍ତ ଆଲିଶା ରାଣୀ ପାଙ୍ଗୀଙ୍କ ଏହି ଯାତ୍ରା ହେଉଛି ଆଶା, ସୁଯୋଗ ଏବଂ ନୂତନ ଓଡ଼ିଶାର ସ୍ୱପ୍ନ ସାକାର ହେବାର ଏକ ସୁନ୍ଦର କାହାଣୀ।

# ସ୍କୁଲରେ ଛାତ୍ରଛାତ୍ରୀ ପଢ଼ିବେ ଭଗବତ୍ ଗୀତା



## ଆୟୋଜିତ ହେବ ରାଜ୍ୟସ୍ତରୀୟ ଗୀତାପାଠ ପ୍ରତିଯୋଗିତା

**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଓ ମୂଲ୍ୟବୋଧ ବୃଦ୍ଧି ପାଇଁ ଓଡ଼ିଶାରେ ରାଜ୍ୟସ୍ତରୀୟ ଗୀତାପାଠ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ପିଲାମାନେ ପାଠପଢ଼ା ସହ ନୈତିକତା ଓ ସଂସ୍କୃତିକ ଜ୍ଞାନ ପାଇପାରିବେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବଦ୍ ଗୀତାର ଜ୍ଞାନ ଓ ଆଧ୍ୟାତ୍ମିକ ଚେତନା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟରେ ଆୟୋଜିତ ହେବ ଗୀତା ପାଠ ପ୍ରତିଯୋଗିତା ଓ ଗୀତା ଜ୍ଞାନ ପରୀକ୍ଷା। ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଏହି କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ସରକାରୀ/ଅନୁଦାନପ୍ରାପ୍ତ କଲେଜକୁ ଅବଗତ କରାଯାଇଛି। ଭଗବଦ୍ ଗୀତାର ଷଷ୍ଠ ଅଧ୍ୟାୟ 'ଆତ୍ମସଂଯମ ଯୋଗ'କୁ ଆଧାର କରି ଗୀତା ପାଠ ପ୍ରତିଯୋଗିତା ହେବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହେବ ଓ ସେଠାରୁ ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ବିଜେତାଙ୍କୁ ନେଇ ଆସନ୍ତା ଡିସେମ୍ବର ୨୭ ଓ ୨୮ ତାରିଖରେ ପୁରୀର ବାଳିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ରେ ରାଜ୍ୟସ୍ତରୀୟ ଗୀତା ପାଠ ପ୍ରତିଯୋଗିତା ଆୟୋଜିତ ହେବ। ରାଜ୍ୟ ସ୍ତରରେ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ଏକ ବର୍ଷ ପାଇଁ ସ୍କଲାରସିପ୍ ପ୍ରଦାନ କରାଯିବ। ଗୀତା ପାଠ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଅଂଶଗ୍ରହଣ ଫି' ନିଆଯିବ ନାହିଁ। ଗୀତା ପାଠ ପ୍ରତିଯୋଗିତାରେ ଗୀତା ଜ୍ଞାନ ପରୀକ୍ଷା ମଧ୍ୟ ପୃଥକ୍ ଭାବେ ଆୟୋଜନ କରାଯିବ। ଏହି ପରୀକ୍ଷାର ତାରିଖ ଓ ଅନ୍ୟାନ୍ୟ ବିବରଣୀ ପରେ ପ୍ରଜ୍ଞାନ ମିଶନଙ୍କ ପକ୍ଷରୁ ଜଣାଇ ଦିଆଯିବ। ପରୀକ୍ଷାରେ ଅଂଶ ନେବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍‌ରେ ନିର୍ଦ୍ଧାରିତ ପରୀକ୍ଷା ଫି' ଦେଇ ପଞ୍ଜୀକରଣ କରିବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମରେ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଅଂଶଗ୍ରହଣ ପାଇଁ ଅନୁମତି ଦେବାକୁ ଉଚ୍ଚଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନଗୁଡ଼ିକୁ କହିଛି।

# ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୭ ସଦସ୍ୟଙ୍କ ତାମିଲନାଡୁ ଗସ୍ତ



**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୭ର ଅଧ୍ୟକ୍ଷ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ୭ଜଣିଆ କମିଟିର ସଦସ୍ୟମାନେ ଗତ ୬ରୁ ତେଲଙ୍ଗାନା ଓ ତାମିଲନାଡୁ ରାଜ୍ୟ ଗସ୍ତରେ ଯାଇଛନ୍ତି। ଷ୍ଟାଣ୍ଡିଂ କମିଟିର ସଦସ୍ୟ ତୁଷାରକାନ୍ତି ବେହେରା, ଟଙ୍କଧର ତ୍ରିପାଠୀ, ଅଗସ୍ତି ବେହେରା ଓ ଦୁର୍ଗା ଚରଣ ତନ୍ତୀ ପ୍ରମୁଖ ବିଧାୟକଙ୍କ ସହ ବିଧାନସଭା ତରଫରୁ କମିଟି ଅଧିକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ପ୍ରଶାନ୍ତ କୁମାର ଦାସ ମଧ୍ୟ ଗସ୍ତରେ ସାମିଲ ଅଛନ୍ତି। କମିଟିଙ୍କ ଗସ୍ତ କାଳରେ ଗତ ୭ ତାରିଖରେ ତେଲଙ୍ଗାନା ରାଜ୍ୟ ବିଧାନସଭା ପରିଦର୍ଶନ କରିବା ପରେ ୯ ତାରିଖରେ ତାମିଲନାଡୁ ରାଜ୍ୟର ମଦୁରାଇଠାରେ ଥିବା ଥିଆଗରାଜର ଇଞ୍ଜିନିୟରିଂ କଲେଜ ପରିଦର୍ଶନ କରିଥିଲେ। ସେଠାରେ ଥିବା ଟେକନିକାଲ ଲ୍ୟାବ, ଅଧ୍ୟୟନ କକ୍ଷ ସହ ଇଲେକ୍‌ଟ୍ରୋନିକ ସେଣ୍ଟର ଅଫ ଡିଜାଇନ ଏବଂ ମ୍ୟାନୁଫାକଚରିଙ୍ଗ ମଧ୍ୟ ପରିଦର୍ଶନ କରିଥିଲେ। ଏହାଛଡ଼ା କଲେଜ ପରିଚାଳନା ସହ ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଠାରେ ଦିଆଯାଉଥିବା ବୈଷୟିକ ଜ୍ଞାନକୌଶଳର ଶିକ୍ଷାକୁ ଓଡ଼ିଶାରେ ଉପଯୋଗ କରାଯାଇ ବୈଷୟିକ ଶିକ୍ଷା କ୍ଷେତ୍ରରେ କିପରି ସଂସ୍କାର ଅଣାଯାଇପାରିବ, ତାହା ଉପରେ ଆଲୋଚନା ହୋଇଥିଲା।

# ଅବସରପ୍ରାପ୍ତ ଅଧିକାରୀଙ୍କ ପାଇଁ କୃଷି-ବ୍ୟବସାୟ କର୍ମଶାଳା




## ସ୍ଥାୟୀ କୃଷି ବ୍ୟବସାୟ ପାଇଁ ପ୍ରୋତ୍ସାହନ

**ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ କୃଷି ଭବନରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଅବସରପ୍ରାପ୍ତ ଅଧିକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ନେଇ ଅବସରପ୍ରାପ୍ତମାନେ କିପରି ସ୍ଥାୟୀ କୃଷି ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ, ସେ ସମ୍ପର୍କରେ ସେମାନଙ୍କୁ ମାର୍ଗଦର୍ଶନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଘାଟନୀ ସମାରୋହରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ପ୍ରାକ୍ତନ ଅଧିକାରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଶ୍ରୋତାମାନଙ୍କୁ ସମ୍ବୋଧିତ କରି ଶ୍ରୀ ଜାଧବ ଦକ୍ଷତା ଓ ଆଧୁନିକ କୃଷି ମଧ୍ୟରେ ଥିବା ରଣନୈତିକ ସାମଞ୍ଜସ୍ୟ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ଯାଦବ କହିଥିଲେ ଯେ ପୂର୍ବତନ ଅଧିକାରୀମାନଙ୍କ ପାଖରେ ଅତୁଳନୀୟ ଶୃଙ୍ଖଳା, ନେତୃତ୍ୱ ନେବାର ଦକ୍ଷତା ଓ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାର କ୍ଷମତା ରହିଛି, ଯାହାକି ଏକ ସଫଳ କୃଷି-ବ୍ୟବସାୟ ପାଇଁ ଏକାନ୍ତ ଆବଶ୍ୟକ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଯୋଜନା ମାଧ୍ୟମରେ କୃଷି ବିଭାଗ ଆମର ଅବସରପ୍ରାପ୍ତମାନଙ୍କୁ ଆର୍ଥିକ ସବ୍‌ସିଡି, ବୈଷୟିକ ଜ୍ଞାନକୌଶଳ ଓ ସହଜ ପ୍ରକ୍ରିୟା ଯୋଗାଇଦେଇ ରାଜ୍ୟର ଅଗ୍ରଣୀ କୃଷି-ଉଦ୍ୟୋଗୀ ଭାବେ ଗଢ଼ିତୋଳିବାକୁ ବଦ୍ଧପରିକର। ଏହି ଅବସରରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶର ସୁଯୋଗ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର ସ୍ୱାଗତ ଭାଷଣ ଦେଇ ଆଗାମୀ କାର୍ଯ୍ୟପନ୍ଥାର ସୂଚନା ଦେଇଥିବା ବେଳେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର କୃଷି ଓ ଖାଦ୍ୟ ପ୍ରସଂସ୍କରଣ କମିଟି ଆବାହକ ଶ୍ରୀରାମ ପଣ୍ଡା ଓ ସହ-ଆବାହକ କର୍ଣ୍ଣେଲ ସୁଜନ ମହାନ୍ତି (ଅବସରପ୍ରାପ୍ତ) ପ୍ରମୁଖ ବିଷୟବସ୍ତୁ ଆଧାରିତ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ଟନାଣ୍ଟ ଜେନେରାଲ ଜୟନ୍ତ କୁମାର ମହାନ୍ତି (ଅବସରପ୍ରାପ୍ତ) ମଧ୍ୟ ଉପସ୍ଥିତ ଥିଲେ।

# ୫ ହଜାର ବଟି ମାଗି ନକଲି ଅବକାରୀ ଅଧିକାରୀ ଗିରଫ

**ରାଜକନିକା, ୧୧।୮ (ସଂଚାର ବ୍ୟୁରୋ):** ନିଜକୁ ଅବକାରୀ ଅଧିକାରୀ ବୋଲି ପରିଚୟ ଦେଇ ରାଜକନିକା ଥାନା ଅନ୍ତର୍ଗତ ରାଜକନିକା କାଜୁ ବଗିଚାରେ ଥିବା ଠିପି ବନ୍ଦ ମଦ ଦୋକାନ ମାଲିକଙ୍କ ଠାରୁ ୫ ହଜାର ଟଙ୍କା ବଟି ମାଗିଥିଲେ। ମାଲିକ ଚତୁରତା ସହକାରେ ପୁଲିସକୁ ସୂଚିତ କରିବା ପରେ ଅବକାରୀ ଅଧିକାରୀଙ୍କ ଅସଲ ମୁଖା ଖୋଲିଯାଇଥିଲା। ବଟଣା ଥାନା ଅନ୍ତର୍ଗତ ବାନ୍ଦଳ ଗାଁର ପ୍ରଭାସ କୁମାର ବଳ (୪୦) ଆଜି ପୂର୍ବାହ୍ନ ପ୍ରାୟ ୧୧ଟାରେ ଉକ୍ତ ଠିପି ବନ୍ଦ ମଦଦୋକାନ ନିକଟରେ ପହଞ୍ଚିଥିଲେ। ନିଜକୁ ଅବକାରୀ ନିରୀକ୍ଷକ ବୋଲି ପରିଚୟ ଦେଇଥିଲେ। ଦୋକାନର କାଗଜପତ୍ର ମଗାଇ ଯାଞ୍ଚ କରିଥିଲେ। ନିଜ ମୋବାଇଲ୍‌ରେ ଫଟୋ ମଧ୍ୟ ଉଠାଇ ଥିଲେ। ନଥିପତ୍ର ଅପ୍‌ଡେଟ୍ ନଥିବା କହି ଧମକାଇଥିଲେ ଏବଂ ୫ ହଜାର ଟଙ୍କା ବଟି ମାଗିଥିଲେ। ଦୋକାନର ମ୍ୟାନେଜର ନିରଞ୍ଜନ ନାୟକଙ୍କୁ ସନ୍ଦେହ ହେବାରୁ ତାଙ୍କର ଅବକାରୀ ବିଭାଗର ପରିଚୟ ପତ୍ର ମାଗି ଥିଲେ, ହେଲେ ସେ ଦେଇ ପାରି ନଥିଲେ।

## ରେଭେନ୍ସା ପ୍ରଫେସରଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

# ସିନେଟ୍‌ରୁ ବିଧାୟକଙ୍କ ନାମ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ, ୧୧।୮(ସଂଚାର ବ୍ୟୁରୋ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକଙ୍କ ନାମକୁ ସିନେଟରୁ ପ୍ରତ୍ୟାହାର କରିବା, ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା, ରେଭେନ୍ସାର ଗଣତାନ୍ତ୍ରିକ ଓ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ମଙ୍ଗଳବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ରାଜ୍ୟ ପରିଷଦ ଉପ-ସଭାପତି ଭାଗ୍ୟରବି ଦାସ, କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ସଂଗଠନ ପକ୍ଷରୁ ଉପସ୍ଥାପିତ ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

# ଶ୍ମଶାନରୁ ୩ ମୃତଦେହ ଗାଏବ



**ଭଦ୍ରକ,୧୧।୮:** ମଶାଣିରୁ ପୁଣି ୩ଟି ଶବ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଣିନାଥପୁରରୁ ଏଭଳି ଅଭିଯୋଗ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବୈତରଣୀ ନଦୀରେ ଆସିଥିବା ବନ୍ୟା ପରେ ନଦୀକୂଳରେ ଥିବା ମଶାଣିରୁ ୩ଟି ଶବ ଚୋରି ହୋଇଯାଇଛି। ତେବେ ଘଟଣାକୁ ନେଇ ଭଣ୍ଡାରୀପୋଖରୀ ଥାନାରେ ମୌଖିକ ଭାବେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପୂର୍ବରୁ ମଧ୍ୟ ସମାନ ସ୍ଥାନରୁ ଶବ ଗାୟବ ହୋଇଯାଇଥିଲା। ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳିନଥିଲା। କିଏ ବାରମ୍ବାର ଶବ ଗାଏବ କରୁଛି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଦଶରଥପୁରରେ ରିଲିଫ ବାଣ୍ଟିଲେ ପିସିସି ସଭାପତି



**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଆଜି ଯାଜପୁର ଜିଲ୍ଲା ଅନ୍ତର୍ଗତ ଦଶରଥପୁର ବନ୍ୟାଞ୍ଚଳ ଗସ୍ତ କରି କଂଗ୍ରେସ ପକ୍ଷରୁ ଆୟୋଜିତ ମହା ରିଲିଫ ବଣ୍ଟନ କାର୍ଯ୍ୟରେ ପ୍ରତ୍ୟକ୍ଷ ରୂପେ ସାମିଲ ହୋଇଥିଲେ। ପ୍ରଭାବିତ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ବନ୍ୟାରେ ଭାସିଯାଇ ମୃତ୍ୟୁବରଣ କରିଥିବା ବାଳକର ପରିବାରଙ୍କୁ ଭେଟି ଦଳ ପକ୍ଷରୁ ସେ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି।

ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ କାର୍ଯ୍ୟ ପରେ ପ୍ରତିକ୍ରିୟାରେ ସରକାରଙ୍କୁ ଘୋର ସମାଲୋଚନା କରି କହିଛନ୍ତି ଯେ ସରକାର ବନ୍ୟା ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯେଉଁ ସରକାର ବନ୍ୟା ନିୟନ୍ତ୍ରଣ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ କରିବାକୁ ଅକ୍ଷମ, ସେଇ ସରକାରଠାରୁ ଅଧିକ କ'ଣ ଆଶା କରାଯାଇପାରିବ। ଆଗୁଆ ପାଣିପାଗ ସୂଚନା ପାଇବା ସତ୍ତ୍ୱେ ଚୁପ୍ ରହିବା ଆଶ୍ଚର୍ଯ୍ୟର ବିଷୟ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସରକାରଙ୍କ ଆନ୍ତରିକତା ନାହିଁ। ନଦୀ ମୁହାଣଗୁଡ଼ିକ ପୋତି ହୋଇଗଲାଣି । ଚେକଡ୍ୟାମ, ବ୍ୟାରେଜ ନିର୍ମାଣ ଶୂନ୍ । ନଦୀକୂଳ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁଁ ଧୋଇଯାଇ ଘେରି ସୃଷ୍ଟି ହେଉଛି। ବନ୍ୟାଗ୍ରସ୍ତ ଲୋକେ ଘରଦ୍ୱାର ହରାଇବା ସହ ଅଖିଆ ଅପିଆ ରହିବା ସତ୍ତ୍ୱେ ସରକାରଙ୍କ ନିଦ ଭାଙ୍ଗୁନି। ସରକାରୀ ସାହାଯ୍ୟ ସହଯୋଗ ସମୁଦ୍ରକୁ ଶଙ୍ଖେ ସଦୃଶ ହେଉଛି। କିନ୍ତୁ କଂଗ୍ରେସ ସବୁବେଳେ ଜନତାଙ୍କ ପାଖରେ ଅଛି । ଧର୍ମ ବର୍ଣ୍ଣ ଜାତି ନିର୍ବିଶେଷରେ କଂଗ୍ରେସ ସମସ୍ତଙ୍କ ଦୁର୍ଦ୍ଦଶା ସମୟରେ ଆସି ପହଞ୍ଚେ। ଏଇ ବନ୍ୟା ବିଭୀଷିକା ପାଇଁ କଂଗ୍ରେସ ପକ୍ଷରୁ ମହା ରିଲିଫ ଅଭିଯାନ ଆରମ୍ଭ ହୋଇ ୪ଟି ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଜ ସାମର୍ଥ୍ୟ ଅନୁସାରେ ଦଳ ରିଲିଫ ପହଞ୍ଚାଇଛି। ଦଳୀୟ କର୍ମୀ ନିଜ ପରିବାରରୁ ଦୂରରେ ରହି ବନ୍ୟାବିପନ୍ନଙ୍କ ସହାୟତା ପାଇଁ ୨୪ ଘଣ୍ଟା କାମ କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

ଦଶରଥପୁରରେ ଓପିସିସି ସଭାପତିଙ୍କ ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ସୁଧାଂଶୁ ଦେଓ, ସନ୍ତୋଷ ନନ୍ଦ, ସୁଦୀପ କର, ଚନ୍ଦ୍ର ଦାସ, ଚନ୍ଦ୍ରଶେଖର ସାହୁ, ଏକାଦଶୀ ତ୍ରିପାଠୀ, ବିଦ୍ୟାଧର ଜେନା, ଲିପିକା ମଲ୍ଲିକ, ଅନୁପମ ମଲ୍ଲିକ ଓ ସେବାଦଳର କର୍ମକର୍ତ୍ତା ସହଯୋଗ କରିଥିଲେ।

# କ୍ରୁଟ୍‌ର କାର୍ଯ୍ୟକଳାପର ସମୀକ୍ଷା କଲେ ବିଭାଗୀୟ ଏସିଏସ



## ସୁରକ୍ଷା, ସେବାର ଗୁଣବତ୍ତା ଓ ଯାତ୍ରୀ ସନ୍ତୋଷ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ):** 'ଆମ ବସ୍' ସେବାର ଗୁଣବତ୍ତା, ସୁରକ୍ଷା ଓ ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବା ପାଇଁ ସମନ୍ୱିତ ଓ ସମୟବଦ୍ଧ ପଦକ୍ଷେପ ନେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। କମ୍ପ୍ରିହେନ୍‌ସିଭ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)ର କାର୍ଯ୍ୟକଳାପ ସମ୍ପର୍କରେ ଏକ ସମୀକ୍ଷା କରି ନିରାପଦ, ବିଶ୍ୱସନୀୟ, ଦକ୍ଷ ଓ ଯାତ୍ରୀ-ଅନୁକୂଳ ସାଧାରଣ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ସେ ପ୍ରାଥମିକତା ଦେଇଥିଲେ।

ବୈଠକରେ କ୍ରୁଟ୍‌ର ସାମଗ୍ରିକ ପରିଚାଳନା କାର୍ଯ୍ୟଦକ୍ଷତା, ବସ୍ ଓ ରୁଟ୍ ପରିଚାଳନା, ସଡ଼କ ସୁରକ୍ଷା, ଯାତ୍ରୀ ସେବା, ପରିଚାଳନା, ଡିଜିଟାଲ୍ ବ୍ୟବସ୍ଥା, ଆର୍ଥିକ ସ୍ଥାୟିତ୍ୱ, ଭିତ୍ତିଭୂମି ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଆଦିର ବିସ୍ତୃତ ସମୀକ୍ଷା କରାଯାଇଥିଲା। ସେବା ପ୍ରଦାନ ବ୍ୟବସ୍ଥାର ନିରନ୍ତର ନିରୀକ୍ଷଣ କରି ଯେଉଁଠାରେ ଅଭାବ ବା ତ୍ରୁଟି ପରିଲକ୍ଷିତ ହେଉଛି, ସେଠାରେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ। ପୂର୍ବବର୍ଷର ସମାନ ସମୟ ତୁଳନାରେ କ୍ରୁଟ୍‌ର ବସ୍ ଦୁର୍ଘଟଣାରେ ୫୨ ପ୍ରତିଶତ ହ୍ରାସ ଘଟିଛି। ଚାଳକମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ, ବାଧ୍ୟତାମୂଳକ ମଦ୍ୟପାନ ପରୀକ୍ଷା, ବେଗ ନିରୀକ୍ଷଣ, ନିୟମିତ ସୁରକ୍ଷା ପ୍ରଶିକ୍ଷଣ ଏବଂ କେପିଆଇ ଆଧାରିତ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ପାଞ୍ଚଦିନିଆ 'ସୁବାହକ' ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ସୁଦୃଢ଼ କରାଯାଇ ଇଲେକ୍ଟ୍ରିକ୍ ବସ୍ ପରିଚାଳନା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଡ୍ୟୁଲ୍ ସାମିଲ କରାଯାଇଛି। ଶ୍ରୀମତୀ ପାଢ଼ୀ କହିଥିଲେ ଯେ ପ୍ରଯୁକ୍ତି ଓ ଭିତ୍ତିଭୂମି ବିକାଶର ଲକ୍ଷ୍ୟ ହେଉଛି ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇଦେବା। ଏହି ପରିପ୍ରେକ୍ଷୀରେ ଡିଜିଟାଲ୍ ଟିକେଟିଂ, ଲାଇଭ୍ ବସ୍ ଟ୍ରାକିଂ, ବସ୍ ପହଞ୍ଚିବାର ସମ୍ଭାବ୍ୟ ସମୟ ସୂଚନା, ଯାତ୍ରୀ ମତାମତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିସମ୍ପନ୍ନ ସେବାର ସମୀକ୍ଷା କରାଯାଇଥିଲା। 'ସାରଥୀ' ସେବା ଓ ଇଲେକ୍ଟ୍ରିକ୍ ଫିଡର୍ ବସ୍ ସେବା ମାଧ୍ୟମରେ କ୍ରୁଟ୍ ଶେଷ ମାଇଲ୍ ସଂଯୋଗକୁ ମଧ୍ୟ ସୁଦୃଢ଼ କରୁଛି।

## ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ବଢ଼ିଛି କେନ୍ଦ୍ରୀୟ ଅନୁଦାନ

# ଦୁଇଗୁଣା ହୋଇଛି ବାର୍ଷିକ ହାରାହାରି ଅନୁଦାନ




**ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ):** ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ଓଡ଼ିଶାର ଅନୁଦାନ ଅଂଶ ହ୍ରାସ ପାଇଛି ବୋଲି ପ୍ରକାଶିତ ଖବର ପରିପ୍ରେକ୍ଷୀରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ ଓଡ଼ିଶାର ଅନୁଦାନ ଅଂଶ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ସମୟରେ ୩.୭୨ ପ୍ରତିଶତ ଥିବା ବେଳେ ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଏହା ୪.୩୦ ପ୍ରତିଶତକୁ ବୃଦ୍ଧି ପାଇଛି।

ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ମୋଟ ୧୮,୭୧୫ କୋଟି ଟଙ୍କା ଅନୁଦାନ ମିଳିବ। ଅନ୍ୟପକ୍ଷରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ୨୦୨୦-୨୧ରୁ ୨୦୨୫-୨୬ ପର୍ଯ୍ୟନ୍ତ ୬ ବର୍ଷରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ୧୧,୦୫୮ କୋଟି ଟଙ୍କା ଅନୁଦାନ ମିଳିଥିଲା। ଅର୍ଥାତ୍ ପଞ୍ଚଦଶ ଅର୍ଥ କମିଶନର ୬ ବର୍ଷର ଅନୁଦାନ ତୁଳନାରେ ଷୋଡ଼ଶ ଅର୍ଥ କମିଶନରେ ମାତ୍ର ୫ ବର୍ଷ ପାଇଁ ୧୮,୭୧୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ବାର୍ଷିକ ହାରରେ ତୁଳନା କଲେ ମଧ୍ୟ ଅନୁଦାନରେ ଉଲ୍ଲେଖନୀୟ ବୃଦ୍ଧି ସ୍ପଷ୍ଟ ହେଉଛି। ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ସମୟରେ ଓଡ଼ିଶାକୁ ବାର୍ଷିକ ହାରାହାରି ପ୍ରାୟ ୧,୮୪୩ କୋଟି ଟଙ୍କା ମିଳିଥିବା ବେଳେ ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଏହା ବାର୍ଷିକ ହାରାହାରି ପ୍ରାୟ ୩,୭୪୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ବାର୍ଷିକ ହାରାହାରି ଅନୁଦାନରେ ଦୁଇ ଗୁଣରୁ ଅଧିକ ବୃଦ୍ଧି ଘଟିଛି। ଦେଶର ଅର୍ଥନୀତିର ଅଭିବୃଦ୍ଧି ସହ କେନ୍ଦ୍ରୀୟ କର ରାଜସ୍ୱର ମୋଟ ପରିମାଣ ମଧ୍ୟ ବୃଦ୍ଧି ପାଇଛି। ଏହାର ପରିଣାମସ୍ୱରୂପ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଉପଲବ୍ଧ ଅନୁଦାନର ପରିମାଣ ମଧ୍ୟ ବଢ଼ିଛି।

## ଲୋକାୟୁକ୍ତ ନିଯୁକ୍ତି ନେଇ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରସଙ୍ଗ

# ଡାହା ମିଛ କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି: ବିଜେଡି



**ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ):** ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗରେ ବିଳମ୍ବକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ମନ୍ତ୍ରୀ ଶ୍ରୀ ପୂଜାରୀ ଡାହା ମିଛ କହିଛନ୍ତି ଓ କେବଳ ମିଛ ହିଁ ବିଜେପିର ପୁଞ୍ଜି ହୋଇଛି, ଯାହା ମାଧ୍ୟମରେ ସେ ତାଙ୍କ ସରକାରଙ୍କୁ ଲୋକନିନ୍ଦାରୁ ବଞ୍ଚାଇବା ପାଇଁ ଅପପ୍ରୟାସ କରୁଛନ୍ତି ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ଶ୍ରୀ ପୂଜାରୀ ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବକୁ ନେଇ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ୨୪ ବର୍ଷରେ ହୋଇ ନ ଥିଲା ୨ ବର୍ଷ ବିଳମ୍ବ କ'ଣ ବେଶୀ ହୋଇଗଲା କି ବୋଲି ପାଲଟା ପ୍ରଶ୍ନ କରିଥିଲେ। ୨ ବର୍ଷ ବଡ଼ ନା ୨୪ ବର୍ଷ ବଡ଼ ଓ ୨ ବର୍ଷ ଯେପରି ଦୁଇ ଶତାବ୍ଦୀ ସହ ସମାନ ବୋଲି କହିବା ସହ ବିଜେଡି ସରକାରଙ୍କ ଆଡ଼କୁ ଦୋଷ ଠେଲି ଦେଇଥିଲେ।

ମିଛ ଯେପରି ବିଜେପିର ପୁଞ୍ଜି ହୋଇଛି। ନିର୍ବାଚନ ସମୟରେ ଅନେକଗୁଡ଼ିଏ ମିଛ ପ୍ରତିଶ୍ରୁତି ଓ ମିଛ ଅଭିଯୋଗ କରିଥିଲେ ଓ କ୍ଷମତାକୁ ଆସିବା ପରେ ମଧ୍ୟ ସେଇ ମିଛର ସାହାରା ନେଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଛନ୍ତି। ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୩ରେ ଲୋକାୟୁକ୍ତ ଆଇନ ପାରିତ କରିବା ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ୨୦୧୪ରେ ରାଜ୍ୟ ବିଧାନସଭାରେ ବିଲ୍ ପାରିତ କରିଥିଲା। ଏହାର ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ୨୦୧୮ରେ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇଥିଲେ। ନିଯୁକ୍ତି ହୋଇଥିବା ଲୋକାୟୁକ୍ତଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ବେଳେ ଏହାର ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୪ରେ ଶେଷ ହୋଇଥିଲା। ଏହାପରେ ନୂତନ ଲୋକାୟୁକ୍ତ ନିଯୁକ୍ତି ଦାୟିତ୍ୱ ବିଜେପି ସରକାରଙ୍କର ଥିଲା। ଲୋକାୟୁକ୍ତ ନିଯୁକ୍ତି ଆଜି ଆରମ୍ଭ ହୋଇଥିବା ପ୍ରକ୍ରିୟା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ ଯେଉଁ ଗର୍ବ କରୁଛନ୍ତି, ତାହା ମଧ୍ୟ ରାଜ୍ୟର ଉଚ୍ଚ ନ୍ୟାୟାଳୟର ତାଗିଦ ପରେ ଆରମ୍ଭ ହୋଇଛି। ତେଣୁ ଶ୍ରୀ ପୂଜାରୀ ଡାହା ମିଛ କହି ରାଜ୍ୟବାସୀଙ୍କୁ ଭ୍ରମିତ କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ଡ. ମହାନ୍ତି ପରାମର୍ଶ ଦେଇଛନ୍ତି।

# ଚୋରା ଗଞ୍ଜେଇ ବେପାର, ଚରାଭୂଇଁ ଓଡ଼ିଶା



**ଭୁବନେଶ୍ୱର,୧୧।୮:** ନିଶା ବେପାରୀମାନେ ଚୋରା ନିଶା କାରବାରରୁ ବ୍ୟାପକ ଫାଇଦା ଉଠାଉଥିବାବେଳେ ଏହା ଏବେ ଦେଶ ବିଦେଶରେ ଓଡ଼ିଶାର ମର୍ଯ୍ୟାଦା ଉପରେ ପ୍ରଶ୍ନବାଚୀ ଉଠାଉଛି। ଓଡ଼ିଶାରେ ବେଆଇନ୍ ଭାବେ ଚାଷ ହେଉଥିବା ଗଞ୍ଜେଇ ବିପୁଳ ପରିମାଣରେ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛି। ତଥ୍ୟ ମୁତାବକ କର୍ଣ୍ଣାଟକ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ପଞ୍ଜାବ, ତାମିଲନାଡୁ, କେରଳ, ମହାରାଷ୍ଟ୍ର, ଗୋଆ ସମେତ ବିଭିନ୍ନ ରାଜ୍ୟରେ ଓଡ଼ିଶାରୁ ଚୋରାରେ ଯାଇଥିବା ଗଞ୍ଜେଇ ବହୁ ପରିମାଣରେ ସେଠାକାର ପୁଲିସ ଓ ଅବକାରୀ ସଂସ୍ଥା ଜବତ କରୁଛନ୍ତି। ଓଡ଼ିଶାରେ ପୁଲିସ ଓ ଅବକାରୀ ବିଭାଗ ମଧ୍ୟ ଚୋରା ଗଞ୍ଜେଇ ଧରିଧରି ହାଲିଆ ହୋଇଗଲେଣି। ଏହା ସତ୍ତ୍ୱେ ଗଞ୍ଜେଇ ଚାଷ ଓ ଚୋରା ଗଞ୍ଜେଇ ଚାଲାଣ କମିବା ନାଁ ଧରୁନି।

ତଥ୍ୟ ମୁତାବକ, ଦୁଇ ବର୍ଷ ଭିତରେ ଓଡ଼ିଶାରେ ୪ ହଜାର କୋଟିରୁ ଅଧିକ ମୂଲ୍ୟର ଚୋରା ଗଞ୍ଜେଇ ଜବତ ହୋଇଛି, ଯାହାର ପରିମାଣ ୪୦୦ ଟନ୍‌ରୁ ଅଧିକ। ଏହାଛଡ଼ା ପାଖାପାଖି ୨ ହଜାର ଲିଟର ଗଞ୍ଜେଇ ତେଲ ମଧ୍ୟ ଜବତ କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ସଫଳ ହୋଇଛନ୍ତି। କର୍ତ୍ତୃପକ୍ଷଙ୍କ ସଫଳତାର ତାଲିକାରେ ୬୦ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା କୁହାଯାଉଛି। ନିଶା ନିବାରଣ କାର୍ଯ୍ୟରେ ନିୟୋଜିତ ସମାଜସେବୀମାନେ କହୁଛନ୍ତି ଯେ ଯେତିକି ପରିମାଣର ଚୋରା ଗଞ୍ଜେଇ ଓ ଗଞ୍ଜେଇ ତେଲ ଜବତ ହେଉଛି ବାସ୍ତବରେ ତା'ର ଢେର ଅଧିକ ଗୁଣ ରାଜ୍ୟ ଭିତରେ ଓ ବାହାରେ ଚୋରା ବଜାରରେ ଚଢ଼ା ମୂଲ୍ୟରେ ଉପଲବ୍ଧ ହେଉଛି। ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ହଜାର ହଜାର ଏକର ଜମିରୁ ଚୋରା ଗଞ୍ଜେଇ ଚାଷ ନଷ୍ଟ କରିବା ସହ ଲକ୍ଷଲକ୍ଷ ସଂଖ୍ୟକ ଗଞ୍ଜେଇ ଗଛ ଜାଳିପୋଡ଼ି ଛାରଖାର କରାଯାଉଥିବା ସମ୍ବାଦ ବି ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହାଛଡ଼ା ବିଧାନସଭାରେ ପ୍ରଦତ୍ତ ବିଭିନ୍ନ ତଥ୍ୟରେ ମଧ୍ୟ ଚୋରା ଗଞ୍ଜେଇ କଥା ଉଲ୍ଲେଖ କରାଯାଉଛି। ୨୦୨୪ ଅଗଷ୍ଟ ୨୦ ତାରିଖରେ ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଓଡ଼ିଶାରେ ୩୫୫୬ ଏକର ଜମିରୁ ୪୯,୭୧,୯୩୨ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଦର୍ଶାଯାଇଥିବାବେଳେ ୨୦୨୫ ମାର୍ଚ୍ଚ ୭ ତାରିଖରେ ଉପସ୍ଥାପିତ ରିପୋର୍ଟରେ ୨୨,୩୨୪ ଏକର ଜମିରୁ ୨୨,୫୧,୨୫୮ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଉଲ୍ଲେଖ କରାଯାଇଛି। ସେହିଭଳି ଚଳିତବର୍ଷ ମାର୍ଚ୍ଚ ୯ ତାରିଖରେ ଓଡ଼ିଶା ବିଧାନଭାରେ ଉପସ୍ଥାପିତ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ୯,୪୧୮ ଏକର ଜମିରୁ ୧,୨୭,୪୫,୭୨୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଦର୍ଶାଯାଇଛି। ଏହାଛଡ଼ା ବର୍ଷକୁ ବର୍ଷ ଏନ୍‌ଡିପିଏସ୍ ମାମଲା ଓ ଏଥିରେ ଗିରଫ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ୨୦୨୦-୨୧ ବର୍ଷରେ ୩୮୧ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଥିବାବେଳେ ୩୯୬ଜଣ ଲୋକଙ୍କୁ ଗିରଫ କରାଯାଇଥିଲା। ୨୦୨୨-୨୩ ବର୍ଷରେ କିନ୍ତୁ ୧୯୪୯ଟି ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୨୨୩୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଦର୍ଶାଯାଇଛି। କେବଳ ଗଞ୍ଜେଇ ନୁହେଁ, ବ୍ରାଉନ୍ ସୁଗାର, ମଦ, କୋକେନ୍, ହେରୋଇନ୍, କଫ୍ ସିରପ୍ ସମେତ ଅନ୍ୟାନ୍ୟ ମାରାତ୍ମକ ନିଶା ସାମଗ୍ରୀର ବଜାର ଓଡ଼ିଶା ପାଲଟିଛି। ତେବେ ଉଦ୍‌ବେଗଜନକ ବିଷୟ ହେଉଛି ଯେ ଅବକାରୀ ମାମଲାଗୁଡ଼ିକରେ ରାଜ୍ୟରେ ଦଣ୍ଡବିଧାନ ହାର ଢେର କମ୍ ରହୁଛି। ସରକାରୀ ତଥ୍ୟ ମୁତାବକ ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟରେ ୩ଲକ୍ଷ ୧୭ ହଜାରରୁ ଅଧିକ ଅବକାରୀ ମାମଲା ବିଚାର ପାଇଁ ଆସିଥିବାବେଳେ ଏହି ୫ବର୍ଷରେ ୫୭,୬୮୬ଟିରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି ଓ ମାତ୍ର ୨୧୨ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ଅନେକ ଜିଲ୍ଲାରେ ୫ବର୍ଷରେ ଗୋଟିଏ ହେଲେ ଅବକାରୀ ମାମଲରେ ଦଣ୍ଡବିଧାନ ହୋଇପାରିନଥିବା ବିଧାନସଭାରେ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି। (ତଥ୍ୟ)

# ଆତ୍ମହତ୍ୟା: ଏକ ନିରବ ସଙ୍କଟ



ଆଜିକାଲି ଯୁବ ପିଢ଼ି ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବା ଏକ ଗମ୍ଭୀର ସାମାଜିକ ସଙ୍କଟର ସଙ୍କେତ। ଭାରତରେ ବିଶେଷକରି ୧୫ ରୁ ୨୯ ବର୍ଷ ବୟସ ଗୋଷ୍ଠୀରେ ଆତ୍ମହତ୍ୟା ମୃତ୍ୟୁର ପ୍ରମୁଖ କାରଣମାନଙ୍କ ମଧ୍ୟରେ ରହିଛି। ଏନସିଆରବି ତଥ୍ୟ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ୨୦୧୪ରେ ପ୍ରାୟ ୮ ହଜାରରୁ ୨୦୨୪ରେ ୧୪,୪୮୮କୁ ପହଞ୍ଚିଛି। ଓଡ଼ିଶାରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ୨୦୨୧ରୁ ୨୦୨୩ ମଧ୍ୟରେ ପ୍ରାୟ ୫୮ ପ୍ରତିଶତ ବଢ଼ିଛି। ଏହି ସଙ୍କଟ କେବଳ ପରିବାରିକ ଉଦାସୀନତା କିମ୍ବା ବୃତ୍ତିଗତ ଚାପର ଫଳ ନୁହେଁ; ଏହି ଦୁଇ କାରଣ ସହ ଅନ୍ୟାନ୍ୟ କାରକ ଏକାଠି ମିଶି ଯୁବମାନସକୁ ଭାଙ୍ଗି ଦେଉଛି।

ପାରିବାରିକ ଉଦାସୀନତା ଏକ ମୁଖ୍ୟ କାରଣ। ଓଡ଼ିଶାରେ ଆତ୍ମହତ୍ୟାର ଅଧିକାଂଶ ମାମଲା ପାରିବାରିକ ସମସ୍ୟା ସହିତ ଜଡ଼ିତ। ଅଭିଭାବକଙ୍କ ଅତ୍ୟଧିକ ଆଶା, ତୁଳନା, ଯୋଗାଯୋଗ ଅଭାବ ଏବଂ ଭାବପ୍ରବଣ ସମର୍ଥନର ଅଭାବ ଯୁବକମାନଙ୍କୁ ଏକାକୀ କରିଦେଉଛି। ନ୍ୟୁକ୍ଲିୟସ ପରିବାର ବ୍ୟବସ୍ଥାରେ ବାପା-ମା କାମରେ ବ୍ୟସ୍ତ ରହିବା ଫଳରେ ସନ୍ତାନଙ୍କ ମନର କଥା ଶୁଣିବାର ସମୟ କମିଯାଉଛି। "ଲୋକେ କ'ଣ କହିବେ" ଭଳି ସାମାଜିକ ଲଜ୍ଜା ଏବଂ ବିଫଳତାକୁ ପରିବାରର ମାନହାନି ଭାବରେ ଦେଖିବା ଯୁବମନକୁ ଅଧିକ ଚାପ ଦେଉଛି। ପ୍ରେମ ସମ୍ପର୍କ, ବିବାହ ସମ୍ପର୍କୀୟ ଚାପ କିମ୍ବା ପିତାମାତାଙ୍କ ମଧ୍ୟରେ କଳହ ମଧ୍ୟ ଅନେକ ସମୟରେ ତରୁଣମାନଙ୍କୁ ହତାଶ କରୁଛି।

ଅନ୍ୟପଟେ ବୃତ୍ତିଗତ ଏବଂ ଶୈକ୍ଷିକ ଚାପ କମ ଗମ୍ଭୀର ନୁହେଁ। ପ୍ରତିଯୋଗିତାମୂଳକ ପରୀକ୍ଷା, କୋଚିଂ ସଂସ୍କୃତି ଏବଂ ଚାକିରି ଅନିଶ୍ଚିତତା ଯୁବପିଢ଼ିକୁ ନିରନ୍ତର ଚାପରେ ରଖିଛି। ଏକ ପରୀକ୍ଷାରେ ବିଫଳତାକୁ ଜୀବନର ଶେଷ ବିଫଳତା ଭାବରେ ଦେଖିବାର ପ୍ରବୃତ୍ତି ବଢ଼ିଛି। ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ମଧ୍ୟ ଏହି ଚାପ ରହିଛି। ବେରୋଜଗାରୀ ଏବଂ ଅସ୍ଥିର ଚାକିରି ବଜାର ଯୁବକମାନଙ୍କ ଭବିଷ୍ୟତ ପ୍ରତି ଆଶାହୀନତା ସୃଷ୍ଟି କରୁଛି। ପରିବାର ଯେଉଁ ଆର୍ଥିକ ତ୍ୟାଗ କରି ଶିକ୍ଷା ଦେଉଛନ୍ତି, ତାହାର ଫଳ ନ ମିଳିଲେ ଦୋଷବୋଧ ଆହୁରି ବଢ଼େ।

କିନ୍ତୁ ଏହା କେବଳ ଏହି ଦୁଇଟି କାରଣରେ ସୀମିତ ନୁହେଁ। ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ସାମାଜିକ ମାଧ୍ୟମର ପ୍ରଭାବ, ଏକାକୀତା, ବୁଲିଂ ଏବଂ ସମ୍ପର୍କ ବିଫଳତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ମାନସିକ ସମସ୍ୟାକୁ ଲଜ୍ଜାର ବିଷୟ ଭାବରେ ଦେଖିବା ଯୋଗୁଁ ଅନେକେ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତି। ଆଧୁନିକ ଜୀବନଶୈଳୀରେ ଭାବପ୍ରବଣ ସହନଶୀଳତା କମିଯାଉଛି।

ଏହି ସଙ୍କଟର ସମାଧାନ ପାଇଁ ବହୁମୁଖୀ ଉଦ୍ୟମ ଆବଶ୍ୟକ। ପରିବାରରେ ଖୋଲା ଆଲୋଚନା, ଅଭିଭାବକଙ୍କ ସଚେତନତା ଏବଂ ସନ୍ତାନଙ୍କ ଭାବନାକୁ ସମ୍ମାନ ଦେବା ଜରୁରୀ। ଶିକ୍ଷା ବ୍ୟବସ୍ଥାରେ କେବଳ ଫଳ ଉପରେ ଗୁରୁତ୍ୱ ନ ଦେଇ ମାନସିକ ସ୍ୱାସ୍ଥ୍ୟ ସମର୍ଥନ ବଢ଼ାଇବା ଦରକାର। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାଉନସେଲିଂ ସେବା, ସାମାଜିକ ସଚେତନତା ଅଭିଯାନ ଏବଂ ହେଲ୍ପଲାଇନ ସେବାକୁ ସଶକ୍ତ କରିବା ଉଚିତ। ଯୁବକମାନେ ଯେଉଁ ସମସ୍ୟାରେ ପଡ଼ନ୍ତି ତାହା ସାମୟିକ; ସାହାଯ୍ୟ ମାଗିବା ଦୁର୍ବଳତା ନୁହେଁ।

ସମାଜ ଭାବରେ ଆମକୁ ବୁଝିବାକୁ ହେବ ଯେ ଆତ୍ମହତ୍ୟା ଏକ ସମସ୍ୟାର ସମାଧାନ ନୁହେଁ। ପାରିବାରିକ ସ୍ନେହ, ବୃତ୍ତିଗତ ନିରାପତ୍ତା ଏବଂ ମାନସିକ ସ୍ୱାସ୍ଥ୍ୟର ସମନ୍ୱୟ ହିଁ ଯୁବପିଢ଼ିକୁ ସୁରକ୍ଷିତ ରଖିପାରିବ। ସମୟ ଆସିଛି ଆମେ ସମସ୍ତେ ଏକାଠି ହୋଇ ଏହି ନୀରବ ସଙ୍କଟକୁ ରୋକିବା ପାଇଁ। ଜୀବନ ମୂଲ୍ୟବାନ; ଏହାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ।

# ଧୈର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ମାନବ ଜୀବନରେ କିଛି ମୂଲ୍ୟବୋଧ ଅଛି ଯାହା ତାଙ୍କୁ ସତ୍ୟର ପଥରେ ନେଇଯାଏ ଏବଂ ସମାଜରେ ତାଙ୍କୁ ଏକ ଉତ୍ତମ ବ୍ୟକ୍ତି ଭାବେ ପରିଚିତ କରାଏ। ସେହି ମୂଲ୍ୟବୋଧମାନଙ୍କ ମଧ୍ୟରେ ଧର୍ଯ୍ୟ ବା ସହନଶୀଳତା , ମାନବିକତା ଓ ଦୈବୀଶକ୍ତି ତିନୋଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଗୁଣ। ଏହି ତିନୋଟି ଗୁଣ ମାନବଜୀବନର ଶକ୍ତିଶାଳୀ ସ୍ତମ୍ଭ ଭଳି କାମ କରେ। ଯେଉଁଠାରେ ଧର୍ଯ୍ୟ ମନକୁ ସ୍ଥିର କରେ, ମାନବିକତା ମନୁଷ୍ୟତ୍ୱକୁ ପ୍ରକାଶ କରେ ଓ ଦୈବୀଶକ୍ତି ଜୀବନକୁ ଉଚ୍ଚ ଆଦର୍ଶ ଦିଗରେ ନେଇଯାଏ। ଧର୍ଯ୍ୟର ଅର୍ଥ ହେଉଛି ସହିବାର କ୍ଷମତା, ଶାନ୍ତ ରହିବାର ଶକ୍ତି ଓ କଷ୍ଟକର ପରିସ୍ଥିତିରେ ଧୈର୍ଯ୍ୟ ଧରିବା। ଜୀବନରେ ସବୁବେଳେ ସୁଖ ନଥାଏ। କେବେ କେବେ ଦୁଃଖ, ସମସ୍ୟା, ବିଫଳତା ମଧ୍ୟ ଆସେ। ସେତେବେଳେ ଯଦି ମନୁଷ୍ୟ ଧର୍ଯ୍ୟ ହରାଇ ଦେଉଛି, ସେ ଭୁଲ ନିଷ୍ପତ୍ତି ନେଇଯାଇପାରେ। ଧର୍ଯ୍ୟ ହେଉଛି ଏକ ଏମିତି ଶକ୍ତି ଯାହା ମନୁଷ୍ୟଙ୍କୁ କଷ୍ଟର ସମୟରେ ମଜବୁତ ରଖେ। ଉଦାହରଣ ସ୍ୱରୂପ, ଜଣେ ଛାତ୍ର ଯଦି ପରୀକ୍ଷାରେ ଅସଫଳ ହେଲେ, ସେ ଯଦି ଧର୍ଯ୍ୟ ଧରି ପୁନଃ ପ୍ରୟାସ କରେ, ତେବେ ସେ ସଫଳତା ଲାଭ କରିପାରେ। କିନ୍ତୁ ଯଦି ସେ ନିରାଶ ହୋଇ ଧର୍ଯ୍ୟ ହରାଇ ଦେଉଛି, ତେବେ ସେ ଜୀବନରେ ପଛକୁ ପଡିଯାଏ। ତେଣୁ ଧର୍ଯ୍ୟ ମନୁଷ୍ୟଙ୍କ ପାଇଁ ଏକ ଅମୂଲ୍ୟ ଗୁଣ।

ଯେକୌଣସି ବଡ଼ ସଫଳତା ପାଇବାକୁ ଧର୍ଯ୍ୟ ଅତ୍ୟାବଶ୍ୟକ। ଚାଷୀ ବୀଜ ରୋପଣ କରିଲେ ସେ ତୁରନ୍ତ ଫଳ ମିଳେନାହିଁ। ସେ ଧର୍ଯ୍ୟର ସହ ସଫଳତା ପାଇଁ ସମୟକୁ ଅପେକ୍ଷା କରେ। ତେଣୁ ଜୀବନରେ ଯେକୌଣସି ଲକ୍ଷ୍ୟ ପାଇଁ ଧର୍ଯ୍ୟ ହେଉଛି ମୂଳ ମନ୍ତ୍ର। ଧର୍ଯ୍ୟ ନ ରହିଲେ ମନୁଷ୍ୟ ଆତୁର ହୋଇ ଭୁଲ କାମ କରିପାରେ। ଧର୍ଯ୍ୟ ଥିବା ଲୋକ ସବୁ ପରିସ୍ଥିତିକୁ ଶାନ୍ତ ମନେ ବିଚାର କରି ସଠିକ ନିଷ୍ପତ୍ତି ନେଇଥାଏ। ମାନବିକତା ମାନେ ମନୁଷ୍ୟଙ୍କ ପ୍ରତି ଦୟା, କରୁଣା, ସହାନୁଭୂତି ଓ ସମ୍ମାନ ଦେବା। ଏହା ମନୁଷ୍ୟତ୍ୱର ପ୍ରକୃତ ପରିଚୟ। ଯେଉଁ ଲୋକ ଅନ୍ୟମାନଙ୍କ ଦୁଃଖରେ ସହଭାଗୀ ହୁଏ, ଦରିଦ୍ରଙ୍କୁ ସହାୟତା କରେ, ସେହି ଲୋକକୁ ମାନବିକତା ବୋଲି କୁହାଯାଏ। ଆଜିର ଯୁଗରେ ଅନେକ ଲୋକ ସ୍ୱାର୍ଥପର ହୋଇଯାଉଛନ୍ତି। ସେମାନେ ନିଜ ଲାଭ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। କିନ୍ତୁ ମାନବିକତା ଆମକୁ ଶିଖାଏ ଯେ ଆମେ ସମସ୍ତଙ୍କୁ ଭଲପାଇବା ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ। ଯେଉଁ ସମାଜରେ ମାନବିକତା ଥାଏ, ସେଠାରେ ଶାନ୍ତି ଓ ସମୃଦ୍ଧି ଥାଏ। ଯେଉଁଠାରେ ଲୋକମାନେ ପରସ୍ପରକୁ ସହଯୋଗ କରନ୍ତି, ସେଠାରେ ଦୁଃଖ କମ ଥାଏ। ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି ରାସ୍ତାରେ ଅସୁସ୍ଥ ହୋଇ ପଡିଥାଏ ଏବଂ ଅନ୍ୟମାନେ ସେଠାରେ ତାଙ୍କୁ ସହାୟତା କରନ୍ତି, ତେବେ ସେହି କାମ ମାନବିକତାର ପରିଚୟ । ଏହିପରି ଗୁଣ ମାନବ ଜୀବନକୁ ସୁନ୍ଦର ଓ ସରସ କରେ। ଦୈବୀଶକ୍ତି ମାନେ ଦେବତାଙ୍କର ଶକ୍ତି କିମ୍ବା ଆଧ୍ୟାତ୍ମିକ ଶକ୍ତି। ଏହା ମନୁଷ୍ୟଙ୍କ ମନରେ ଥିବା ଏକ ଉଚ୍ଚ ଶକ୍ତି ଯାହା ତାଙ୍କୁ ସତ୍ୟ, ନ୍ୟାୟ ଓ ଧର୍ମର ପଥରେ ଚଲିବାକୁ ପ୍ରେରଣା ଦେଏ। ଦୈବୀଶକ୍ତି ଥିବା ଲୋକମାନେ ସତ୍ୟବାଦୀ, ନିଷ୍ଠାବାନ ଓ ସହନଶୀଳ ହୋଇଥାନ୍ତି। ସେମାନେ କେବେ ଅନ୍ୟାୟ କାମ କରନ୍ତିନାହିଁ। ସେମାନେ ସବୁବେଳେ ଭଲ କାମ କରିବାକୁ ଚେଷ୍ଟା କରନ୍ତି। ଦୈବୀଶକ୍ତି ଆମକୁ ଆଧ୍ୟାତ୍ମିକ ଜୀବନ ଦିଗରେ ନେଇଯାଏ। ଯେତେବେଳେ ଆମେ ପୂଜା, ଧ୍ୟାନ, ଭଲ କାମ କରିଥାଉ, ସେତେବେଳେ ଆମ ମନ ଶୁଦ୍ଧ ହୁଏ ଓ ଦୈବୀଶକ୍ତି ବୃଦ୍ଧି ପାଏ। ଦୈବୀଶକ୍ତି ଥିଲେ ମନୁଷ୍ୟ ମନରେ ଶାନ୍ତି ଓ ସନ୍ତୋଷ ମିଳେ ଓ ସେ ଭୟମୁକ୍ତ ଓ ସ୍ଥିର ହୁଏ।

ଏହି ତିନୋଟି ଗୁଣ ପରସ୍ପର ସହ ଗଭୀର ଭାବେ ଜଡିତ। ଧର୍ଯ୍ୟ ଥିଲେ ମନୁଷ୍ୟ ଶାନ୍ତ ରହେ, ଯାହା ତାଙ୍କୁ ମାନବିକ କାମ କରିବାକୁ ସହାୟତା କରେ। ମାନବିକତା ଥିଲେ ସେ ଦୈବୀଶକ୍ତିକୁ ଅନୁଭବ କରେ। ଯେଉଁ ଲୋକ ଧର୍ଯ୍ୟଶୀଳ, ସେ ସହଜରେ କ୍ରୋଧ କରେନାହିଁ। ଯେଉଁ ଲୋକର ମାନବିକତା ଅଛି , ସେ ସବୁବେଳେ ଅନ୍ୟଙ୍କୁ ସହାୟତା କରେ ଏବଂ ଯେଉଁ ଲୋକ ଦୈବୀଶକ୍ତିରେ ବିଶ୍ୱାସ କରେ, ସେ ସତ୍ୟର ପଥରେ ଚାଲେ। ଆଜିର ଯୁଗରେ ଲୋକମାନେ ଅଧିକ ଚାପ, ଚିନ୍ତା ଓ ଆକ୍ରୋଶରେ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ ଧର୍ଯ୍ୟ ନିତ୍ୟାନ୍ତ ଆବଶ୍ୟକ। ଏହା ମନକୁ ଶାନ୍ତ କରେ। ମାନବିକତା ବର୍ତ୍ତମାନ ସମାଜରେ ଅଧିକ ଆବଶ୍ୟକ କାରଣ ଏହା ଲୋକମାନଙ୍କୁ ଏକତ୍ର କରେ। ଦୈବୀଶକ୍ତି ମନୁଷ୍ୟଙ୍କୁ ନୈତିକ ଓ ଆଧ୍ୟାତ୍ମିକତା ଶକ୍ତି ଦେଇଥାଏ। ଧର୍ଯ୍ୟ, ମାନବିକତା ଓ ଦୈବୀଶକ୍ତି ମନୁଷ୍ୟ ଜୀବନର ତିନୋଟି ଅମୂଲ୍ୟ ଧନ। ଏହି ଗୁଣମାନଙ୍କୁ ଅପଣାଇଲେ ମନୁଷ୍ୟ ନିଜ ଜୀବନକୁ ସରସ, ସୁନ୍ଦର କରିବା ସହିତ ସମାଜକୁ ମଧ୍ୟ ଉନ୍ନତ କରିପାରେ। ଏହିପରି ଗୁଣମାନଙ୍କୁ ଆମେ ଦିନଚର୍ଯ୍ୟାରେ ଉଚ୍ଚାରଣ ଓ ଆଚରଣରେ ଆପଣାଇବା ଉଚିତ। ଧର୍ଯ୍ୟ ଧରିବା, ମାନବିକତା ହେବା ଓ ଦୈବୀଶକ୍ତିରେ ବିଶ୍ୱାସ ରଖିବା ଦ୍ୱାରା ଆମେ ଏକ ଶ୍ରେଷ୍ଠ ମାନବ ହୋଇପାରିବା।


ଅରଙ୍ଗାବାଦ, ବରୀ, ଯାଜପୁର

ମୋବାଇଲ୍:୮୨୪୯୫୦୨୭୭୬


# କର୍ତ୍ତବ୍ୟ ଓ ତ୍ୟାଗର ଅନ୍ୟ ଏକ ନାମ ପୁରୁଷ

**ଦୀପ୍ତିମୟୀ ନାୟକ**



ଲୁହ ସଭିଙ୍କର ସମାନ ହେଲେ ସମାଜର ମାପଦଣ୍ଡ ଅଲଗା। ନାରୀର ଆଖିରୁ ଲୁହ ଝରିଲେ ସହାନୁଭୂତି ମିଳେ। ପୁରୁଷ ଆଖିରୁ ଲୁହ ଝରିଲେ ଦୁର୍ବଳତାର ଆଖ୍ୟା ମିଳେ। ତେବେ ସୃଷ୍ଟିର ପ୍ରାରମ୍ଭରୁ ପୁରୁଷକୁ ଶକ୍ତି, ସାହସ ଏବଂ ସଂଗ୍ରାମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ସମାଜ ଜଣେ ପୁରୁଷକୁ ସବୁବେଳେ ରକ୍ଷାକର୍ତ୍ତା ଏବଂ ପରିବାରର ମେରୁଦଣ୍ଡ ରୂପେ ଦେଖିବାକୁ ଚାହେଁ କିନ୍ତୁ ଏହି ଶକ୍ତିଶାଳୀ ମୁଖା ପଛରେ ଯେ ଏକ କୋମଳ, ସ୍ପର୍ଶକାତର ଏବଂ ଦୁଃଖରେ ଭାଙ୍ଗି ପଡୁଥିବା ହୃଦୟଟିଏ ଥାଏ। ତାହା ଅନେକ ସମୟରେ ଅଦୃଶ୍ୟ ରହିଯାଏ। ପୁରୁଷର ଦୁଃଖ ଏପରି ଏକ ଜ୍ୱାଳା ଯାହା ଭିତରେ ଭିତରେ ଜଳେ କିନ୍ତୁ ବାହାରକୁ ଧୂଆଁ ବାହାରିବାକୁ ଦିଏନାହିଁ। ଯେତେବେଳେ ଜଣେ ପୁରୁଷର ଦୁଃଖର ସୀମା ପାର୍ ହୋଇଯାଏ ସେତେବେଳେ ସତରେ ତାର ପାଦ ତଳୁ ମାଟି ଖସିଯାଏ। ତଥାପି ସେ ନିଜର ସମସ୍ତ କଷ୍ଟକୁ ନିଜ ଭିତରେ ଚାପିଦିଏ। ପରିବାରର ହସ ପାଇଁ ନିରବୀ ଯାଏ ଏବଂ ନିଜ ମୁଣ୍ଡକୁ ସବୁ ଦୋଷ ନେଇଯାଏ। ଏହା କୌଣସି କାପୁରୁଷତା ନୁହେଁ ବରଂ ଏହା ହେଉଛି ତାର ତ୍ୟାଗ ଓ ଦାୟିତ୍ୱବୋଧର ସବୁଠାରୁ ବଡ଼ ପ୍ରମାଣ। ପିଲାଦିନୁ ହିଁ ଜଣେ ପୁଅକୁ ଏକ ସ୍ୱତନ୍ତ୍ର ମାନସିକତା ଭିତରେ ବଢ଼ାଯାଏ। ଯଦି କୌଣସି ଛୋଟ ପୁଅଟିଏ ପଡ଼ିଯାଇ କାନ୍ଦିପକାଏ ତେବେ ପରିବାର କିମ୍ବା ଆଖପାଖର ଲୋକେ କୁହନ୍ତି ପୁଅ ପିଲା ହୋଇ କାନ୍ଦୁଛୁ କାହିଁକି? ତୁ କଣ ଝିଅ ନା କଣ? ଏହି ଗୋଟିଏ ବାକ୍ୟ ପିଲାଟିର ମନରେ ଏକ ଭୁଲ୍ ଧାରଣା ସୃଷ୍ଟି କରେ କାନ୍ଦିବା ବା ଭାବପ୍ରବଣ ହେବା କେବଳ ନାରୀମାନଙ୍କର ଲକ୍ଷଣ ଏବଂ ପୁରୁଷକୁ ସବୁବେଳେ ପଥର ଭଳି ଶକ୍ତ ରହିବାକୁ ପଡ଼ିବ। ଏହି ସାମାଜିକ ଚାପ ବଡ଼ ହେବା ସହ ଅଧିକ ଜଟିଳ ହୋଇଯାଏ। ପୁରୁଷର ସଫଳତାକୁ ତାର ରୋଜଗାର, ତାର ବ୍ୟାଙ୍କ ବାଲାନ୍ସ ଏବଂ ତାର ଗାଡ଼ି-ଘୋଡ଼ା ଦେଖି ମାପ କରାଯାଏ। ସେ ଭିତରୁ କେତେ ଭାଙ୍ଗି ପଡ଼ିଛି ତାହା ବୁଝିବାକୁ କାହା ପାଖରେ ସମୟ ନଥାଏ। ଫଳରେ ସେ ନିଜର ଦୁଃଖକୁ ଅଭିବ୍ୟକ୍ତ କରିବାର ଭାଷା ହରାଇବସେ ଏବଂ ନିଜ କଷ୍ଟକୁ ନିଜ ଭିତରେ କବର ଦେବାକୁ ବାଧ୍ୟ ହୁଏ।

ଜଣେ ପୁରୁଷ ଯେତେବେଳେ ସମସ୍ତ ଦାୟିତ୍ୱ ନିଜ କାନ୍ଧକୁ ନିଏ। ସେ ପରିବାର ପାଇଁ ଏକ ସୁରକ୍ଷା କବଚ ପାଲଟିଯାଏ। କିନ୍ତୁ ଯେତେବେଳେ ତାର ନିଜର ବ୍ୟବସାୟ ବୁଡ଼ିଯାଏ, ଚାକିରୀ ଚାଲିଯାଏ କିମ୍ବା କୌଣସି ବଡ଼ ବିପତ୍ତି ଆସେ। ସେତେବେଳେ ତାର ପାଦ ତଳୁ ସତରେ ମାଟି ଖସିଯାଏ। ଆଜିର ଅତ୍ୟାଧୁନିକ ଓ ପ୍ରତିଯୋଗିତାମୂଳକ ଦୁନିଆରେ ପ୍ରତି ମୁହୂର୍ତ୍ତରେ ଶ୍ରେଷ୍ଠ ପ୍ରମାଣିତ ହେବାର ଏକ ଅଦୃଶ୍ୟ ଦୌଡ଼ ଚାଲିଛି। ଏହି ଦୌଡ଼ରେ ପଛରେ ପଡ଼ିଗଲେ ଜଣେ ପୁରୁଷ ନିଜକୁ ଅଦରକାରୀ ମନେକରେ। ସେ ଅନ୍ଧାର ରାତିରେ ବନ୍ଦ କୋଠରୀରେ କିମ୍ବା ଗାଡ଼ି ଚଲାଇବା ସମୟରେ ହେଲମେଟ୍ ପଛରେ ଲୁହ ନିଗାଡ଼େ। ତାର ଦୁଃଖ ଦେଖିଲେ ଯେକୌଣସି ସମ୍ବେଦନଶୀଳ ମଣିଷର ଆତ୍ମା କାନ୍ଦି ଉଠିବ କାରଣ ତାର କାନ୍ଦିବା ପଛରେ କୌଣସି ଅଭିମାନ ନଥାଏ। ଥାଏ କେବଳ ଅସହାୟତା। ପୁରୁଷର ସବୁଠାରୁ ବଡ଼ ଗୁଣ ଏବଂ ସବୁଠାରୁ ବଡ଼ ଅଭିଶାପ ହେଉଛି ତାର ନିରବତା। ସେ ଘରର ବଡ଼ ପୁଅ ହେଉ, ସ୍ୱାମୀ ହେଉ କିମ୍ବା ବୃଦ୍ଧ ପିତା ହେଉ ପରିବାରର ସୁଖ-ଶାନ୍ତି ପାଇଁ ସେ ସବୁବେଳେ ନିଜକୁ ନିରବ କରିଦିଏ। ଅଫିସରେ ମାଲିକଙ୍କ ଗାଳି, କାମର ଚାପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଷଡ଼ଯନ୍ତ୍ର ସବୁକିଛି ସେ ସହେ। କିନ୍ତୁ ସେ ଯେତେବେଳେ ଘରର ଚଉକାଠ ପାର୍ ହୁଏ ତାର ଚେହେରାରେ କ୍ଲାନ୍ତି କିମ୍ବା କ୍ରୋଧର ଚିହ୍ନ ସେ ରଖିବାକୁ ଚାହେଁନାହିଁ। ସେ ନିଜ ପିଲାମାନଙ୍କୁ ହସାଇବାକୁ ଚେଷ୍ଟା କରେ ସ୍ତ୍ରୀର ସମସ୍ୟା ଶୁଣେ ଏବଂ ବାପା-ମା'ଙ୍କ ସେବା କରେ। ନିଜ ପାଇଁ ନୂଆ ସାର୍ଟଟିଏ କିଣିବା ପୂର୍ବରୁ ସେ ଦଶଥର ଭାବେ କିନ୍ତୁ ପିଲାଙ୍କ ସ୍କୁଲ୍ ଫିସ୍ କିମ୍ବା ସ୍ତ୍ରୀର ଗହଣା ପାଇଁ ସେ ନିଜର ପ୍ରତିଟି ପଇସା ସାଇତି ରଖେ। ଏହି ସଂଗ୍ରାମ ଭିତରେ ସେ ନିଜକୁ ଏତେ ନିରବ କରିଦିଏ ଯେ ସେ ନିଜର ଅସ୍ତିତ୍ୱକୁ ମଧ୍ୟ ଭୁଲିଯାଏ। ଯଦି ସଂସାରରେ କିଛି ଖରାପ ଘଟେ ତେବେ ସମାଜର ପ୍ରଥମ ଆଙ୍ଗୁଠି ପୁରୁଷ ଆଡ଼କୁ ହିଁ ଉଠିଥାଏ। ଘରର ଆର୍ଥିକ ଅବସ୍ଥା ଖରାପ ହେଲେ କୁହାଯାଏ ତୁମେ ପୁରୁଷ ହୋଇ କଣ କରୁଛ? ଯଦି ସମ୍ପର୍କରେ ତିକ୍ତତା ଆସେ ତେବେ ପ୍ରାୟତଃ ପୁରୁଷକୁ ହିଁ ଦୋଷୀ ସଜାଯାଏ। ପରିବାରର ଶାନ୍ତି ରକ୍ଷା କରିବା ପାଇଁ ମହାଭାରତର ଭୀଷ୍ମଙ୍କ ଭଳି ପୁରୁଷ ଅନେକ ସମୟରେ ପ୍ରତିବାଦ ନକରି ନିରବ ରହେ। ନିଜର ଭୁଲ୍ ନଥାଇ ମଧ୍ୟ ସେ ହଁ ମୋ ଯୋଗୁଁ ହିଁ ସବୁ ଖରାପ ହେଲା ବୋଲି ସ୍ୱୀକାର କରିନିଏ। ସେ ଭାବେ ଯଦି ତାର ଦୋଷ ସ୍ୱୀକାର କରିବା ଦ୍ୱାରା ଘରର କଳହ ଶାନ୍ତ ହୋଇଯାଉଛି ତେବେ ତାର ସ୍ୱାଭିମାନଠାରୁ ଘରର ଶାନ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ମାନସିକତା ତାକୁ ଭିତରୁ ଧୀରେ ଧୀରେ ଶେଷ କରିଦିଏ। କିନ୍ତୁ ବାହାରକୁ ସେ ସେମିତି ଶାନ୍ତ ଓ ସ୍ଥିର ଦେଖାଯାଏ।ପୁରୁଷର ଏହି ଅକୁହା ଦୁଃଖ କେବଳ ଭାବପ୍ରବଣତାରେ ସୀମିତ ନୁହେଁ। ଏହା ଏକ ଗମ୍ଭୀର ସାମାଜିକ ସମସ୍ୟା। ବିଭିନ୍ନ ସର୍ଭେ ଏବଂ ରିପୋର୍ଟ ଅନୁସାରେ, ସାରା ବିଶ୍ୱରେ ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ଆତ୍ମହତ୍ୟା ହାର ଯଥେଷ୍ଟ ଅଧିକ। ଏହାର ଏକମାତ୍ର କାରଣ ହେଉଛି ଅବସାଦକୁ ପ୍ରକାଶ ନକରିପାରିବା। ଜଣେ ନାରୀ ନିଜର ଦୁଃଖକୁ କାନ୍ଦି କିମ୍ବା ନିଜ ସାଙ୍ଗମାନଙ୍କ ସହ ସେୟାର୍ କରି ହାଲୁକା କରିଦେଇପାରେ। କିନ୍ତୁ ପୁରୁଷଟିଏ ଯଦି ତାର ପୁରୁଷ ବନ୍ଧୁ ଆଗରେ କାନ୍ଦେ ତେବେ ସେଠାରେ ବି ତାକୁ ସମାଲୋଚନାର ଶିକାର ହେବାକୁ ପଡ଼େ। ଏହି ସାମାଜିକ ବିଚ୍ଛିନ୍ନତା ତାକୁ ମାନସିକ ରୋଗୀ କରିଦିଏ ଏବଂ ଶେଷରେ ସେ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେକରେ।

ତେବେ ଆମ ସାହିତ୍ୟ ଓ ସିନେମାରେ ମଧ୍ୟ ପୁରୁଷକୁ ସବୁବେଳେ ହିରୋ ବା ମହାଶକ୍ତିଶାଳୀ ଭାବେ ଦେଖାଯାଇଛି। ଯିଏ ଶହେ ଜଣ ଗୁଣ୍ଡାଙ୍କୁ ପିଟିପାରେ କିନ୍ତୁ ବାସ୍ତବ ଜୀବନର ହିରୋମାନେ ବହୁତ ଭିନ୍ନ। ବାସ୍ତବ ଜୀବନର ପୁରୁଷଟିଏ ସକାଳୁ ଲୋକାଲ୍ ଟ୍ରେନ୍ ବା ବସରେ ଝୁଲି ଝୁଲି କାମକୁ ଯାଏ। ମାସ ଶେଷରେ ଦରମା ପାଇ ସବୁ ଟଙ୍କା ଘର ଲୋକଙ୍କ ହାତରେ ଟେକିଦିଏ ଏବଂ ନିଜ ପକେଟ୍‌ରେ ମାତ୍ର କିଛି ଟଙ୍କା ରଖି ମାସସାରା ଚଳିଯାଏ। ତାର ଏହି ବାସ୍ତବ ଦୁଃଖ ଓ ସଂଗ୍ରାମକୁ ନେଇ ସାହିତ୍ୟରେ ଅଧିକ ଆଲୋଚନା ହେବା ଆବଶ୍ୟକ। ଆମକୁ ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ପୁରୁଷ ପ୍ରତି ଥିବା ଆମର ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ହେବ। ଯେମିତିକି ପୁଅମାନଙ୍କୁ କାନ୍ଦିବାକୁ ଦିଅନ୍ତୁ। ସେମାନଙ୍କୁ ବୁଝାନ୍ତୁ ଯେ କାନ୍ଦିବା କୌଣସି ଦୁର୍ବଳତା ନୁହେଁ ଏହା ହେଉଛି ମଣିଷ ହେବାର ଏକ ସ୍ୱାଭାବିକ ପ୍ରକ୍ରିୟା। ଘରର ପୁରୁଷ (ବାପା, ସ୍ୱାମୀ କିମ୍ବା ଭାଇ) ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଙ୍କୁ କେବଳ ଏତିକି ପଚାରନ୍ତୁ ଆଜି ତୁମର ଦିନଟି କେମିତି କଟିଲା? କିଛି ଅସୁବିଧା ନାହିଁ ତ? ଏହି ସାମାନ୍ୟ ପ୍ରଶ୍ନ ତାଙ୍କ ଭିତରର ଅନେକ ବୋଝକୁ ହାଲୁକା କରିଦେବ। ପ୍ରତି ସମସ୍ୟା ପାଇଁ ପୁରୁଷକୁ ଦାୟୀ ନକରି ତାଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଠିଆ ହେବା ଉଚିତ। ଶେଷରେ ଏତିକି କହିବି ପୁରୁଷ କୌଣସି ପଥରର ମୂର୍ତ୍ତି ନୁହେଁ। ସେ ରକ୍ତମାଂସର ମଣିଷ। ତାର ପ୍ରତିଟି ଶାନ୍ତ ଚେହେରା ପଛରେ ଏକ ଗଭୀର ସମୁଦ୍ର ଥାଏ। ଯେଉଁଠାରେ ଅନେକ ଝଡ଼ ନିଜକୁ ନିଜେ ଶାନ୍ତ କରିଦିଅନ୍ତି। ପରିବାରର ସୁରକ୍ଷା ପାଇଁ ନିଜ ପାଦ ତଳୁ ମାଟି ଖସିଯାଉଥିଲେ ମଧ୍ୟ ଯିଏ ଆକାଶକୁ ନିଜ ହାତରେ ଟେକିଧରିବାର ସାହସ ରଖେ ସିଏ ହିଁ ପ୍ରକୃତ ପୁରୁଷ। ତେଣୁ ସମାଜର ଏହି ନିଶବ୍ଦ ଯୋଦ୍ଧାଙ୍କୁ ଅଣଦେଖା ନକରି ତାଙ୍କର ତ୍ୟାଗକୁ ଚିହ୍ନିବା ଏବଂ ତାଙ୍କ ଦୁଃଖ ସମୟରେ ତାଙ୍କ ପାଖରେ ସହାନୁଭୂତିର ସହ ଠିଆହେବା ହିଁ ମାନବିକତାର ପ୍ରକୃତ ପରିଚୟ।ସେମାନଙ୍କର ଏହି ନିରବ ସଂଗ୍ରାମକୁ ଶତ ଶତ ପ୍ରଣାମ।




ଯୁବ ସାମ୍ବାଦିକା, ଅନ୍ଧାରୁଆ, ଭୁବନେଶ୍ୱର

ମୋବାଇଲ୍:୯୦୯୦୬୬୧୫୮୬


# ସ୍ୱାଧୀନତା ଦିବସର ଆହ୍ୱାନ ଓ ସଂକଳ୍ପ

**ଡ.ଚନ୍ଦ୍ରକଳା ନାୟକ**



ପ୍ରତ୍ୟେକ ଦେଶ ପରତନ୍ତ୍ରରୁ ମୁକ୍ତି ପାଉଥିବା ଦିନଟିକୁ ତାର ଶ୍ରେଷ୍ଠ ପର୍ବ ଭାବରେ ଗ୍ରହଣ କରିଥାଏ। ଅନେକ ମହାପୁରୁଷ ଜୀବନର ବଳୀଦାନ ଦେଇ, ନିଜ ଜୀବନକୁ ବାଜି ଲଗାଇ, ଲୁହ ଲହୁ ନିଗାଡି ପରାଧୀନତାର ଇତିହାସର ମୋଡ ବଦଳାଇ ଥାନ୍ତି। ଦେଶ ସ୍ୱାଧୀନତାର ସ୍ୱପ୍ନର ସଫଳ ରୂପାୟନ କରିଥାନ୍ତି। କୃତଜ୍ଞତା ସ୍ୱରୂପ ସେହିଦିନ ଦେଶବାସୀ ସେହି ମହାପୁରୁଷ ମାନଙ୍କୁ ସ୍ମରଣ କରିଥାନ୍ତି। ସେମାନଙ୍କୁ ଅନ୍ତରର ସମ୍ମାନ ପ୍ରଦର୍ଶନ କରିଥାନ୍ତି। ଆମ ଦେଶରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ଭାବେ ପାଳିତ ହେଉଥିବା ବେଳେ ଏହିଦିନ ମଧ୍ୟ ସ୍ୱାଧୀନତା ପାଇଁ ନିଜ ଜୀବନକୁ ବଳୀଦାନ କରିଥିବା ସେଇ ମହାପୁରୁଷ ମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି ସଂଗ୍ରାମୀ ତଥା ମହାପୁରୁଷ ମାନଙ୍କ ପାଇଁ ଦୀର୍ଘ ବର୍ଷର ବ୍ରିଟିଶ ଶାସନର ପରାଧୀନତାର ବନ୍ଧନରୁ ଆମ ଦେଶ ମୁକ୍ତି ପାଇଲା। ଦେଶ ତାର ଅମୁଲ୍ୟ ସ୍ୱାଧୀନତା ପାଇଥିଲା। ଦୀର୍ଘ ଦୁଇଶହ ବର୍ଷ ଧରି ଏହି ମହାନ ଦେଶ ଭାରତକୁ ଇଂରେଜ ମାନେ ଶାସନ କରି ଆମ ଦେଶବାସୀଙ୍କୁ ଅକଥନୀୟ ଅତ୍ୟାଚାର ପ୍ରଦାନ କରିଥିଲେ। ପ୍ରତି ମୁହୁର୍ତ୍ତରେ ଭାରତୀୟ ଜନମନ ଚାହୁଁଥିଲା ରାଜନୈତିକ ମୁକ୍ତି ସାଙ୍ଗକୁ ପୂର୍ଣ୍ଣ ସ୍ୱରାଜ। ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱାଧୀନତା ପ୍ରତ୍ୟେକ ଭାରତୀୟଙ୍କ ଜନ୍ମଗତ ଅଧିକାର। ଏ କଥା ପ୍ରତ୍ୟେକ ଭାରତୀୟ ମର୍ମେ ମର୍ମେ ଉପଲବ୍ଧି କରୁଥିଲେ। ଉତ୍କଳମଣୀ ଗୋପବନ୍ଧୁ ଲେଖିଥିଲେ-

"ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିଚାର।"

ସମୟର ପ୍ରଭାବରେ, କାଳର କରାଳ ଗତିରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ପ୍ରୟାସ ବିସ୍ମୃତିର ଅଥଳ ଗର୍ଭରେ ଭାସିଯାଇଛି। ସ୍ୱାଧୀନତା ଦିବସ ପାଳନର ଲକ୍ଷ ହେଉଛି ଏହି ସ୍ମୃତିକୁ ସ୍ମରଣ କରିବା ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ୱାଧୀନ ଭାରତ ନେଇ ଦେଖିଥିବା ସ୍ୱପ୍ନ ଓ ଲକ୍ଷର ସଫଳ ରୂପାୟନ ପାଇଁ ସଂକଳ୍ପ ନେବା।

ସ୍ୱାଧୀନତା ଦିବସ ଲକ ମହାନ ରାଷ୍ଟ୍ରିୟ ପର୍ବ। ୧୫ ଅଗଷ୍ଟ ଦିନ ହିମାଳୟ ଠାରୁ କୁମାରିକା ପର୍ଯ୍ୟନ୍ତ ବହୁ ଆଡମ୍ବର ସହକାରେ ଏହି ଉତ୍ସବ ପାଳିତ ହୁଏ। 'ଇଣ୍ଡିଆ ଗେଟ' ରେ ଜଳ, ସ୍ଥଳ, ଓ ଆକାଶ ସେନା ପକ୍ଷରୁ ଅଭିବାଦନ ପ୍ରଦାନ କରାଯାଏ। ଏହି ପବିତ୍ର ସମାରୋହକୁ ଅବଲୋକନ କରିବା ପାଇଁ ଭାରତର ରାଜଧାନୀ ଦିଲ୍ଲୀରେ ସାରା ଭାରତର

ବିଭିନ୍ନ ସ୍ଥାନରୁ ହଜାର ହଜାର ନରନାରୀ ସମବେତ ହୁଅନ୍ତି। କେବଳ ଦିଲ୍ଲୀରେ ନୁହେଁ ପ୍ରତ୍ୟେକ ରାଜ୍ୟର ରାଜଧାନୀ ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଏହି ଦିବସ ପାଳିତ ହୁଏ। ଶିକ୍ଷାକ୍ଷେତ୍ର ଗୁଡିକରେ ଛାତ୍ରଛାତ୍ରୀ ପ୍ରଭାତଫେରି କରି ବିଦ୍ୟାଳୟ ପ୍ରାଙ୍ଗଣରେ ଏକତ୍ର ହୁଅନ୍ତି। ସମସ୍ତେ ଯଥାରୀତି ଜାତୀୟ ପତାକା ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି। ପତାକା ଉତ୍ତୋଳନ କରାଯିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଏ। ଏହି ପବିତ୍ର ଦିବସରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଆତ୍ମ ବଳୀଦାନକୁ ପ୍ରତ୍ୟେକ ଜନସାଧାରଣ ସ୍ମରଣ କରିଥାନ୍ତି। ମହାତ୍ମା ଗାନ୍ଧୀଙ୍କ ଅହିଂସା ମନ୍ତ୍ର ପ୍ରତ୍ୟେକ ଭାରତୀୟଙ୍କ ପାଇଁ କେବଳ ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ଏକ ପ୍ରେରଣା। ଭାରତବର୍ଷରେ ଜନ୍ମ ଲାଭ କରିଥିବା ଯୋଗଜନ୍ମା ମହାପୁରୁଷ ମହାତ୍ମା ଗାନ୍ଧୀଙ୍କ ଦେଶପ୍ରେମ, ବ୍ୟକ୍ତିତ୍ୱ, ସାଧୁତା, ନୈତିକତା, ମାନବିକତା, କର୍ତ୍ତବ୍ୟନିଷ୍ଠା ସମଗ୍ର ବିଶ୍ୱରେ ବିରଳ। ଆମ ଦେଶକୁ ବ୍ରିଟିଶ ମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ ମହାତ୍ମା ଗାନ୍ଧୀ ଅହିଂସା ଓ ଶାନ୍ତି ମା୍ମମରେ ସ୍ୱାଧୀନତା ପାଇବା ପଦ୍ଧତି ସମଗ୍ର ବିଶ୍ୱବାସୀଙ୍କୁ ଏକ ନୂତନ ମାର୍ଗର ଉନ୍ମୋଚନ କରିଥିଲା।

ଦକ୍ଷୀଣ ଆଁ୍ରକାର ବର୍ଣ୍ଣବୈଶମ୍ୟ ବିରୋଧରେ ଆନ୍ଦୋଳନ କରି ବାପୁ ବିଶ୍ୱ ଦରବାରରେ ବ୍ୟାପକ ଲୋକପ୍ରୀୟ ହୋଇଥିଲେ। ୧୯୧୫ ମସିହାରେ ଗାନ୍ଧିଜୀ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତବର୍ଷ ସେତେବେଳେ ସମ୍ପୂର୍ଣ୍ଣ ଭାବେ ଇଂରୋଜ ମାନଙ୍କ ଦ୍ୱାରା ଅଧିକୃତ ହୋଇ ସାରିଥାଏ। ଭାରତୀୟ ଜନତାଙ୍କ ନେତୃତ୍ୱର ପ୍ରଥମ ପଦକ୍ଷେପ ସ୍ୱରୂପ ଇଂରେଜଙ୍କ ଦ୍ୱାରା ଅତ୍ୟାଚାରିତ ନୀଳଚାଷୀ ମାନଙ୍କ ସମସ୍ୟା ସମାଧାନ ପାଇଁ ଲଢିଥିଲେ ଗାନ୍ଧିଜୀ। ଏଥିପାଇଁ ବିହାର ଚମ୍ପାରଣ ଠାରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ପରେ ଅହମ୍ମଦାବାଦର ଶ୍ରମିକ ଆନ୍ଦୋଳନ, ଏହାପରେ ଗୁଜୁରାଟର କାଇରା ଅଞ୍ଚଳରେ କଅଷକ ଆନ୍ଦୋଳନରେ ଗାନ୍ଧିଜୀଙ୍କ ନେତୃତ୍ୱ ବେଶ ସଫଳ ହୋଇଥିଲା। ପ୍ରଥମେ ଗାନ୍ଧିଜୀ ଭାରତୀୟ ଜାତୀୟ କଂଗେସରେ ଜଣେ ସଦସ୍ୟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବାଲ ଗଙ୍ଗାଧର ତିଳକଙ୍କ ମୃତ୍ୟୁ ପରେ ଜାତୀୟ କଂଗ୍ରେସର ସର୍ବେସର୍ବା ହେଲେ ଗାନ୍ଧିଜୀ। ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ, ୧୯୪୨ ମସିହାରେ ଭାରତଛାଡ, ଆନ୍ଦୋଳନ ଗାନ୍ଧିଜୀଙ୍କ ସ'ଳ ନେତୃତ୍ୱ ଦୃଷ୍ଟାନ୍ତ ହୋଇଥିଲା। ଶେଷରେ ଭାରତର ବହୁ ମହାମନିଷି ମାନଙ୍କ ତ୍ୟାଗ, ବଳୀଦାନରେ ଦେଶର କୋଟି କୋଟି ଲୋକଙ୍କ ସହଯୋଗରେ ମହାତ୍ମାଙ୍କ ନେତୃତ୍ୱରେ ଭାରତ ୧୫ ଅଗଷ୍ଟରେ ସ୍ୱାଧୀନ ହେଲା। ଅନ୍ୟାନ୍ୟ ସ୍ୱାଧୀନ ଦେଶ ପରି ଆମ ଦେଶରେ ମଧ୍ୟ ଗୋଟିଏମସମ୍ବିଧାନ ଅଛି। ପ୍ରତ୍ୟେକ ଭାରତୀୟ ଏହିଦିନ ଦେଶପ୍ରେମର ପବିତ୍ର ମହାନ ବନ୍ଧନରେ ରହି ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନିଅନ୍ତି। ସ୍ୱାଧୀନତା ଦିବସ ଭାରତର ଏକ ଜାତୀୟ ଉତ୍ସବ। ଏହା ଦେଶବାସୀଙ୍କ ପାଇଁ ଆତ୍ମ ସମୀକ୍ଷାଓ ସଂକଳ୍ପର ଦିବସ। ଦେଶର ଜାତୀୟ ସଂହତି ଓ ଏକତାକୁ ଅକ୍ଷୁର୍ଣ୍ଣ ରଖିବାକୁ ସଂକଳ୍ପ ନେବାର ଦିବସ।

ପ୍ରାୟ ଦୁଇଶହ ବର୍ଷ ପୂର୍ବେ ମଣିଷର ଭାଗ୍ୟ ଓ ଭବିଷ୍ୟତକୁ ଏକ ବିଶେଷ ବେଗ ତଥା ଉଦବେଳନ ଆଣି ଦେଇଥିବା ତିନୋଟି ଶବ୍ଦ ହେଉଛି- ସ୍ୱାଧୀନତା, ସମାନତା ଓ ଭାତୃତ୍ୱ। ଫରାସୀ ବିପ୍ଳବର ପତାକା ତଳେ ଏକ ବିଶେଷ ସ୍ୱପ୍ନର ତାତ୍ପର୍ଯ୍ୟ ଗୁଡିକ ପ୍ରତିଫଳିତ କରି ସମଗ୍ର ବିଶ୍ୱ ଚିତ୍ତକୁ କେତେକେତେ ଆତ୍ମବଳୀ ଆଣି ଦେଇଥିଲେ। ସଂଘ ଶକ୍ତି ଦ୍ୱାରା ହିଁ ଭବିଷ୍ୟତ ପାଇଁ ଏକ ନୂଆ ମୋଡ ଓ ଗୋଟିଏ ବିଶ୍ୱାସର ପ୍ରତିଷ୍ଠା ହୋଇଥିଲା। ତାହାର ମୂଳ ସ୍ଲୋଗାନ ଥିଲା- ସ୍ୱାଧୀନତା ଲାଭ କରିବା।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ଭାରତବର୍ଷରେ ଏହି ସ୍ଲୋଗାନ ତାର ମୂଳଲକ୍ଷକୁ ପ୍ରାପ୍ତ କରିଥିଲା। ସ୍ୱାଧୀନତାର ମୂଳପିଣ୍ଡ ଭାବେ ପ୍ରତ୍ୟେକ ମଣିଷ ନିମନ୍ତେ ଅନ୍ତତଃ ସର୍ବନିମ୍ନ ସୁଯୋଗ ମାନ ଅବଶ୍ୟ ରହିବାର ଆବଶ୍ୟକତା ହିଁ ଏହାର ମୂଳପିଣ୍ଡ ଥିଲା। ସ୍ୱାଧୀନତା ପରେ ଆରମ୍ଭ କାଳରୁ ସ୍ୱାର୍ଥୀ ପକ୍ଷଟି ସର୍ବଦନା କ୍ଷମତା ଗୁଡିକୁ ଦଖଲ କରି ଆପଣାର ସ୍ୱାର୍ଥ ସାଧନରେ ବ୍ୟସ୍ତ ରହିଲେ। ଭାରତବର୍ଷର ଶାସନସ୍ତରୀୟ ଗଣେ ରାଜତନ୍ତ୍ରରୁ ଏକ ଗଣତାନ୍ତ୍ରିୟ ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି। ତଥାପି ଶାସନ ବ୍ୟବସ୍ଥରେ ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ଅଛନ୍ତି। ଏଥିପାଇଁ ଅଶିକ୍ଷା, ଦାରିଦ୍ର୍ୟ, ରୋଗ ନୀତିଦିନର ଶୈଳୀ ପ୍ରାୟ ହୋଇ କୋଟି କୋଟି ଭାରତୀୟଙ୍କ ଭାଗ୍ୟକୁ କାମୁଡି ଧରିଛି। ଅନାଟନ ଅବିଚ୍ଛନ୍ନ ରହିଛି। ପ୍ରାକୃତିକ ପ୍ରକୋପ ଗୁଡିକ ପାଇଁ ଏହି ମଣିଷ ମାନେ ଅସହାୟ ହୋଇଛନ୍ତି। ସ୍ୱାଧୀନତାର ଅଣାଅଶି ବର୍ଷ ପରେ କ୍ଷ ବିପର୍ଯ୍ୟନ୍ତ ବ୍ୟବସ୍ଥା ପାଇଁ ମଣିଷ ନିଜକୁ ଅଲୋଡା ମଣୁଛି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଖୁବ ଜାକଜମକରେ ହୋଉଛି ମାତ୍ର ସାମୁହିକ ନିମ୍ନତମ ରାଷ୍ଟ୍ରିୟ ବିଧାନ ଗୁଡିକରେ ତଳେ ଲୋକମାନେ କୌଣସି ଭରସା ରଖି ପାରୁନାହାନ୍ତି। ଉପରିସ୍ଥ ଧୋବ ମଣିଷ ଏପରି କୁଶିକ୍ଷା ଗୁଡିକ ଦ୍ୱାରା ସିଦ୍ଧ ବିରବତ୍ ଆପଣାକୁ ସଚଳ କରି ରଖିଛନ୍ତି।

ଭାରତୀୟ ଅହିଂସା ଆନ୍ଦୋଳନର ପୁରୋଧା ମହାତ୍ମା ଗାନ୍ଧୀଙ୍କ ସଂଗ୍ରାମ ସଫଳ ହେବା ପରେ ବିପ୍ଳବୀ ବୃହତ ନେତାମାନେ ବହୁ ଖାସ ସ୍ୱାର୍ଥ ବାସନା ଦ୍ୱାରା ବିଭାଜିତ ହୋଇ, ନିଜର ଲକ୍ଷପଥରୁ ଭ୍ରଷ୍ଟ ହୋଇଛନ୍ତି। ଶାସନ ବ୍ୟବସ୍ଥା ବିଦେଶୀଙ୍କ ହାତରୁ ସ୍ୱଦେଶୀଙ୍କ ହାତକୁ ଆସିଲା ସତ, ହେଲେ ଆଶାନୁରୂପ ପରିବର୍ତ୍ତନ ହେଲାନାହିଁ। ପ୍ରଚଳିତ ବ୍ୟବସ୍ଥା ପ୍ରତି ଦୃଷ୍ଟିପାତ କଲେ ଦେଖାଯାଏ, ଆମ ନେଦଶ ସ୍ୱାଧୀନତା ଲାଭ କରିଛି ସତ ହେଲେ ତାର ପ୍ରକୃତ ଲକ୍ଷ ପୁରଣ ହୋଇନାହିଁ। ସେବା ମନୋବୃତ୍ତି, କର୍ମ ମନୋଭାବ, ଦେଶପାଇଁ ନିଷ୍ଠା, କତ୍ତବ୍ୟ ପରାୟଣତାରେ ଜନସାଧାରଣଙ୍କୁ ଉଦବୁଦ୍ଧ କରାଯାଇ ପାରିନାହିଁ ବରଂ ଆର୍ଥିକ ପ୍ରଲୋଭନର ଆମନ୍ତ୍ରଣ କରାଯାଉଛି। ଭ୍ରଷ୍ଟାଚାର, ଲାଞ୍ଚ, ଅମାନବିକତା, କ୍ଷମତାର ଦୁରୁପଯୋଗ, ଅନୈତିକତାର ପ୍ରଚଣ୍ଡ ପ୍ଲାବନ ନୀତି ଆଦର୍ଶକୁ ଧୋଇ ଦେଇଛି। ଶିଳ୍ପ ପ୍ରଗତି, ବିକାଶ କେବଳ କାନକୁ ସୁନ୍ଦର ଶୁଭୁଛି। ନେତୃତ୍ୱ ପଦପଦବୀ ଲୋଭରେ ଆମକ୍ରାନ୍ତ ଆମର ନେତୃବୃନ୍ଦ। ଗଣତନ୍ତ୍ରର ଅର୍ଥ ଗଣଙ୍କ ଶାସନ। ଗଣଙ୍କ ପାଇଁ, ଗଣଙ୍କ ଦ୍ୱାରା, ଗଣଙ୍କର ଶାସନ। ହେଲେ ସ୍ୱାଧୀନତାର ଅଣାଅଶି ବର୍ଷ ପରେ ଏହା କେବଳ ନାମକୁ ମାତ୍ର। ବ୍ୟକ୍ତିଗତ ସ୍ୱାର୍ଥ ସବୁରି ଉର୍ଦ୍ଧ୍ୱରେ। ନିଷ୍ଠାହୀନ ରାଜନୀତି ଶାସକ ମାନଙ୍କୁ ଭ୍ରଷ୍ଟ ସେବକରେ ରୂପାନ୍ତରିତ କରିତ ଦେଇଛି। ସ୍ୱାଧୀନତା ଦିବସ କାଳୀନ ଅନୁଚିନ୍ତା ଅନ୍ଧକାର କ୍ଷରେ ଆଲୋକ ଅନୁସନ୍ଧାନ କରିବାର ବିକଳ ପ୍ରୟାସ। ନାନାଦି ଦୋଷ, ତ୍ରୁଟି ରହିଥିଲେ ମଧ୍ୟ ସ୍ୱାଧୀନତାର ସ୍ୱରୂପକୁ ଉଜ୍ଜ୍ୱଳ କରିବା ପାଇଁ ସଭିଁଏ ପ୍ରତିଶ୍ରୁତି ଦେବା ଉଚିତ। ଅନୁଶାସନ ବିଶୃଙ୍ଖଳିତ ପାଇଁ ଜନସାଧାରଣ ଏକ ତିକ୍ତ ଅନୁଭୂତି କ୍ଷରେ ବିରକ୍ତ ହୋଇ ଶାସନ ପ୍ରତି ବିମୁଖ ଭାବ ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ବିଚାରକୁ ନେଇ ଭବିଷ୍ୟତର କଳ୍ପନା କଲେ ମନେହୁଏ ସତରେ କଣ ଗଣତନ୍ତ୍ର ଫେରିବ? କ୍ଷମତାର ଲୋଭରୁ ମଣିଷ ବାହାରି ଆଦର୍ଶବାଦର ପୁନଃ ଅଭ୍ୟୁଦୟ ଘଟିବ? ଭାରତୀୟ ଜନମାନସରେ ସ୍ୱାଧୀନତା ଦିବସର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଅଦ୍ୟାବଧି ସଂଗ୍ରାମ ସରିନାହିଁ। ଏପରି ଭୟଙ୍କର ସ୍ଥିତି ହେତୁ ଗଣତନ୍ତ୍ରର ସୁରକ୍ଷା ପାଇଁ ବ୍ୟାକୁଳତା ପ୍ରକାଶ ପାଇଛି। ଅବକ୍ଷୟୀ ଜୀବନବୋଧର ପୁନଃନିର୍ମାଣ ପାଇଁ ଆଉ ଏକ ସଂଗ୍ରାମ ଆବଶ୍ୟକ। ସ୍ୱାଧୀନତା ଦିବସ ଦିନ କେବଳ ଜାତୀୟ ପତାକା ଉତ୍ତୋଳନ କରି, ସ୍ଲୋଗାନ ଦେଇ, ଭାଷଣରେ ଦେଶଭକ୍ତଙ୍କୁ ବନ୍ଦନା କଲେ ଆମର କର୍ତ୍ତବ୍ୟ ସରିଯାଏ ନାହିଁ। ଏକ ସୁସ୍ଥ ସାମାଜିକ ପରମ୍ପରା ଓ ଜୀବନବୋଧର ଆନୟନ ପାଇଁ ସ୍ୱାଧୀନତାର ପ୍ରକୃତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ସଂକଳ୍ପ ନେବା ଉଚିତ। ଅବକ୍ଷୟଗ୍ରସ୍ତ ସାମାଜିକ ଜବୀନଧାରା ମଧ୍ୟରେ ଜାତୀୟ ଏକତା ପ୍ରତିଷ୍ଠା କରି ସେବା, ତ୍ୟାଗ, ଏକତ୍ୱବୋଧକୁ ଆଧାର କରି ଦେଶର ସ୍ୱାଧୀନତା, ଅଖଣ୍ଡତା, ସ୍ୱାଭିମାନକୁ ରକ୍ଷା କରିବା ନିମନ୍ତେ ଦୃଢ ସଂକଳ୍ପ ନେବା ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ ହେବା ଆବଶ୍ୟକ।


ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,

ମୋବାଇଲ୍:୯୪୩୭୯୫୭୬୧୭

### ୨୦୨୯ ପର୍ଯ୍ୟନ୍ତ ହର୍ମୁଜ୍ ଖୋଲିବ ନାହିଁ

# ଟ୍ରମ୍ପଙ୍କ ସହ ଆଲୋଚନାକୁ ଇରାନର ନା



ତେହରାନ, ୧୧।୮: ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସ ସତ୍ତ୍ୱେ ତେହରାନ ୱାଶିଂଟନ ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହେଁ। ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ପୁଣି ଥରେ ଖୋଲିବା ପାଇଁ ଇରାନ ଉପରେ ଲଗାତାର ଚାପ ପକାଇ ଆସୁଛନ୍ତି। ଇରାନ ଏବେ ଏନେଇ ଟ୍ରମ୍ପଙ୍କୁ ଏକ ବଡ଼ ଝଟ୍‌କା ଦେଇଛି। ଇରାନ ନାଲିଆଖି ଦେଖାଇ କହିଛି ଯେ, ୨୦୨୯ ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ଆଉ ଖୋଲାଯିବ ନାହିଁ। ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଆମେରିକା ସହିତ ଆଲୋଚନା କରାଯିବ। ଟ୍ରମ୍ପ ପ୍ରଶାସନ ସହିତ ଭବିଷ୍ୟତରେ କୌଣସି ଆଲୋଚନା କରିବାକୁ ଇରାନ ମନା କରିଦେଇଛି।

ଇରାନ କହିଛି ଯେ, ଆମେ ୨୦୨୯ ଜାନୁଆରି ୨୦ରେ ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଏହି ବିବୃତି ଆମେରିକା ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଇରାନ କହିଛି, ଆମେ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛୁ, ହେଲେ ଟ୍ରମ୍ପଙ୍କ ଅଧୀନରେ କୌଣସି ମୂଲ୍ୟରେ ଆପୋଷ ବୁଝାମଣା କରିବୁ ନାହିଁ। ଇରାନୀ ଗଣମାଧ୍ୟମ ଓ ସଂସଦ ବାଚସ୍ପତି ମହମ୍ମଦ ବାକର ଗାଲିବାଫଙ୍କ ପରାମର୍ଶଦାତା ମାଜିଦ୍ ଶାକେରିଙ୍କ ଏକ ବିବୃତି ଅନୁଯାୟୀ, ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ତେହେରାନ ନିଜର ବର୍ତ୍ତମାନର ରଣନୀତି ଜାରି ରଖିବ। ଏହା ସହିତ ଇରାନ ନିଜର ତିନୋଟି ପୂର୍ବ ସର୍ତ୍ତକୁ ଦୋହରାଇ ଟ୍ରମ୍ପ ପ୍ରଶାସନକୁ ଏକ ଜଟିଳ ସମସ୍ୟାରେ ପକାଇଛି।

ଆମେରିକା ସହିତ ଆଲୋଚନା ପୁଣି ଆରମ୍ଭ କରିବା ପାଇଁ ଇରାନ କିଛି ପ୍ରମୁଖ ସର୍ତ୍ତ ମଧ୍ୟ ରଖିଛି। ଏଥିରେ ପ୍ରାୟ ୩୦୦ ବିଲିୟନ ଡଲାର କ୍ଷତିପୂରଣ, ଜବତ ସମ୍ପତ୍ତି ମୁକ୍ତ କରିବା ଓ ଆମେରିକୀୟ ସେନା ପ୍ରତ୍ୟାହାର ଦାବିକୁ ସାମିଲ କରାଯାଇଛି। ତେହରାନ କହିଛି ଯେ ଯେପର୍ଯ୍ୟନ୍ତ ଆମେରିକା ଏହି ଦାବିଗୁଡ଼ିକୁ ଗ୍ରହଣ କରିବ ନାହିଁ, ସେପର୍ଯ୍ୟନ୍ତ ଆଲୋଚନା ଆଗକୁ ବଢ଼ିବା ଅସମ୍ଭବ। ଯୁଦ୍ଧ ସମୟରେ ହୋଇଥିବା କ୍ଷତି ଓ ଚୁକ୍ତିନାମାର କଥିତ ଉଲ୍ଲଂଘନ ପାଇଁ ମଧ୍ୟ ଇରାନ କ୍ଷତିପୂରଣ ଦାବି କରିଛି।

### ସେନାରେ ଅଦଳବଦଳ କଲେ ମୋଜତବା

ତେହରାନ: ଆମେରିକା ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ, ଇରାନ ନିଜର ସାମରିକ କମାଣ୍ଡରେ ଏକ ବଡ଼ ପରିବର୍ତ୍ତନ କରିଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖେମିନି ଏବେ ଆକ୍ସନ ମୋଡ୍‌ରେ ରହିଛନ୍ତି। ସେ ସେନାର ନୂତନ ମୁଖ୍ୟ ଓ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ନୂତନ କମାଣ୍ଡରଙ୍କୁ ନିଯୁକ୍ତ କରିଛନ୍ତି। ମୋଜତବାଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ମେଜର ଜେନେରାଲ ଅଲି ଅବଦୋଲ୍ଲାହିଙ୍କୁ ଇରାନର ସଶସ୍ତ୍ର ବାହିନୀର ନୂତନ ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ବ୍ରିଗେଡିୟର ଜେନେରାଲ ଅହମଦ ଭାହିଦିଙ୍କୁ ଆଇଆରଜିସିର ନୂତନ କମାଣ୍ଡର ଭାବରେ ନିଯୁକ୍ତ କରାଯାଇଛି ଏବଂ ତାଙ୍କୁ ମେଜର ଜେନେରାଲ ପଦବୀ ଦିଆଯାଇଛି।

# ଅରିଜିତ୍‌ଙ୍କ ଗୀତରେ ମୋଦିଙ୍କ ଇନଷ୍ଟା ରିଲ୍



ନୂଆଦିଲ୍ଲୀ, ୧୧।୮: ଦେଶ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ସ୍ୱାଧୀନତା ଦିବସର ଏହି ପବିତ୍ର ଓ ଗୌରବମୟ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏକ ସ୍ୱତନ୍ତ୍ର ବାର୍ତ୍ତା ଜାରି କରିଛନ୍ତି। ଏଥିରେ 'ପ୍ରତ୍ୟେକ ଘରେ ତିରଙ୍ଗା' ବା 'ହର ଘର୍ ତ୍ରିରଙ୍ଗା' ଅଭିଯାନରେ ଯୋଗଦେବା ଏବଂ ଦେଶପ୍ରେମର ଏହି ପର୍ବକୁ ଅଭୂତପୂର୍ବ ଉତ୍ସାହର ସହିତ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବାର୍ତ୍ତାରେ ଦେଶବାସୀଙ୍କୁ ଏହି ସ୍ୱାଧୀନତା ଦିବସରେ ଭାରତର ଗର୍ବ ଏବଂ ଗୌରବର ପ୍ରତୀକ ତ୍ରିରଙ୍ଗା ଉତ୍ତୋଳନ କରିବାକୁ, ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇବାକୁ ଏବଂ 'ବିକଶିତ ଭାରତ' ପାଇଁ ରାଷ୍ଟ୍ରୀୟ ସଂକଳ୍ପକୁ ମଜବୁତ କରିବାକୁ ଆହ୍ୱାନ କରିଛନ୍ତି।

### ଦେଲେ ଦେଶପ୍ରେମର ବାର୍ତ୍ତା

ଇନଷ୍ଟା ରିଲରେ ପିଏମ ମୋଦି କହିଛନ୍ତି କି, ୧୫ ଅଗଷ୍ଟକୁ ଗର୍ବର ସହିତ ପାଳନ କରନ୍ତୁ। ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଅନ୍ତୁ। ଏକ ବିକଶିତ ଭାରତ ପାଇଁ ଏକ ପ୍ରତିଶ୍ରୁତି ନିଅନ୍ତୁ। ପ୍ରତ୍ୟେକ ଘରେ ତ୍ରିରଙ୍ଗା, ଘରେ ଘରେ ତ୍ରିରଙ୍ଗା, ପ୍ରତ୍ୟେକ ହୃଦୟରେ ତ୍ରିରଙ୍ଗା। ଆସନ୍ତୁ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବା... ଭାରତ ମାତା କି ଜୟ. ପ୍ରଧାନମନ୍ତ୍ରୀ ମୋଦିଙ୍କ ନୂତନ ଇନଷ୍ଟାଗ୍ରାମ ରିଲରେ ୨୦୨୧ ହିନ୍ଦୀ ଚଳଚ୍ଚିତ୍ର '୮୩' ର ଦେଶାତ୍ମବୋଧକ ଗୀତ 'ଲହରା ଦୋ' ରହିଛି, ଯାହାକୁ ଅରିଜିତ ସିଂହ ଗାଇଛନ୍ତି। ସଙ୍ଗୀତ ପ୍ରୀତମ ଚକ୍ରବର୍ତ୍ତୀଙ୍କ ଦ୍ୱାରା ରଚିତ ଏବଂ ଗୀତ ଗୁଡ଼ିକ କୌସର ମୁନିରଙ୍କ ଦ୍ୱାରା ଲେଖାଯାଇଛି।

## ସହିଦଙ୍କ ପତ୍ନୀଙ୍କୁ ଅର୍ଥ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୧।୮: ସୁପ୍ରିମକୋର୍ଟ ୨୦୦୦ ମସିହାରେ ସହିଦ୍ ହୋଇଥିବା ଜେନେରାଲ ରିଜର୍ଭ ଇଞ୍ଜିନିୟରିଂ ଫୋର୍ସ କର୍ମଚାରୀଙ୍କ ପତ୍ନୀଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମରଣୋତ୍ତର ଶୌର୍ଯ୍ୟଚକ୍ର ପୁରସ୍କାରପ୍ରାପ୍ତ ସ୍ୱର୍ଗତ ମୋହନ ସିଂହ ଭାରତ-ଚୀନ୍ ସୀମାରେ ରାସ୍ତା ନିର୍ମାଣ ସମୟରେ ତାଙ୍କ ସାଥୀଙ୍କ ଜୀବନ ରକ୍ଷା କରି ଶ୍ରେଷ୍ଠ ବଳିଦାନ ଦେଇଥିଲେ। ବିଚାରପତି କେଭି ବିଶ୍ୱନାଥନ ଓ ଅରୁଣ ପାଲିଙ୍କ ଖଣ୍ଡପୀଠ ସମ୍ବିଧାନ ଅଧୀନରେ ଥିବା ଶୀର୍ଷକୋର୍ଟଙ୍କ ସ୍ୱତନ୍ତ୍ର କ୍ଷମତା ଧାରା ୧୪୨ ବ୍ୟବହାର କରି ଏନେଇ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ମୋହନ ସିଂହଙ୍କ ପତ୍ନୀ କୁଳଦୀପ କୌରଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରି ୨୦୨୬ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କର ରାୟକୁ ଚ୍ୟାଲେଞ୍ଜ କରି ଏହି ଆବେଦନ କରାଯାଇଥିଲା।

## ରେହମାନଙ୍କ ପୁଅ ଦୁର୍ଘଟଣାର ଶିକାର



ନୂଆଦିଲ୍ଲୀ, ୧୧।୮: ଚେନ୍ନାଇର ଗୁଇଣ୍ଡି ଅଞ୍ଚଳରେ ପ୍ରସିଦ୍ଧ ସଙ୍ଗୀତଜ୍ଞ ଏ.ଆର୍. ରେହମାନଙ୍କ ପୁଅ ତଥା ପ୍ଲେବ୍ୟାକ୍ ଗାୟକ ଏ.ଆର୍. ଅମୀନ୍ କାର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଦୁର୍ଘଟଣାରେ ଅମୀନ୍ ଓ ତାଙ୍କ ସହ ଥିବା ଜଣେ ବନ୍ଧୁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଉଭୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା ଏବଂ ପରେ ଡିସଚାର୍ଜ କରାଯାଇଛି। ରିପୋର୍ଟ ଅନୁସାରେ, ଅମୀନ୍ ତାଙ୍କ ବନ୍ଧୁଙ୍କ ସହ ପୋର୍ସେ କାରରେ ଯାତ୍ରା କରୁଥିଲେ। ଅଲିମ୍ପିଆ ଟେକ୍ ପାର୍କ ସିଗନାଲ ନିକଟରେ ଏକ ୱାଗନ୍-ଆର୍ କାର ପାର୍ଶ୍ୱ ରାସ୍ତାରୁ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ ଅମୀନଙ୍କ କାର ସହ ଧକ୍କା ହୋଇଥିଲା। ବିଳମ୍ବିତ ରାତିରେ ଘଟିଥିବା ଏହି ଦୁର୍ଘଟଣାର ପରିସ୍ଥିତି ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଅମୀନ୍ ସୁରକ୍ଷିତ ଅଛନ୍ତି ବୋଲି ତାଙ୍କ ଭଉଣୀ ଖାତିଜା ରେହମାନ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

## ଶୁଭେନ୍ଦୁଙ୍କ ହେଲିକପ୍ଟରର ଜରୁରୀକାଳୀନ ଅବତରଣ



କୋଲକାତା, ୧୧।୮: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଛି। ଖରାପ ପାଗ ଯୋଗୁଁ ହେଲିକପ୍ଟରଟି ପୂର୍ବ ମେଦିନୀପୁର ଜିଲ୍ଲାର କୋଲାଘାଟରେ ଅବତରଣ କରିଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦମ୍‌ଦମ୍‌ରୁ କେଶପୁର ଅଭିମୁଖେ ଉଡ଼ାଣ କରୁଥିଲେ। କିନ୍ତୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ହେଲିକପ୍ଟରକୁ କୋଲାଘାଟର ଏକ ଖୋଲା ପଡ଼ିଆରେ ଅବତରଣ କରିଥିଲେ। ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଏକ ସମାରୋହରେ ଯୋଗଦେବା ପାଇଁ କେଶପୁର ଯାଉଥିଲେ। ଅବତରଣ କରିବା ପରେ ସେ ପଶ୍ଚିମ ମିଦନାପୁର ଜିଲ୍ଲାର କେଶପୁରରେ ଥିବା କାର୍ଯ୍ୟକ୍ରମ ସ୍ଥାନକୁ ସଡ଼କ ପଥରେ ଯାଇଥିଲେ।

## ଡୋଡାରେ ୪ ଆତଙ୍କବାଦୀ ଠାବ

ଶ୍ରୀନଗର, ୧୧।୮: ଜମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାର ଭାଦରୱାହର ରାମତୁଣ୍ଡ ଅଞ୍ଚଳରେ ଚାରି ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଦେଖାଯାଇଛି। ସ୍ଥାନୀୟ ଲୋକମାନେ ସୋମବାର ଅପରାହ୍ଣରେ ଏହି ଗୋଷ୍ଠୀକୁ କ୍ୟାମେରାରେ କଏଦ କରିଥିଲେ ଓ ସୁରକ୍ଷା ବାହିନୀକୁ ସତର୍କ କରାଇ ଦେଇଥିଲେ। ସୁରକ୍ଷା ବାହିନୀ ଏକ ବଡ଼ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନା ପାଇବା ପରେ, ସେନା ଜମ୍ମୁ-କାଶ୍ମୀର ପୁଲିସ ଓ ସିଆରପିଏଫ ଏକ ବଡ଼ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ସନ୍ଦିଗ୍ଧ ଲୋକଙ୍କୁ ଧରିବା ପାଇଁ ଘନଘନ ତଲାସୀ ଚଳାଇଛନ୍ତି। ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ ଏହି ଗୋଷ୍ଠୀରେ ତିନି ଜଣ ପାକିସ୍ତାନୀ ଆତଙ୍କବାଦୀ ଅଛନ୍ତି। ସମ୍ଭବତଃ ଜଣେ ସ୍ଥାନୀୟ ଆତଙ୍କବାଦୀଙ୍କ ସହିତ ଅଛନ୍ତି। ଏହି ଗୋଷ୍ଠୀ ଏକ ବଡ଼ ଆକ୍ରମଣ ଷଡ଼ଯନ୍ତ୍ର କରିପାରନ୍ତି ବୋଲି ସନ୍ଦେହ କରାଯାଉଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ମାମଲାକୁ ଗମ୍ଭୀରତାର ସହ ନେଉଛନ୍ତି।

### ଏସ୍‌ଆଇଆର ମାମଲା

## ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ: ଏସ୍‌ଆଇଆର ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିସନ(ଇସି)ଙ୍କୁ ନୋଟିସ୍ ଜାରି କରିଛନ୍ତି। ଏସଆଇଆର ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ମତ ଦେଇ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀ କହିଛନ୍ତି, ନିର୍ବାଚନ କମିସନଙ୍କ ଅନୁଯାୟୀ ରାଜ୍ୟରେ ଏସଆଇଆର ଯୋଗୁଁ ୨୭ ଲକ୍ଷ ଲୋକ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହୋଇଛନ୍ତି, କିନ୍ତୁ ବାସ୍ତବରେ ୩୪ ଲକ୍ଷ ସାଧାରଣ ଲୋକ ଭୋଟ ଦେବାର ଅଧିକାରରୁ ବଞ୍ଚିତ ହୋଇଛନ୍ତି।

### ଭାରତକୁ ନାସାର ବଡ଼ ଅଫର

## ମୁନ୍ ବେସ୍ ନିର୍ମାଣରେ ସାମିଲ ହେବ ଇସ୍ରୋ



ନୂଆଦିଲ୍ଲୀ, ୧୧।୮: ଆମେରିକୀୟ ମହାକାଶ ଏଜେନ୍ସି ନାସା ଭାରତୀୟ ମହାକାଶ ଏଜେନ୍ସି ଇସ୍ରୋକୁ ଏକ ବଡ଼ ଅଫର ଦେଇଛି। ନାସା ଇସ୍ରୋକୁ ଆର୍ଟିମିସ୍ ମିଶନରେ ମୁନ୍ ବେସ୍ ପ୍ରୋଗ୍ରାମରେ ସାମିଲ ହେବାକୁ ନିମନ୍ତ୍ରଣ କରିଛି। ଆମେରିକୀୟ ଦୂତାବାସ ମଙ୍ଗଳବାର କହିଛି ଯେ, ନାସା ଆର୍ଟିମିସ୍ ଚୁକ୍ତି ଅନୁସାରେ ଭାରତ-ଆମେରିକା ଚୁକ୍ତିକୁ ଆହୁରି ମଜବୁତ କରିବା ପାଇଁ ଇସ୍ରୋକୁ ନିଜର ମୁନ ମିଶନରେ ଅନ୍ତର୍ଭୁକ୍ତ ହେବା ପାଇଁ ନିମନ୍ତ୍ରଣ କରିଛି।

ଉଭୟ ପକ୍ଷ ଚୁକ୍ତି ଅନୁସାରେ, ଓପନ ସାଇଣ୍ଟିଫିକ୍ ଡାଟା ସେୟାରିଂ ଉପରେ ସହଯୋଗ ପାଇଁ କଥାବାର୍ତ୍ତାକୁ ଆଗକୁ ବଢାଇବା ଉପରେ ମଧ୍ୟ ସହମତି ପ୍ରକାଶ କରିଛନ୍ତି। ଏହି ଚୁକ୍ତିର ଉଦ୍ଦେଶ୍ୟ ବାହ୍ୟ ମହାକାଶର ନାଗରିକ ଅନ୍ୱେଷଣ ଓ ଏହାର ଉପଯୋଗର ଗଭର୍ଣ୍ଣାସକୁ ଉତ୍ତମ କରିବାର ଅଛି। ନାସା ମହାକାଶରେ ଆମେରିକାର ଲିଡରଶିପକୁ ମଜବୁତ କରିବା, ବୈଜ୍ଞାନିକ ଆବିଷ୍କାରକୁ ପ୍ରୋତ୍ସାହିକ କରିବା, ଇଣ୍ଡଷ୍ଟ୍ରୀ ଓ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ ଇନୋଭେସନକୁ ଆଗକୁ ବଢାଇବା ଓ ମଙ୍ଗଳ ମିଶନ ପାଇଁ ମାନବତାକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ନିକଟରେ ଏକ ମୁନ ବେସ୍ ନିର୍ମାଣ କରୁଛି।

## ମମତାଙ୍କ ଉପରେ ଆକ୍ରମଣ ଗଣତନ୍ତ୍ର ପ୍ରତି ଆଘାତ



ମୁମ୍ବାଇ, ୧୧।୮: ଶିବସେନା (ୟୁବିଟି) ଦାବି କରିଛି ଯେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ କେବଳ ଜଣେ ବ୍ୟକ୍ତିଗତ ରାଜନୈତିକ ବ୍ୟକ୍ତିତ୍ୱଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ଆମ ଗଣରାଜ୍ୟର ଗଣତାନ୍ତ୍ରିକ ଗଠନ ଉପରେ ଏକ ସିଧାସଳଖ ଆକ୍ରମଣ।

ପଥର, ଲାଠି ଏବଂ ଲୁହା ରଡ୍ ସହିତ ସଶସ୍ତ୍ର ଏକ ଭିଡ଼ ତାଙ୍କ ଗାଡ଼ିକୁ ଘେରି ରହିଥିଲା। ଭିଡ଼ର ସ୍ପଷ୍ଟ ଉଦ୍ଦେଶ୍ୟ ଥିଲା ଏକ ଶକ୍ତିଶାଳୀ ବିରୋଧୀ ସ୍ୱରକୁ ଦମନ କରିବା। ତାଙ୍କର ବଞ୍ଚିବା ଏକ ସଂଯୋଗ ମାତ୍ର, କିନ୍ତୁ ଏହି ଘଟଣା ଏକ ଭୟଙ୍କର ସତ୍ୟ ପ୍ରକାଶ କରିଛି। ପଶ୍ଚିମବଙ୍ଗରେ ରାଜନୈତିକ ହିଂସାର ପରିସ୍ଥିତି ସମସ୍ତ ସୀମା ଅତିକ୍ରମ କରିଛି ବୋଲି ୟୁବିଟି ଏହାର ମୁଖପତ୍ର 'ସାମନା'ରେ ପ୍ରକାଶ କରିଛି। 'ସାମନା'ର ସମ୍ପାଦକୀୟରେ ସରକାରଙ୍କ ମନୋଭାବକୁ ବିରୋଧାଭାସୀ ବୋଲି ବର୍ଣ୍ଣନା କରାଯାଇଛି। ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ହେବା ପରଠାରୁ ତୃଣମୂଳ କଂଗ୍ରେସ ନେତାମାନଙ୍କୁ ନିରନ୍ତର ଟାର୍ଗେଟ କରାଯାଉଛି। ଏହି ବିରୋଧାଭାସ ଶାସକ ଦଳର ମନୋଭାବରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ, ଯେଉଁଥିରେ ଅଭିଷେକ ବାନାର୍ଜୀ ଏବଂ କଲ୍ୟାଣ ବାନାର୍ଜୀ ଭଳି ସାଂସଦ ଏବଂ ବିଧାୟକ ମଧ୍ୟ ସାମିଲ ଅଛନ୍ତି। କେନ୍ଦ୍ରୀୟ ନେତୃତ୍ୱ ଦଳତ୍ୟାଗୀଙ୍କୁ ସ୍ୱାଗତ କରୁଥିବା ବେଳେ, ରାଜ୍ୟରେ ରାଜନୈତିକ ଆଧାର ସ୍ଥାପନ କରିଥିବା ନେତାମାନେ ମାରାତ୍ମକ ଆକ୍ରମଣର ଶିକାର ହେଉଛନ୍ତି।

### ସରକାରଙ୍କୁ ସମାଲୋଚନା କଲା ଶିବସେନା

## ମଧ୍ୟପ୍ରଦେଶରେ ମାନବ-ବନ୍ୟପ୍ରାଣୀ ସଂଘର୍ଷ

### ୮ ମାସରେ ୫୦ ମୃତ



ଭୋପାଳ, ୧୧।୮: ସର୍ବାଧିକ ବାଘ ଓ କଳାପାତିଆ ବାଘଙ୍କ ଆବାସସ୍ଥଳୀ ଭାବେ 'ଟାଇଗର ଷ୍ଟେଟ୍'ର ସୁଖ୍ୟାତି ପାଇଥିବା ମଧ୍ୟପ୍ରଦେଶରେ ଏବେ ଏକ ସଙ୍କଟ ସାମ୍ନାକୁ ଆସିଛି। ୨୦୨୬ ମସିହାର ପ୍ରଥମ ୮ ମାସ ମଧ୍ୟରେ ରାଜ୍ୟରେ ବନ୍ୟପ୍ରାଣୀ ଆକ୍ରମଣ ଯୋଗୁଁ ଅନ୍ତତଃ ୫୦ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ସମାନ ସମୟ ମଧ୍ୟରେ ୪୫ରୁ ଅଧିକ ବାଘଙ୍କର ମଧ୍ୟ ଜୀବନ ଯାଇଛି। ମଧ୍ୟପ୍ରଦେଶ ବନ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ, ବାଘ ଆକ୍ରମଣ ଯୋଗୁଁ ସବାଧିକ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ବାର୍‌ହା ଆକ୍ରମଣରେ ୮, ହାତୀ ଆକ୍ରମଣରେ ୭, ଭାଲୁ ଆକ୍ରମଣରେ ୪ ଏବଂ କଳାପାତିଆ ବାଘ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୬ ଜଣ ମହିଳା ଓ ବାଳିକା ରହିଛନ୍ତି। ବନ ବିଭାଗର ତଥ୍ୟ ଅନୁଯାୟୀ, ୫୦ଟି ମୃତ୍ୟୁ ମଧ୍ୟରୁ ୩୦ଟି ଘଟଣା କେବଳ ମାର୍ଚ୍ଚ, ଏପ୍ରିଲ୍ ଓ ମେ' ଏହି ତିନି ମାସ ମଧ୍ୟରେ ଘଟିଛି। ମାର୍ଚ୍ଚରେ ୭, ଏପ୍ରିଲରେ ୧୩ ଏବଂ ମେ' ମାସରେ ୧୦ ଜଣଙ୍କ ଜୀବନ ଯାଇଛି। ଏହି ସମୟରେ ବିଶେଷକରି ଆଦିବାସୀ ସମ୍ପ୍ରଦାୟର ଲୋକମାନେ କେନ୍ଦୁ ପତ୍ର ଓ ମହୁଲ ଫୁଲ ସଂଗ୍ରହ ପାଇଁ ଜଙ୍ଗଲ ଭିତରକୁ ଯାଉଥିବାରୁ ବନ୍ୟଜନ୍ତୁଙ୍କ ସହ ସେମାନଙ୍କର ମୁହାଁମୁହିଁ ହେବାର ସମ୍ଭାବନା ବୃଦ୍ଧି ପାଉଛି।

### ରୁଷ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ୟୁକ୍ରେନ ଯୁଦ୍ଧକୁ ବିରୋଧ କରୁଥିବା ଦଳ ନିର୍ବାଚନରୁ ବାଦ୍



ମସ୍କୋ, ୧୧।୮: ରୁଷର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ୟୁକ୍ରେନ ଉପରେ କ୍ରେମଲିନର ସାମରିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରୁଥିବା ଏକମାତ୍ର ଦଳ ୟାବ୍ଲୋକୋକୁ ଆସନ୍ତା ମାସରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ପାଇଁ ବାଲଟ ପେପରରୁ ବାଦ୍ ଦିଆଯିବ। କ୍ରେମଲିନ ସମର୍ଥକ ଦଳର ଆବେଦନ ପରେ ସୁପ୍ରିମକୋର୍ଟ ୟାବ୍ଲୋକୋର ପଞ୍ଜୀକରଣକୁ ରଦ୍ଦ କରିଦେଇଛନ୍ତି। ଗତ ମାସରେ କେନ୍ଦ୍ରୀୟ ନିର୍ବାଚନ କମିସନ ୟାବ୍ଲୋକୋକୁ ଅନ୍ୟ ୧୦ଟି ଦଳ ସହିତ ଭୋଟ ତାଲିକାରେ ସାମିଲ ହେବାକୁ ଅନୁମତି ଦେଇଥିଲେ।

ୟାବ୍ଲୋକୋ ଏକମାତ୍ର ପଞ୍ଜିକୃତ ବିରୋଧୀ ଦଳ ଥିଲା ଯିଏ ୟୁକ୍ରେନକୁ ସେନା ପଠାଇବାକୁ ବିରୋଧ କରିଥିଲା। ଦଳ ନିଜର ନିର୍ବାଚନୀ ସ୍ଲୋଗାନରେ, ଅସ୍ତ୍ରବିରତି ବୁଝାମଣା, କୂଟନୀତି ଏବଂ ଶାନ୍ତି, 'ଆମର ଲକ୍ଷ୍ୟ ପରମାଣୁ ଯୁଦ୍ଧକୁ ରୋକିବା' ଏବଂ 'ଭୟ ଏବଂ ରାଜନୈତିକ ଦମନ ମୁକ୍ତ ରୁଷ' ଆଦି ସାମିଲ ଥିଲା।

ଉଦାରବାଦୀ ରାଜନେତା ଗ୍ରିଗୋରୀ ୟାଭଲିନସ୍କି ତଥା ୟାବ୍ଲୋକୋର ସହ-ପ୍ରତିଷ୍ଠା ଏବଂ ଦଳର ରାଜନୈତିକ କମିଟିର ଅଧ୍ୟକ୍ଷ କୋର୍ଟଙ୍କ ଏହି ରାୟକୁ ନିନ୍ଦା କରି ଏହା ବିରୋଧରେ ଆବେଦନ କରିବାକୁ କହିଛନ୍ତି।

### ସାୟନୀ ଘୋଷ ଦଳୀୟ କର୍ମୀଙ୍କ ଆକ୍ରୋଶର ଶିକାର

## ଅଫିସ୍ ସିଲ୍ କଲେ, ନାମଫଳକ ଉପାଡ଼ିଲେ

ନୂଆଦିଲ୍ଲୀ, ୧୧।୮: ପଶ୍ଚିମବଙ୍ଗ ରାଜନୀତିରେ ପୁଣି ଏକ ବଡ଼ ଧରଣର ବିବାଦ ଦେଖିବାକୁ ମିଳିଛି। ଯାଦବପୁର ଲୋକସଭା ଆସନରୁ ତୃଣମୂଳ କଂଗ୍ରେସ (ଟିଏମସି) ଟିକେଟରେ ବିଜୟୀ ହୋଇଥିବା ଅଭିନେତ୍ରୀ ତଥା ସାଂସଦ ସାୟନୀ ଘୋଷ ଏବେ ଦଳର କର୍ମୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। କୋଲକାତାର ଗଡ଼ଫା ଅଞ୍ଚଳରେ ଥିବା ସାୟନୀଙ୍କ କାର୍ଯ୍ୟାଳୟରେ ଦଳୀୟ କର୍ମୀମାନେ ତାଲା ପକାଇ ଦେଇଛନ୍ତି। କେବଳ ସେତିକି ନୁହେଁ, କାର୍ଯ୍ୟାଳୟ ବାହାରେ ଲାଗିଥିବା ତାଙ୍କ ନାମଫଳକକୁ ଉପାଡ଼ି ଫିଙ୍ଗି ଦେବା ସହ ବିଶ୍ୱାସଘାତକ (ଗଦ୍ଦାର) ଓ 'ଗୋ ବ୍ୟାକ୍ ସାୟନୀ' ଲେଖାଥିବା ପୋଷ୍ଟର ମଧ୍ୟ ଲଗାଇଛନ୍ତି। ସୂଚନାଥାଉକି, ୨୦୨୪ ଲୋକସଭା ନିର୍ବାଚନରେ ସାୟନୀ ଘୋଷ ଟିଏମସି ଟିକେଟରେ ଯାଦବପୁର ଆସନରୁ ଜିତିଥିଲେ। ହେଲେ ସେ ବିଦ୍ରୋହୀ ଗୋଷ୍ଠୀକୁ ସମର୍ଥନ କରି ବିଜେପି ନେତୃତ୍ୱାଧୀନ ଏନଡିଏରେ ଯୋଗ ଦେଇଛନ୍ତି। ଏହାକୁ ନେଇ ମମତା ବାନାର୍ଜୀଙ୍କ ସମର୍ଥକ କର୍ମୀମାନେ ଅତ୍ୟନ୍ତ କ୍ଷୁବ୍ଧ ହୋଇପଡ଼ିଛନ୍ତି।

## ହଟ୍ ଲାଇନରେ ଇରାନ-ଜର୍ମାନୀ ଆଲୋଚନା

ବର୍ଲିନ, ୧୧।୮: ବିଶ୍ୱରେ ତୈଳ ସଙ୍କଟ ଜାରି ରହିଥିବାବେଳେ ହେଉଥିବା ଗୁରୁତ୍ୱପୂର୍ଣ୍ଣ ତୈଳ ବାଣିଜ୍ୟ ପଥ ହର୍ମୁଜ୍ ପ୍ରଣାଳୀ କେବେ ଖୋଲିବ ସେନେଇ ନାନା କଳ୍ପନାଜଳ୍ପନା ଜାରି ରହିଛି। ଏହି ସମୟରେ ଏକ ଫୋନ୍ କଲ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଇରାନ ଏବଂ ଜର୍ମାନୀର ବୈଦେଶିକ ମନ୍ତ୍ରୀ ହଟ୍ ଲାଇନରେ ଫୋନ୍ ଯୋଗେ କଥା ହୋଇଛନ୍ତି, ହର୍ମୁଜ୍‌ରେ ସୁରକ୍ଷା ଏବଂ ଚାଲିଥିବା ସଂଘର୍ଷର ଅନ୍ତ କିପରି ହେବ ସେ ବିଷୟରେ ଆଲୋଚନା କରିଛନ୍ତି। ଅଲ ଜଜିରା ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ଆମେରିକା ନିଜର ସାମରିକ କାର୍ଯ୍ୟକଳାପ ବନ୍ଦ କଲେ ହିଁ ହର୍ମୁଜ୍‌ର ସୁରକ୍ଷା ସୁନିଶ୍ଚିତ ହୋଇପାରିବ।

### ଆଦାନୀଙ୍କୁ ମିଳିଲା ଆଶ୍ୱସ୍ତି

## ଆମେରିକା କୋର୍ଟରେ ଅପରାଧିକ ମାମଲା ଖାରଜ



ନ୍ୟୁୟର୍କ, ୧୧।୮: ଅଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଅଦାନୀ, ତାଙ୍କ ଭଣଜା ସାଗର ଅଦାନୀ ଓ ପୂର୍ବତନ ସିଇଓ ବିନୀତ ଜୈନଙ୍କ ବିରୋଧରେ ଆମେରିକା କୋର୍ଟରେ ଚାଲିଥିବା ଅପରାଧିକ ମାମଲାକୁ ସ୍ଥାୟୀ ଭାବେ ଖାରଜ କରାଯାଇଛି। ନ୍ୟୁୟର୍କର ପୂର୍ବ ଜିଲ୍ଲା ଆମେରିକୀୟ ଜିଲ୍ଲା ଅଦାଲତର ବିଚାରପତି ନିକୋଲାସ ଗାରୋଫିସ ଜଷ୍ଟିସ୍ ବିଭାଗର ଆବେଦନକୁ ଗ୍ରହଣ କରି ଏହି ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି। ଏହା ସହିତ ପ୍ରାୟ ଦୁଇ ବର୍ଷ ଧରି ଚାଲିଥିବା ଲାଞ୍ଚ ପ୍ରଦାନ ଓ ଜାଲିଆତି ମାମଲାର ସମ୍ପୂର୍ଣ୍ଣ ଅନ୍ତ ଘଟିଛି। ସ୍ଥାୟୀ ଭାବେ ମାମଲା ଖାରଜ ହୋଇଛି।

# ୫ ବର୍ଷ ହେଲା ପାଣିରେ ରହୁଛି ଇକ୍‌ବାଲ



ନୂଆଦିଲ୍ଲୀ, ୧୧।୮: ମୁର୍ଶିଦାବାଦ ବେଲଡାଙ୍ଗାର ୧୬ ବର୍ଷର ଇକବାଲ ୫ ବର୍ଷ ହେଲା ଘର ଛାଡି ପୋଖରୀରେ ରହୁଛି। ଇକ୍‌ବାଲ୍‌ର ରୋଗ ତାକୁ ବାଧ୍ୟ କରୁଛି ପାଣିରେ ରହିବା ପାଇଁ । ପାଣିରୁ ବାହାରିବା ମାତ୍ରେ ତା' ଶରୀରରେ ପ୍ରବଳ ଜଳାପୋଡ଼ା ହୁଏ। ସେ ପାଣିକୁ ଓହ୍ଲାଇଗଲେ ତାକୁ ଆରାମ ମିଳେ। ଏହି କାରଣରୁ ଗତ ୫ ବର୍ଷ ହେବ ଇକବାଲର ଅଧିକାଂଶ ସମୟ ପୋଖରୀରେ କଟୁଛି।

ଇକବାଲ ଦାବି କରି କହୁଛି ଯେ ତା' ଉପରେ କୌଣସି ଅଦୃଶ୍ୟ ଶକ୍ତିର ଛାୟା ଅଛି। ସେଥିପାଇଁ ତା' ଶରୀର ଜଳୁଛି। ଯଦିଓ ଏହି ଦାବିର କୌଣସି ପ୍ରମାଣ ନାହିଁ। ଇକବାଲର ଏହି କାହାଣୀ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ଏହା ଏମିତି ଏକ ପିଲାର କାହାଣୀ ଯାହାକୁ ହୁଏତ ସଠିକ୍ ଡାକ୍ତରୀ ସାହାଯ୍ୟର ଆବଶ୍ୟକତା ରହିଛି। କ୍ରମାଗତ ଅନେକ ଦିନ ଧରି ପାଣିରେ ରହିବା ଯୋଗୁଁ ଇକବାଲର ଶରୀର ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି। ତା'ର ହାତ-ଗୋଡ଼ ଓ ଶରୀରର ଚର୍ମ ଧଳା ପଡ଼ିଗଲାଣି। ଅଧିକ ସମୟ ପାଣିରେ ରହିବା ଯୋଗୁଁ ତାକୁ ଥଣ୍ଡା-କାଶ ମଧ୍ୟ ଲାଗି ରହୁଛି। ଅର୍ଥାତ୍ ଯେଉଁ ପାଣିରେ ତାକୁ ଆରାମ ମିଳୁଛି, ସେହି ପାଣି ହିଁ ତା' ସ୍ୱାସ୍ଥ୍ୟ ପାଇଁ ନୂଆ ବିପଦ ସୃଷ୍ଟି କରୁଛି । ସ୍ଥାନୀୟ ଲୋକେ ତାକୁ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ। ସେ ସ୍ଥାନୀୟ ବ୍ଲକ୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଯାଇଥିଲା। କିନ୍ତୁ ଇକବାଲର କହିବା କଥା ହେଉଛି ଯେ, ସେଠାରେ ତାକୁ ସେଭଳି କୌଣସି ସାହାଯ୍ୟ ମିଳିଲାନି ଯେଉଁଥିରେ ତା'ର ସମସ୍ୟା ଦୂର ହୋଇପାରିବ। ଅନ୍ୟପଟେ ତା' ପରିବାରର ଆର୍ଥିକ ଅବସ୍ଥା ଏତେ ଭଲ ନୁହେଁ ଯେ ସେମାନେ ତାକୁ କୌଣସି ବଡ଼ ଘରୋଇ ଡାକ୍ତରଖାନାରେ ଦୀର୍ଘ ଦିନ ଧରି ଚିକିତ୍ସା କରାଇପାରିବେ। ଫଳରେ ଇକବାଲ ପୁଣିଥରେ ସେହି ପୋଖରୀକୁ ଫେରିଯାଇଛି।

ଇକବାଲର ଏହି କଥା ଏବେ ସାରା ଅଞ୍ଚଳରେ ବ୍ୟାପିଯାଇଛି। ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ତାକୁ ଦେଖିବାକୁ ପୋଖରୀ କୂଳକୁ ଆସୁଛନ୍ତି। କିଏ ତାକୁ ଚୁଡ଼ା ଦେଉଛି ତ କିଏ ବିସ୍କୁଟ। ଲୋକେ ନିଜ ତରଫରୁ ସାହାଯ୍ୟ କରୁଛନ୍ତି, କିନ୍ତୁ ତା' ଯନ୍ତ୍ରଣା (ସମସ୍ୟା)ର ପ୍ରକୃତ ସମାଧାନ ମିଳିପାରି ନାହିଁ। ଯଦି ସେ ଏମିତି ପୋଖରୀରେ ରୁହେ, ତେବେ ତା' ସ୍ୱାସ୍ଥ୍ୟ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ। ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, କ'ଣ ତା'ର ଚର୍ମ ସମ୍ବନ୍ଧୀୟ କୌଣସି ରୋଗ ଅଛି? ସ୍ଥାନୀୟ ଲୋକେ ଚାହୁଁଛନ୍ତି ଯେ ଇକବାଲର ସଠିକ୍ ଡାକ୍ତରୀ ଯାଞ୍ଚ ହେଉ ଏବଂ ତାକୁ ଉପଯୁକ୍ତ ଚିକିତ୍ସା ମିଳୁ, ଯେମିତିକି ତାକୁ ଆଉ ପାଣି ଭିତରେ ରହିବାକୁ ପଡ଼ିବ ନାହିଁ।

୨୭ ସୁଦ୍ଧା ପିଏମ୍‌ଏୱାଇ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଶେଷ

# ୨୭ ସୁଦ୍ଧା ପିଏମ୍‌ଏୱାଇ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଶେଷ

## ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଆବାସ ଆବଣ୍ଟନ

ନୂଆଦିଲ୍ଲୀ,୧୧।୮(ସଂଚାର ବ୍ୟୁରୋ)ଃ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଗ୍ରାମ୍ୟ ଉନ୍ନୟନ ତଥା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ସାକ୍ଷାତ କରି ଓଡ଼ିଶାରେ ଆବାସ ଓ ଗ୍ରାମୀଣ ବିକାଶ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ନେଇ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଓଡ଼ିଶାର ସାଂସଦୀୟ ପ୍ରତିନିଧି ଦଳ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା-ସଚିବ ଗିରୀଶ ଏସ୍‌ଏନ୍ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ଅଧୀନରେ ହିତାଧିକାରୀ ଚିହ୍ନଟ ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ସଦ୍ୟ ସମ୍ପନ୍ନ ସର୍ଭେରେ ପ୍ରାୟ ୩୮ ଲକ୍ଷ ପରିବାରଙ୍କୁ ସାମିଲ କରାଯାଇଛି ଏବଂ ବର୍ତ୍ତମାନ କ୍ଷେତ୍ରସ୍ତରୀୟ ଯାଞ୍ଚ ପ୍ରକ୍ରିୟା ଚାଲିଛି। ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ଆସନ୍ତା ୨୭ ସୁଦ୍ଧା ଯାଞ୍ଚ ଓ ସ୍କ୍ରୁଟିନି ପ୍ରକ୍ରିୟା ଶେଷ ହେବ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚୂଡ଼ାନ୍ତ ହିତାଧିକାରୀ ତାଲିକା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ। ତାଲିକା ପାଇବା ପରେ ସେପ୍ଟେମ୍ବରରେ ଓଡ଼ିଶା ପାଇଁ ପିଏମ୍‌ଏୱାଇର ପ୍ରଥମ ପର୍ଯ୍ୟାୟର ଆବାସ ଆବଣ୍ଟନ କରାଯିବ। କେନ୍ଦ୍ରୀୟ ମନ୍ତ୍ରୀ ଶ୍ରୀ ଚୌହାନ ଓଡ଼ିଶା ସରକାରଙ୍କ ପକ୍ଷରୁ ଆବାସ ସର୍ଭେ ସମ୍ପନ୍ନ କରାଯିବା ଓ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ପାଇଁ ଯାଞ୍ଚ ପ୍ରକ୍ରିୟା ହାତକୁ ନିଆଯାଇଥିବା ନେଇ ପ୍ରଶଂସା କରିଥିଲେ।



## ୨୯ ଜଣ ଛାତ୍ରୀ ଅସୁସ୍ଥ, କାରଣ ଅସ୍ପଷ୍ଟ

କୋଲକାତା,୧୧।୮(ସଂଚାର ବ୍ୟୁରୋ)ଃ କୋଲକାତାର ଏକ ପ୍ରତିଷ୍ଠିତ ସ୍କୁଲର ୨୪ ଜଣ ଛାତ୍ରୀ ଏକକାଳୀନ ଅସୁସ୍ଥ ହୋଇପଡ଼ିଛନ୍ତି। ସୋମବାର ଦିନ ଦେଶବନ୍ଧୁ ପାର୍କ ନିକଟସ୍ଥ ଏକ ସ୍କୁଲରେ ଏହି ଘଟଣା ଘଟିଛି। ଜ୍ୱର ଓ ପେଟ ଯନ୍ତ୍ରଣାରେ ପୀଡ଼ିତ ଛାତ୍ରୀମାନଙ୍କୁ ଆରଜି କର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଶାରଦ୍ୱତ ମୁଖାର୍ଜୀ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ମଙ୍ଗଳବାର ସକାଳେ ଆଉ ଚାରି ଜଣ ଛାତ୍ରୀ ମଧ୍ୟ ଅସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଅସୁସ୍ଥ ଛାତ୍ରୀଙ୍କ ସଂଖ୍ୟା ୨୯ ରେ ପହଞ୍ଚିଛି। ଏଭଳି ଘଟଣାର କାରଣ ଅସ୍ପଷ୍ଟ ରହିଛି।

## ୨ ସାଂସଦଙ୍କୁ ବିରୋଧ କଲେ ଦଳୀୟ କର୍ମୀ

କୋଲକାତା, ୧୧।୮ (ସଂଚାର ବ୍ୟୁରୋ)ଃ ଦଳ ଛାଡ଼ିବା ପ୍ରସଙ୍ଗକୁ ନେଇ କୋଚ୍ ବିହାର ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆ ଓ ସୀତାଇ ବିଧାୟକ ସଂଗୀତା ରାୟ ଦଳୀୟ କର୍ମୀଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ୯୮ ଦିନ ପରେ ସେମାନେ ଗାଁ ଘରକୁ ଫେରିବା ଖବର ପ୍ରଚାରିତ ହେବା ମାତ୍ରେ କର୍ମୀମାନେ ସେମାନଙ୍କ ବାସଭବନ ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ ଆରମ୍ଭ ହୋଇଥିଲା।

## ଅପହୃତ ଯୁବକ ଉଦ୍ଧାର, ୨ ଗିରଫ

କୋଲକାତା, ୧୧।୮(ସଂଚାର ବ୍ୟୁରୋ)ଃ ମାଲଦା ଟାଉନ୍ ଜିଆର୍‌ପି ଷ୍ଟେସନର ପୁଲିସ ଡାଉନ୍ ତିସ୍ତା ତୋର୍ସା ଏକ୍ସପ୍ରେସରୁ ଅପହରଣ ହୋଇଥିବା ଜଣେ ଯୁବକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ବିହାରର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଉଛନ୍ତି ମହମ୍ମଦ ତୈୟାବ (୬୦) ଏବଂ ମହମ୍ମଦ ମସିହାର। ପୁଲିସ ଦୁଇଜଣଙ୍କୁ ମାଲଦା ଜିଲ୍ଲା କୋର୍ଟରେ ହାଜର କରି ସେମାନଙ୍କ ହେପାଜତକୁ ନେଇଛି।

## ମେଟ୍ରୋ ସେବା ବ୍ୟାହତ

କୋଲକାତା, ୧୧।୮(ସଂଚାର ବ୍ୟୁରୋ)ଃ ମଙ୍ଗଳବାର ସକାଳଠାରୁ କୋଲକାତା ମେଟ୍ରୋର ବ୍ଲୁ ଲାଇନରେ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସିଗନାଲିଂ ସିଷ୍ଟମ ସମସ୍ୟା ଯୋଗୁଁ ସକାଳ ୬ଟାରୁ ସକାଳ ସାଢ଼େ ୬ଟା ପର୍ଯ୍ୟନ୍ତ ଗିରିଶ ପାର୍କ ଓ ସହିଦ ଖୁଦିରାମ ଷ୍ଟେସନ ମଧ୍ୟରେ ମେଟ୍ରୋ ସେବା ପ୍ରଭାବିତ ହୋଇଥିଲା। ସକାଳ ସାଢ଼େ ୬ଟା ପରେ ସେବା ସ୍ୱାଭାବିକ ହୋଇଛି ବୋଲି ମେଟ୍ରୋ କର୍ତ୍ତୃପକ୍ଷ କହିଛନ୍ତି। ପରେ ମଙ୍ଗଳବାର ଅପରାହ୍ଣରେ 'ଆମାର କୋଲକାତା ମେଟ୍ରୋ' ଆପ୍‌ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଦକ୍ଷିଣେଶ୍ୱର ଓ ନୋଆପଡ଼ା ସେକ୍ସନରେ ମେଟ୍ରୋ ସେବା ଉପଲବ୍ଧ ନାହିଁ ବୋଲି କୁହାଯାଇଥିଲା।

## ନବାନ୍ନରେ ସପ୍ତମ ବେତନ କମିଶନ ବୈଠକ

କୋଲକାତା, ୧୧।୮(ସଂଚାର ବ୍ୟୁରୋ)ଃ ସୋମବାର ନବାନ୍ନରେ ସପ୍ତମ ବେତନ କମିଶନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ କମିଶନ ଏପର୍ଯ୍ୟନ୍ତ କୌଣସି ସୁପାରିଶ କରିନାହାନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଯେକୌଣସି ବାର୍ତ୍ତାକୁ ସତ୍ୟ ବୋଲି ଧରି ନିଆଯିବା ଉଚିତ ନୁହେଁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ସେମାନେ କେବଳ ସେମାନଙ୍କର କାମ ଆରମ୍ଭ କରିଛନ୍ତି। କୌଣସି ପ୍ରକାରର ଦ୍ୱନ୍ଦ୍ୱକୁ ରୋକିବା ପାଇଁ ଏକ ଉତ୍ସର୍ଗୀକୃତ ୱେବସାଇଟ୍ ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ମଧ୍ୟ ଘୋଷଣା କରାଯାଇଛି।

## ମମତାଙ୍କୁ ଶୁଭେନ୍ଦୁଙ୍କ କଟାକ୍ଷ

କୋଲକାତା, ୧୧।୮(ସଂଚାର ବ୍ୟୁରୋ)ଃ କେଶପୁରରେ ଏକ ସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୂର୍ବ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଆପଣଙ୍କ ସହିତ ମୋର ସମ୍ପର୍କ ବହୁତ ପୁରୁଣା। ଆମେ ପାଠ୍ୟପୁସ୍ତକରେ ପଢ଼ିଛୁ ଯେ କିପରି ଟାଟାକୁ ସିଙ୍ଗୁରରୁ ବିତାଡ଼ିତ କରାଯାଇଥିଲା। କିନ୍ତୁ ମାତଙ୍ଗିନୀ ହାଜରା ଓ ଖୁଦିରାମ ବୋଷଙ୍କ କାହାଣୀ ସମାନ ଭାବରେ ପଢ଼ାଯାଏ ନାହିଁ। ପୂର୍ବ ମୁଖ୍ୟମନ୍ତ୍ରୀ ସେହି ଦାୟିତ୍ୱ ନିର୍ବାହ କରିନଥିଲେ। ବାମପନ୍ଥୀ ଶାସନ ସମୟରେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସେହି ସମ୍ମାନ ଦିଆଯାଇ ନଥିଲା।

## ଭୁବନେଶ୍ୱରରୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଠପ୍

- ଜୁଲାଇରୁ ବନ୍ଦ ରହିଛି ସେବା
- କାରଣ ସ୍ପଷ୍ଟ କରୁନାହାନ୍ତି କର୍ତ୍ତୃପକ୍ଷ

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ବିମାନ ବନ୍ଦରରୁ ଅନ୍ତର୍ଜାତୀୟ ବିମାନ ଉଡାଣ ବନ୍ଦ। ଗତ ମାସରୁ ଠପ୍ ହୋଇଛି ଅନ୍ତର୍ଜାତୀୟ ବିମାନ ଚଳାଚଳ ସେବା। ଆବୁଧାବି, ବ୍ୟାଙ୍କକ୍, ଦୁବାଇ ଓ ସିଙ୍ଗାପୁର ଭଳି ସ୍ଥାନକୁ ବିମାନ ଚଳାଚଳ ବନ୍ଦ ରହିଛି। ଏନେଇ ନିର୍ଦ୍ଦିଷ୍ଟ କାରଣ ଜଣା ପଡ଼ି ନ ଥିଲେ ମଧ୍ୟ ତୈଳ ଦର ବୃଦ୍ଧି ଯୋଗୁଁ ଏପରି ହୋଇଥିବା ଜଣାପଡିଛି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଦୁବାଇ, ଆବୁଧାବି ଓ ସିଙ୍ଗାପୁରକୁ ବିମାନ ଚଳାଚଳ ସେବା ପୂର୍ବରୁ ବନ୍ଦ ରହିଥିଲା। କିନ୍ତୁ ଗତ ୧୯ ତାରିଖଠାରୁ ବ୍ୟାଙ୍କକକୁ ଚଳାଚଳ କରୁଥିବା ବିମାନ ସେବା ଏବେ ବନ୍ଦ ରହିଛି। ଏକମାତ୍ର ସେବା ଯୋଗାଉଥିବା ଇଣ୍ଡିଗୋ ଫ୍ଲାଇଟ୍ ଉଡାଣ ବନ୍ଦ ରହିଛି। ଫଳରେ ଅନ୍ତର୍ଜାତୀୟ ବିମାନ ସେବା ଭୁବନେଶ୍ୱର ବିମାନ ବନ୍ଦରରୁ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଯାହା ଫଳରେ ଅନ୍ତର୍ଜାତୀୟ ଯାତ୍ରା କରୁଥିବା ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି।

ଫଳତଃ ଅନ୍ତର୍ଜାତୀୟ ଯାତ୍ରା କରୁଥିବା ଯାତ୍ରୀମାନେ ବାଧ୍ୟ ହୋଇ ଅନ୍ୟ ରାଜ୍ୟର ବିମାନ ବନ୍ଦରରୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରୁଛନ୍ତି। ଉଡାଣ ବନ୍ଦର କାରଣ କ'ଣ ତାହା ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରୁନାହାନ୍ତି। ବର୍ଷକୁ ପାଖାପାଖି ଦେଢ଼ ନିୟୁତ ଯାତ୍ରୀଙ୍କ ଆତଯାତ ବୃଦ୍ଧି ପାଇ ଏବେ ୫.୧ ନିୟୁତରେ ପହଞ୍ଚିଛି। ଦେଶର ତ୍ରୟୋଦଶ ଗହଳିପୂର୍ଣ୍ଣ ବିମାନ ବନ୍ଦର ଭାବେ ଭୁବନେଶ୍ୱର ବିମାନ ବନ୍ଦର ପରିଗଣିତ ହେଉଛି। ବିମାନ ବନ୍ଦର ଟର୍ମିନାଲ ବୃଦ୍ଧି କରିବା ସକାଶେ ଚିନ୍ତା କରାଯାଉଥିବା ବେଳେ ବିମାନ ବନ୍ଦରକୁ ଅନ୍ତର୍ଜାତୀୟ ଚଳାଚଳ ସେବା ଠପ୍ ହେବା ଅନେକଙ୍କୁ ନିରାଶ କରିଛି।

- ଦୁଇବର୍ଷିଆ ବିଏଡ୍, ଏମ୍‌ଏଡ୍, ବିଏଚଏଡ୍ ଆଡମିଶନ

## ପ୍ରଥମ ମେଧା ତାଲିକା ପ୍ରକାଶିତ

ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ)ଃ ଦୁଇବର୍ଷିଆ ବିଏଡ୍, ଏମ୍‌ଏଡ୍, ବିଏଚଏଡ୍ ପାଠ୍ୟକ୍ରମ ଆଡ୍‌ମିଶନର ପ୍ରଥମ ମେଧା ତାଲିକା ଆଜି ସାମ୍ସ ପୋର୍ଟାଲରେ ପ୍ରକାଶିତ ହୋଇଛି। ଦୁଇ ବର୍ଷିଆ ବିଏଡ୍,ଏମ୍‌ଏଡ୍, ବିଏଚଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସର୍ବମୋଟ ୪୪,୨୨୨ ଜଣ ଛାତ୍ରଛାତ୍ରୀ ଚଏସ୍ ଲକିଙ୍ଗ କରିଥିଲେ। ସେଥି ମଧ୍ୟରୁ ପ୍ରଥମ ମେଧା ତାଲିକାରେ ୨୮୨୫ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନିତ ହୋଇଛନ୍ତି। ୧୩୨୯ ଜଣ ଛାତ୍ର ଏବଂ ୧୪୯୬ ଜଣ ଛାତ୍ରୀ ପ୍ରଥମ ମେଧା ତାଲିକାରେ ସ୍ଥାନ ପାଇଛନ୍ତି। ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଏବଂ ଫ୍ରିଜ୍ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ନିଜର ଆଡମିଶନ ଫି' ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରିବେ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଯାଇ ଆସନ୍ତା ୧୪ ଅଗଷ୍ଟ ସୁଦ୍ଧା ନିଜର ଆଡମିଶନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ। ସ୍ଲାଇଡ୍ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ଅନଲାଇନରେ ଆଡମିଶନ ଫି' ପ୍ରଦାନ କରି ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବେ। ସୂଚନାଯୋଗ୍ୟ ଯେ ଦୁଇବର୍ଷିଆ ବିଏଡ୍, ଏମ୍‌ଏଡ୍, ବିଏଚଏଡ୍ ପାଠ୍ୟକ୍ରମ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୩୧ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ସର୍ବମୋଟ ୨୮୨୫ ସିଟ୍ ରହିଛି।

## ଘରେ ପଶି ଝିଅଙ୍କୁ ଅସଦାଚରଣ, ଯୁବକକୁ ବାନ୍ଧିଲେ ଗ୍ରାମବାସୀ

କାମାକ୍ଷାନଗର,୧୧।୮(ସଂଚାର ବ୍ୟୁରୋ)ଃ ଘରେ ପଶି ବାପା ଝିଅଙ୍କୁ ଅସଦାଚରଣ । ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଓଡିଶ ଗ୍ରାମର ହୁମାନରାଇଶ୍ବର ସଦସ୍ୟା ପୁଷ୍ପାଞ୍ଜଳି ରଣାଙ୍କ ଘରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ। ସ୍ୱାମୀ ଦୁର୍ଯ୍ୟୋଧନ ରଣା ଓ ଝିଅକୁ ଅସଦାଚରଣ କରିବା ସହ ଘରର ଝରକା, ଚେୟାର ଏବଂ ଅନ୍ୟାନ୍ୟ ଆସବାବପତ୍ରକୁ ଭଙ୍ଗାରୁଜା କରିଛି ଯୁବକ ଜଣଙ୍କ। ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ଯଦୁ ସେନାପତି । ଏହା ପରେ ପୁଷ୍ପାଞ୍ଜଳିଙ୍କ ଘର ପାଖରେ ଥିବା ଗୋଲେଖ ରଣାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଓ ମାନସିକ ଅନଗ୍ରସର ଭଉଣୀଙ୍କୁ ମାଡ ମାରିବା ସହିତ ଘରର ମହିଳାଙ୍କୁ ମଧ୍ୟ ଟଣାଓଟରା କରିଥିଲା ଯୁବକ । ଯୁବକର ଏଭଳି କାଣ୍ଡକୁ ଦେଖି ଗ୍ରାମବାସୀ ତାକୁ ଖୁଣ୍ଟରେ ବାନ୍ଧି ଦେଇଥିଲେ ।

- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ

## ଧାନ ସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ନେଇ ଆଲୋଚନା

ଭୁବନେଶ୍ୱର,୧୧।୮ (ସଂଚାର ବ୍ୟୁରୋ)ଃ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଦିନିଆ ନୂଆଦିଲ୍ଲୀ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂଆ ଓ ଅକ୍ଷୟ ଶକ୍ତି, ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। କେନ୍ଦ୍ରୀୟ ପ୍ରତିପକ୍ଷ ଶ୍ରୀ ଯୋଶୀଙ୍କ ସହ ସାକ୍ଷାତ ଆଲୋଚନା ସମୟରେ ଶ୍ରୀ ପାତ୍ର ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ପ୍ରକ୍ରିୟା ଜାରି ରହିଥିବା ସମ୍ପର୍କରେ ଅବଗତ କରିଛନ୍ତି। ଉଭୟ ମନ୍ତ୍ରୀ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସୁଦୃଢ଼ୀକରଣ, ଖାଦ୍ୟ ଶସ୍ୟ ସୁପରିଚାଳନା,



ଗୋଦାମ ଗୃହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଚାଉଳର ଉପଯୁକ୍ତ ବଣ୍ଟନ ଉପରେ ଆଲୋଚନା କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାଭାଗିତାରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ ସହ ହିତାଧିକାରୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ପାରସ୍ପରିକ ପ୍ରତିଶ୍ରୁତିବଦ୍ଧତାକୁ ଏହି ଦୁଇ ମନ୍ତ୍ରୀ ଆଲୋଚନା ସମୟରେ ଦୋହରାଇଥିଲେ। ଓଡ଼ିଶାକୁ ସମସ୍ତ ସହଯୋଗ ଜାରି ରହିବା ନେଇ ଶ୍ରୀ ଯୋଶୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବ ସଞ୍ଜୀବ ଚୋପ୍ରା, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସ୍ୱାଧୀନତା ଦିବସ ସାଂସ୍କୃତିକ ଉତ୍ସବରେ ଅତିଥିଙ୍କ ମତ

## ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟ ହେଉ

ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ)ଃ ସ୍ୱାଧୀନତା ଦିବସ ଉପଲକ୍ଷେ ଆଜି ସ୍ଥାନୀୟ ଜୟଦେବ ଭବନରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂସ୍କୃତି ସୁରକ୍ଷା ଟ୍ରଷ୍ଟ ଓ ବେଷ୍ଟ ଟ୍ରଷ୍ଟ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଏହି ସ୍ୱାଧୀନତା ଦିବସ ସାଂସ୍କୃତିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ, ସ୍ତମ୍ଭକାର ଓ ମଦ ବିରୋଧୀ ଆନ୍ଦୋଳନର ପ୍ରମୁଖ ପଦ୍ମଚରଣ ନାୟକ ଯୋଗଦେଇଥିଲେ। ଦେଶ ସ୍ୱାଧୀନ ହୋଇଛି ସତ, କିନ୍ତୁ ଲୋକ ସ୍ୱାଧୀନ ହୋଇନାହାଁନ୍ତି। ଗାନ୍ଧିଜୀଙ୍କ ବିଚାରଧାରା ନାହିଁ। ଯେଉଁଦିନ ଜଣେ ମହିଳା ନିର୍ଭୀକ ଭାବେ ଅଧ ରାତିରେ ଏକୁଟିଆ ନିଜ ଘରକୁ ଚାଲି ଚାଲି ଯାଇପାରିବ ସେଦିନ ବାସ୍ତବରେ ସ୍ୱାଧୀନତା ମିଳିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଗାନ୍ଧିବାଦୀ ଚିନ୍ତକ, ସ୍ତମ୍ଭକାର, ଲେଖକ ଓ ସାମାଜିକ କର୍ମୀ ପ୍ରହ୍ଲାଦ ସିଂହ ଯୋଗ ଦେଇ ଅଗଷ୍ଟ କ୍ରାନ୍ତି ଉପରେ ଓଡ଼ିଶାର ଅବଦାନ ଉପରେ ଆଲୋଚନା କରିଥିଲେ। ସେହିପରି ସମାଜ ବିଜ୍ଞାନୀ ତଥା ବେଷ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ଅବଶ ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟିକ



ଅଗଷ୍ଟ ଆନ୍ଦୋଳନକୁ ମନେ ପକାଇଲେ ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ

ଚକ୍ରଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ସ୍ୱପ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଷ୍ଟ ଟ୍ରଷ୍ଟର ଅନ୍ୟତମ ପ୍ରତିଷ୍ଠାତା ପ୍ରାର୍ଥନା ପ୍ରିୟଦର୍ଶିନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଅପରାହ୍ନ ୪ଟାରୁ ଆରମ୍ଭ ହେବା ପରେ ପ୍ରଥମେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ସ୍ୱାଧୀନତା ସଂଗ୍ରାମର ସ୍ମୃତି ଓ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୁନି କୁନି ପିଲା ନିଜ ଅଭିଭାବକଙ୍କ ସହ ତିରଙ୍ଗା ଯାତ୍ରା କରିଥିଲେ।

## ବନ୍ଧାହେଲେ ୪ ଆନ୍ତଃରାଜ୍ୟ ସାଇବର୍ ଠକ

୩୧ ଆକାଉଣ୍ଟ ଫ୍ରିଜ୍

ରାଉରକେଲା,୧୧।୮(ସଂଚାର ବ୍ୟୁରୋ)ଃ ରାଉରକେଲା ପୁଲିସ ହାତରେ ୪ ଆନ୍ତଃରାଜ୍ୟ ସାଇବର୍ ଠକ ଗିରଫ ହୋଇଛନ୍ତି। ୪ ଆନ୍ତଃରାଜ୍ୟ ସାଇବର୍ ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରାଉରକେଲା ପୁଲିସ। ସେମାନଙ୍କ ନିକଟରୁ ଗୋଟିଏ କାର, ୫ଟି ଏଟିଏମ୍, ୬ଟି ମୋବାଇଲ, ନଗଦ ୨୪ ହଜାର ୯୦୦ ଟଙ୍କା, ୪ଟି ବ୍ୟାଙ୍କ ପାସ୍ ବୁକ୍ ଓ ୭ଟି ଚେକ୍ ବୁକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକାଶ ମାଝୀ, ପ୍ରଦୀପ କୁମାର, ସୂରଜ କୁମାର ଓ ମନୀଷ ଯାଦବ। ଗିରଫ ହୋଇଥିବା ସମସ୍ତଙ୍କଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ ବୋଲି ଜଣାପଡ଼ିଛି। ମାଷ୍ଟର ମାଇଣ୍ଡ ଝାଡ଼ଖଣ୍ଡରେ ରହି ଏହି ଠକେଇ ବ୍ୟାପାର ଚଳାଇଥିଲା। ଏକ ଆପ୍ ମାଧ୍ୟମରେ ଅନ୍‌ଲାଇନରେ ଲୁଟୁଥିଲେ ଟଙ୍କା। ଏହି ଗ୍ୟାଙ୍ଗ୍ ମୋଟ ସାଢ଼େ ତିନି କୋଟି ଟଙ୍କା ଠକେଇ କରିଛନ୍ତି। ଅଭିଯୁକ୍ତଙ୍କ ୩୧ଟି ଆକାଉଣ୍ଟରେ ୪୭ ଲକ୍ଷ ଟଙ୍କା ଥିବା ବେଳେ ସେଗୁଡ଼ିକୁ ପୁଲିସ୍ ଫ୍ରିଜ କରିଛି। ତେବେ ଏହି ସାଇବର୍ ଠକେଇ ମାମଲା ସହ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି, ତାହା ଜାଣିବା ସକାଶେ ରାଉରକେଲା ପୁଲିସ୍ ତନାଘନା ଚଳାଇଛି।

ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

# ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଜରିମାନା

କଟକ,୧୧।୮(ସଂଚାର ବ୍ୟୁରୋ)ଃ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ ମାମଲାରେ ସମ୍ବଲପୁର ଜିଲ୍ଲାର ଜେଏମଏଫସି ଅଦାଲତ ଅଭିଯୁକ୍ତ ଗୌରୀ ଶଙ୍କର ଦାଶ (୩୨)ଙ୍କୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୩୧୭(୨) ଓ ୧୧୨(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି।

ଅଦାଲତ ଅଭିଯୁକ୍ତଙ୍କୁ ବିଏନ୍‌ଏସ୍ ଦଫା ୩୧୭(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଏବଂ ଦଫା ୧୧୨(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଉଭୟ ଦଣ୍ଡାଦେଶ ଏକକାଳୀନ ଭାବେ ଚାଲିବ। ଜରିମାନା ଅନାଦେୟ ହେଲେ ପ୍ରତ୍ୟେକ ଜରିମାନା ବାବଦରେ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଅପରେସନ 'ସାଇବର କବଚ' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା। ଏହି ଅଭିଯାନରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବା 'ମ୍ୟୁଲ୍ ଆକାଉଣ୍ଟ' ଏବଂ ଏହା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ତଦନ୍ତ ସମୟରେ, ଅଭିଯୁକ୍ତଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆକାଉଣ୍ଟଟି ନ୍ୟାସନାଲ୍ ସାଇବର୍ କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍ (ଏନ୍‌ସିଆର୍‌ପି) ମାଧ୍ୟମରେ ଚିହ୍ନଟ ହୋଇଥିଲା। ତାଙ୍କ ଆକାଉଣ୍ଟକୁ ବିଭିନ୍ନ ସମୟରେ ୯ ହଜାର, ସାଢ଼େ ୧୧ ହଜାର, ୯ ହଜାର ଓ ୪୦୫୦ ଏହିପରି ମୋଟ ୩୩ ହଜାର ୫୫୦ ଟଙ୍କା ଜମା ହୋଇଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ପୁଲିସ ତଦନ୍ତ ସମୟରେ ଉକ୍ତ ଅର୍ଥରାଶି ଗ୍ରହଣ କରିବା ଓ ନିଜ ବ୍ୟାଙ୍କ ଆକାଉଣ୍ଟରେ ରଖିବା ସମ୍ପର୍କରେ ଅଭିଯୁକ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।

ଅଦାଲତରେ ମାମଲାର ଶୁଣାଣି ସମୟରେ ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏଥିସହ ବ୍ୟାଙ୍କ ରେକର୍ଡ, ଜବତ ସମ୍ପର୍କିତ ଦଲିଲ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜକୁ ପ୍ରମାଣ ଭାବେ ଅଦାଲତରେ ଦାଖଲ କରାଯାଇଥିଲା। ଉପଲବ୍ଧ ସାକ୍ଷ୍ୟ ଓ ଦସ୍ତାବିଜ ପ୍ରମାଣକୁ ବିଚାର କରି ଅଦାଲତ ଅଭିଯୁକ୍ତଙ୍କୁ ବିଏନ୍‌ଏସ୍ ଦଫା ୩୧୭(୨) ଓ ୧୧୨(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାଇବର ଅପରାଧ ବିରୋଧରେ ସମ୍ବଲପୁର ପୁଲିସର ବୈଜ୍ଞାନିକ ତଦନ୍ତ, ପ୍ରମାଣ ସଂଗ୍ରହ ଓ ଆଇନଗତ ପଦକ୍ଷେପକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ପ୍ରଶଂସା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଶକ୍ତ ହେବ...

ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି। ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି। ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଣୁ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ କ୍ୟାପେକ୍ସ'ରେ ଯେପରି ଅଧିକ ବ୍ୟୟ ହେବ, ସେଥିପ୍ରତି ବିଭିନ୍ନ ବିଭାଗ ଆହୁରି ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅର୍ଥବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଓ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଖୁବ୍‌ଶୀଘ୍ର ନିଯୁକ୍ତି...

କରିନ, ୨ ବର୍ଷରେ ତାହା କରୁଛୁ। ଆଗାମୀ ୫ ବର୍ଷରେ ଯାହା କରିବୁ, ତାହା ବିରୋଧୀ କଳ୍ପନା କରି ନ ଥିବେ। ଦୁର୍ନୀତି ବିରୋଧରେ ସରକାରଙ୍କ ଲଢ଼େଇକୁ ଆହୁରି ମଜବୁତ କରିବା ଦିଗରେ ଲୋକାୟୁକ୍ତ ଗଠନ ଏକ ବଡ଼ ପଦକ୍ଷେପ। ସୂଚନା ଥାଉକି, ଦୁର୍ନୀତି ବିରୋଧରେ ଲଢ଼େଇ ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଦିଗରେ ଲୋକାୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା। ରାଜ୍ୟରେ ଲୋକାୟୁକ୍ତ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବା ନେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଖୁବ୍‌ଶୀଘ୍ର ଲୋକାୟୁକ୍ତ ଗଠନ କରାଯିବ। ଏହାଦ୍ୱାରା ଦୁର୍ନୀତି ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ଜବାବଦେହିତା ବ୍ୟବସ୍ଥାକୁ ଆହୁରି ମଜବୁତ କରିବାରେ ସହାୟତା ମିଳିବ ବୋଲି ଆଶା କରାଯାଉଛି। ବୈଠକରେ ସରକାରୀ ପକ୍ଷ ସହ ବିରୋଧୀ ଦଳର ନେତାଙ୍କ ଉପସ୍ଥିତି ମଧ୍ୟ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛି। ଲୋକାୟୁକ୍ତ ଗଠନ ନେଇ ସମସ୍ତ ପକ୍ଷଙ୍କ ସହମତି ଓ ପ୍ରକ୍ରିୟା ଆଗକୁ ବଢ଼ାଇବା ଉପରେ ବୈଠକରେ ଫୋକସ୍ ରହିଛି।

### ୪ ହାର୍ଡକୋର୍ ମାଓବାଦୀଙ୍କ...

ମାଓବାଦୀମାନେ ମୁଖ୍ୟତଃ ଓଡ଼ିଶା ସୀମାବର୍ତ୍ତୀ ସେରେଣ୍ଡା ଜଙ୍ଗଲରେ ସକ୍ରିୟ ରହୁଥିଲେ। ଉକ୍ତ ୪ ମାଓବାଦୀ ଆତ୍ମସମର୍ପଣ କରିବା ସମୟରେ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତି। ଯେଉଁରେ ଗୋଟିଏ ଏକେ-୪୭ ରାଇଫଲ୍, ଗୋଟିଏ ଇନ୍‌ସାସ୍ ରାଇଫଲ୍, ୨ଟି ମାଓ ପୁସ୍ତିକା, ୨ଟି ୱାକି-ଟକି ଓ ୧୨୭୬ ରାଉଣ୍ଡ ଜୀବନ୍ତ ଗୁଳି ରହିଛି। ଝାଡ଼ଖଣ୍ଡ ସରକାରଙ୍କ ମାଓବାଦୀଙ୍କ ପାଇଁ ଉଦ୍ଦିଷ୍ଟ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ସୁରକ୍ଷାକର୍ମୀମାନେ କହିଛନ୍ତି। ଏହି ୪ ଜଣ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ ପରେ ସେରେଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଉତ୍ପାତ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

### ପ୍ରତିବାଦରେ ବିଜେପିର...

ରାଜଧାନୀ ରାଞ୍ଚିର ହରମୁ ଚୌକରେ ବିଜେପି କର୍ମକର୍ତ୍ତାମାନେ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ସେହିପରି ଜାକ୍ ଗୋଲେଇରେ ଥିବା ସିଏମପିଡିଆଇ ଗେଟ୍ ନିକଟରେ ଓ ନ୍ୟୁକ୍ଲିଅସ୍ ମଲ୍ ନିକଟରେ ବନ୍ଦ ସମର୍ଥକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ରାଜ୍ୟର ବହୁ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଛି। ବନ୍ଦ ସମର୍ଥକମାନେ ରାସ୍ତାରେ ଉପରେ ବସି ସରକାରବିରୋଧୀ ନାରା ଦେଉଛନ୍ତି। ଛାତ୍ର ଆନ୍ଦୋଳନର ପ୍ରଭାବରେ ରାଜ୍ୟର ବିଧାନସଭା କାର୍ଯ୍ୟକାଳ ଧୋଇ ହୋଇ ଯାଇଛି। ଛାତ୍ରଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ମଙ୍ଗଳବାର ବିଜେପି ବିଧାୟକମାନେ ଗୃହରେ ତୁମୁଳ ହଙ୍ଗାମା କରିବା ପରେ ଗୃହକୁ ପ୍ରଥମେ ବାଚସ୍ପତି ରବୀନ୍ଦ୍ରନାଥ ମାହାତୋ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ମଙ୍ଗଳବାରର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଅପରାହ୍ନ ୨ଟା ଆରମ୍ଭ କରିବା ପାଇଁ ବାଚସ୍ପତି ଆହ୍ୱାନ କରିବା ମାତ୍ରେ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକମାନେ ଗୃହର ଦୁଇ ମଧ୍ୟକୁ ପଶିଆସି ପରସ୍ପର ବିରୋଧରେ ସ୍ଲୋଗାନ୍ ଦେବା ଆରମ୍ଭ କରିଥିଲେ। ଇତିମଧ୍ୟରେ ସମଗ୍ର ଝାଡ଼ଖଣ୍ଡରେ ଛାତ୍ର ଆନ୍ଦୋଳନ ସୃଷ୍ଟି ହୋଇଛି ଓ ଆନ୍ଦୋଳନକାରୀମାନେ ନିଯୁକ୍ତି ପରୀକ୍ଷା ଅନିୟମିତତାର ସିବିଆଇ ତଦନ୍ତ ଦାବି କରିଛନ୍ତି। ରାଜ୍ୟରେ ସରକାରଙ୍କ ଅଂଶୀଦାର ଥିବା କଂଗ୍ରେସ ମଧ୍ୟ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଆକ୍ରମଣକୁ ନିନ୍ଦା କରିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କ ପ୍ରତି ପୁଲିସର ଆଚରଣକୁ ଭୁଲ ବୋଲି କହିବା ସହ ଦୁଃଖ ଏ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମଏମ) ନେତୃତ୍ୱାଧୀନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଛାତ୍ରମାନଙ୍କୁ ଶାନ୍ତ ରହିବାକୁ ତଥା ବିଶ୍ୱାସ ଓ କଥାବାର୍ତ୍ତା ଜରିଆରେ ସମସ୍ତ ଘଟଣାର ସମାଧାନ କରିବାକୁ ଆହ୍ୱାନ ଦେଇଛନ୍ତି।

### ସୁପ୍ରିମକୋର୍ଟରେ ପୁଲିସ...

ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିଶ ତାଲିକାରେ ପ୍ରଭାବରେ ପାଇଁ ଉଦ୍ୟମ କରୁଛନ୍ତି। ଯାହାକି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟଙ୍କ ଦେଇଥିବା ନିର୍ଦ୍ଦେଶନାମାର ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଯୁକ୍ତି ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଗତ ଏପ୍ରିଲରେ ରାଜ୍ୟ ସରକାର ପ୍ରଥମେ ୟୁପିଏସସି ନିକଟକୁ ଏକ ତାଲିକା ପଠାଇଥିଲେ ମଧ୍ୟ ତାକୁ ଅଧାରେ ଅଟକାଇ ଦେଇଥିଲେ। ପରେ ମେ'ରେ ୩ଜଣ ଡିଜି ପାହ୍ୟାର ଅଫିସର ଓ ଅନ୍ୟ ୮ ଜଣ ଅତିରିକ୍ତ ଡିଜିଙ୍କୁ ମିଶାଇ ମୋଟ ୧୧ଜଣିଆ ପ୍ୟାନେଲ୍ ୟୁପିଏସସିଙ୍କୁ ପଠାଇଥିଲେ। ଅଗଷ୍ଟ ୭ ତାରିଖରେ ୟୁପିଏସସି ବୈଠକ କରି ତିନିଟି ପଦବୀ ନିମନ୍ତେ ୩ ଜଣ ଅଫିସରଙ୍କ ନାମ ଚୂଡ଼ାନ୍ତ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଆୟୋଗ କେବଳ ଡିଜିପି ସ୍ତରର ଯୋଗ୍ୟ ଅଫିସରଙ୍କ ନାମ ବିଚାର କରିବେ ବୋଲି ସ୍ପଷ୍ଟ କରିବା ପରେ ରାଜ୍ୟ ସରକାର ସେହି ତାଲିକାକୁ ମଧ୍ୟ ପ୍ରତ୍ୟାହାର କରି ନୂଆ ତାଲିକା ଗଢ଼ିବାକୁ ଚେଷ୍ଟା କରୁଛନ୍ତି ବୋଲି ଚିଦାମ୍ବରମ୍ ଆଜି କୋର୍ଟଙ୍କୁ ଅବଗତ କରିଥିଲେ। ଏହି ସମସ୍ତ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଥିଲେ ଯେ କେଉଁ ଅଫିସର ଯୋଗ୍ୟ ଓ କାହା ନାଁ ବିଚାର କରାଯାଇପାରିବ, ସେ ନେଇ ୟୁପିଏସସି ସମ୍ପୂର୍ଣ୍ଣ ଅବଗତ ଅଛି। ଯଦି ଅଯୋଗ୍ୟ ଅଫିସରଙ୍କ ନାମ ପଠାଯାଏ, ତେବେ ସୁପ୍ରିମକୋର୍ଟଙ୍କ ପୂର୍ବନିର୍ଦ୍ଦେଶ ଅନୁସାରେ ୟୁପିଏସସି କାର୍ଯ୍ୟ କରିବେ। ନିୟମାନୁସାରେ, ଲେଭଲ-୧୬ରେ ଥିବା ଡିଜିପି ପାହ୍ୟାର ଅଫିସରଙ୍କ ମଧ୍ୟରୁ ହିଁ ଶୀର୍ଷ ଲେଭଲ-୧୭ (ଡିଜିପି ପଦବୀ) ପାଇଁ ଚୟନ କରାଯାଏ। କମ୍ ସଂଖ୍ୟକ ଯୋଗ୍ୟ ଅଫିସର ଅଛନ୍ତି ଦର୍ଶାଇ ନିୟମ ଭାଙ୍ଗିବାର କୌଣସି ଅଧିକାର ରାଜ୍ୟ ସରକାରଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି। ଖଣ୍ଡପୀଠ ପ୍ରଥମେ ୟୁପିଏସସିଙ୍କ ପକ୍ଷ ଶୁଣିବାକୁ ଚାହୁଁଥିବା ମଧ୍ୟ କହିଛନ୍ତି। ନୂଆ ପୁଲିସ ଡିଜି ଚୟନ ପାଇଁ ଗତ ୭ରେ ୟୁପିଏସସି ବୈଠକରେ ଓଡ଼ିଶା ସରକାର ନିଜର ପୂର୍ବ ତାଲିକା (୧୧ଜଣିଆ ଆଇପିଏସ ଅଫିସରଙ୍କ)ର ସଂଶୋଧନ କରିବେ ବୋଲି ମତ ଦେବା ପରେ ୮ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଚିଠି ଲେଖି ୨ଟି ଅସ୍ଥାୟୀ ଏକ୍ସ-କ୍ୟାଡର୍ ଡିଜି ପଦବୀ ସୃଷ୍ଟି ପାଇଁ ଅନୁମତି ମାଗିଥିଲେ। ୯ରେ କେନ୍ଦ୍ର ସରକାର ଏହି ସମ୍ମତି ଦେବା ପରେ ୧୦ରେ ପଦୋନ୍ନତି କମିଟି ବୈଠକ ବସି ସଞ୍ଜୀବ ଓ ଯଶବନ୍ତଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏପରିକି କେନ୍ଦ୍ର ସରକାର ଓ ୟୁପିଏସସିଙ୍କୁ ମଧ୍ୟ ଅବଗତ କରାଯାଇ ଆସନ୍ତାକାଲି ସୁଦ୍ଧା ସାନି ଅଫିସରଙ୍କ ତାଲିକା ପଠାଇବାକୁ ଓଡ଼ିଶା ସରକାର ସଜବାଜ ହେଉଥିବା ଜଣାପଡ଼ିଛି। ଏସବୁ ମଧ୍ୟରେ ନୂଆ ଡିଜିପି ଚୟନ ପାଇଁ ୟୁପିଏସସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୩ ତାରିଖରେ ବୈଠକ ବସିବ ବୋଲି ସୂଚନା ମିଳିଛି। ତେବେ ଏହା ସୁପ୍ରିମକୋର୍ଟଙ୍କ ଆସନ୍ତାକାଲିର ରାୟ ଉପରେ ନିର୍ଭର କରୁଛି।

### ବଜ୍ରପାତରେ ଗଲା...

ଘର ଛତିଶଗଡ଼ର ବରଡ଼ିହିଠାରେ ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ମହିଳା ଲଳିତା ତିର୍କୀ (୩୦) ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ତଲସରା ପୁଲିସ୍ ହସ୍ପିଟାଲ୍‌ରେ ପହଞ୍ଚି ମୃତଦେହର ବ୍ୟବଚ୍ଛେଦ ବ୍ୟବସ୍ଥା କରିଛି। ସେହିଭଳି ଜିଲ୍ଲାର ବଣାଇ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗାଁର ଚାଷ ଜମିରେ ମଧ୍ୟ ବଜ୍ରପାତ ହେବା ଫଳରେ କାମ କରୁଥିବା ସମୟରେ ଦୁଇ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି। ସେତେବେଳେ ସେଠାରେ ୧୧ ଜଣ ଶ୍ରମିକ କାମ କରୁଥିଲେ। ଏହି ବଜ୍ରପାତରେ ଜଣେ ମହିଳା ଶ୍ରମିକ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ମୃତ ମହିଳାଦ୍ୱୟ ସୁନୀତା ଓରାମ (୩୫) ଓ ଦ୍ରୌପଦୀ କିଷାନ (୩୮) ବୋଲି ଜଣାପଡ଼ିଥିବା ବେଳେ ଗୁରୁତର ଭାବେ ଆହତ ହୋଇଥିବା ଶ୍ରମିକଙ୍କ ନାମ ଜଣାପଡ଼ିନାହିଁ। ତେବେ ତାଙ୍କୁ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

### କଲେଜରେ ସକ୍ରିୟ...

ଅନୁଯାୟୀ, ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବହୁବିଧ ସାମ୍ବିଧାନିକ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ ଓ ସମୀକ୍ଷା କରିବାକୁ ପଡ଼ିବ। ଯେଉଁଥିରେ ଆଣ୍ଟି-ର୍ୟାଗିଙ୍ଗ୍ ଭିତ୍ତିଭୂମି, ଯୌନ ନିର୍ଯାତନା ନିବାରଣ, ଅଭିଯୋଗ ଓ ମାନସିକ ସ୍ୱାସ୍ଥ୍ୟ ନିବାରଣ ମଧ୍ୟ ସାମିଲ ହେବ। ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ ସ୍ୱଚ୍ଛତା ଏବଂ ଛାତ୍ରମାନଙ୍କ ପାଇଁ ସହଜ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ନୋଟିସ୍ ବୋର୍ଡ ଏବଂ ସରକାରୀ ୱେବସାଇଟରେ କମିଟି ଅଧ୍ୟକ୍ଷ, ନୋଡାଲ୍ ଅଧିକାରୀ ଏବଂ ସଦସ୍ୟଙ୍କ ନାମ, ପଦବୀ, ସରକାରୀ ଇମେଲ୍ ଠିକଣା ଏବଂ ଫୋନ୍ ନମ୍ବର ପ୍ରମୁଖ ଭାବେ ପ୍ରଦର୍ଶନ କରିବାକୁ ପଡ଼ିବ। ଓଡ଼ିଶାର ଉତ୍ତର, ଦକ୍ଷିଣ, ପଶ୍ଚିମ ଓ ପୂର୍ବ ଜୋନରେ ବିସ୍ତୃତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟଗୁଡ଼ିକୁ ଶାରୀରିକ ଯାଞ୍ଚ ଓ ଅଡିଟ୍ କରିବା ପାଇଁ ଦାୟିତ୍ୱ ଦିଆଯାଇଛି।

## ପାରାଦ୍ୱୀପରେ ତ୍ରିରଙ୍ଗା ଶୋଭାଯାତ୍ରା




ପାରାଦ୍ୱୀପ,୧୧।୮ (ସଂଚାର ବ୍ୟୁରୋ): ପାରାଦୀପ ପୌରପାଳିକା ତରଫରୁ ପାରାଦୀପରେ ଅନୁଷ୍ଠିତ ହୋଇଯାଇଛି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ୯ରୁ ୧୭ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଆଜି ପାରାଦୀପରେ ଆୟୋଜିତ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବା ସହିତ ଆମର ପୂର୍ବଜମାନଙ୍କ ବୀରତ୍ୱର ଗାଥା ଓ ଦେଶ ସ୍ୱାଧୀନ ହେବାରେ ସେମାନଙ୍କର ବଳିଦାନକୁ ମନେ ପକାଇବା ପାଇଁ ଆଜି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ନେଇ କହିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଶିଳ୍ପମନ୍ତ୍ରୀଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦୀପ ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ,ସମସ୍ତ ପାରିଷଦ ମାନଙ୍କ ସହିତ ପାରାଦ୍ୱୀପର ବୁଦ୍ଧିଜୀବୀ, ସମସ୍ତ ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ ପାରାଦ୍ୱୀପ ଅନ୍ତେବାସୀ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବାରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ।

### କୂଳ ଖାଉଛି ସମୁଦ୍ର

# ଲୀନ ହେବାକୁ ବସିଲାଣି କଙ୍କଡ଼ାପାଳ



ବାଲିଆପାଳ,୧୧।୮ (ସଂଚାର ବ୍ୟୁରୋ): ଦକ୍ଷିଣ ବାଲିଆପାଳରେ ଚୈମୁଖି ପଞ୍ଚାୟତର ଚୈମୁଖି ଏବଂ କଙ୍କଡ଼ାପାଳ ଗାଁ ସମୁଦ୍ର ଗର୍ଭରେ ଲୀନ ହେବାକୁ ସଜବାଜ ହେଉଥିବାର ଦେଖିବାକୁ ମିଳିଛି। ପଥରବନ୍ଧ ନଥିବାରୁ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟାରେ ଭୟଭୀତ ଗ୍ରାମବାସୀ। ଚୈମୁଖି ଏବଂ କଙ୍କଡାପାଳ ଗ୍ରାମରେ ପ୍ରାୟ ଦଶ ହଜାରରୁ ଅଧିକ ଲୋକ ବାସ କରିଥାନ୍ତି। ପାନ ବରଜ, ସମୁଦ୍ରରୁ ମାଛ ମାରିବା, ବିଲରେ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି ଏହି ଦୁଇ ଗାଁର ଲୋକେ। ହେଲେ ପ୍ରତ୍ୟେକ ଦିନ ଡରାଉଛି ସମୁଦ୍ର। ପଥର ବନ୍ଧ ନଥିବାରୁ ବାତ୍ୟା ପାଇଁ ବିଭିନ୍ନ ସ୍ଥାନରେ ସମୁଦ୍ର ତଟ କ୍ଷୟ ହେବାରେ ଲାଗିଛି।

ସାମୁଦ୍ରିକ ଝଡ଼ର ସାମ୍ନା କରିବାକୁ ଯାଇ ହେକ୍ଟର ହେକ୍ଟର ଝାଉଁ ଜଙ୍ଗଲ ଲୀନ ହୋଇଗଲାଣି। ଏବେ ଯୋଉଠି ସମୁଦ୍ର ପାଣିର ଲହରୀ ଭାଙ୍ଗୁଛି ସେଠାରେ ବିସ୍ତୀର୍ଣ୍ଣ ଝାଉ ଜଙ୍ଗଲରେ ଭରପୁର ଥିଲା। ସମୟ କ୍ରମେ ସମୁଦ୍ର କୂଳ ଲଙ୍ଘନ କରି କରାଳ ଗର୍ଭରେ ଲୀନ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଗତ ବର୍ଷ ୟାସ ବାତ୍ୟାରେ ସମୁଦ୍ରର ପାଣି ଗାଁ ଭିତରକୁ ପଶିଆସି ପାନବରଜ ଏବଂ ଚାଷ ଜମିରେ ଫସଲ ନଷ୍ଟ ହୋଇଥିଲା। ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଆସୁଛି। ଅମାବାସ୍ୟା, ପୂର୍ଣ୍ଣିମା ଆଦି ଜୁଆରିଆ ତିଥିରେ ରାତିରେ ନିଦ ହଜାଇ ଦେଉଛି ଏହି ସମୁଦ୍ର।

ପଞ୍ଚାୟତର ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମି ବିସ୍ତୃତ ହୋଇଥିବା ବେଳେ ସରକାର ଗାଁର ସୁରକ୍ଷା ପାଇଁ ବହୁ ବର୍ଷ ପୂର୍ବରୁ ବ୍ୟାପକ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଥିଲା। କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବଂ ସମୁଦ୍ରର ମାଡ଼ରେ ତାହା ଲୋପ ପାଇବାକୁ ବସିଲାଣି। ଅଞ୍ଚଳବାସୀଙ୍କ ବହୁ ଦାବି ପରେ ଜଳସେଚନ ବିଭାଗ ପକ୍ଷରୁ କିଛି ବର୍ଷ ପୂର୍ବେ ପଥର ବନ୍ଧ କରାଯାଇଛି। ଯାହାକି ସମୁଦ୍ରକୁ ଶଙ୍ଖେ ପାଣି ଭଳି ପ୍ରତିପାଦନ ହେଉଛି।

ଅନ୍ୟ ପଟେ ସମୁଦ୍ରର ଜୁଆର ମାଡକୁ ଆଟକ କରୁଥିବା ଝାଉଁ ଜଙ୍ଗଲ ପ୍ରତି ବିଭାଗୀୟ ଅଧିକାରୀଙ୍କର ଦୃଷ୍ଟି ନପଡୁଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାତି ହେଉ କି ଦିନ କାଠ ମାଫିଆମାନେ ଝାଉଁ ଜଙ୍ଗଲ କାଟି ସଫା କରୁଛନ୍ତି। ବନ ବିଭାଗ ପକ୍ଷରୁ ଥରେ ବି ପେଟ୍ରୋଲଙ୍ଗ ଗାଡ଼ି ଦେଖିବାକୁ ମିଳେ ନାହିଁ। ଏମିତି ଯଦି ଆଗାମୀ କିଛି ଦିନ ଚାଲିବ ତାହେଲେ ଚଉମୁଖ ଏବଂ କଙ୍କଡାପାଳ ଗାଁ ଦୁଇଟି ଧୂଳିସାତ୍ ହେବାରୁ କେହି ବି ରୋକି ପାରିବେ ନାହିଁ। ତେବେ ଚଳିତ ବର୍ଷ ବାତ୍ୟା ଆସିବା ଆଗରୁ ପଥର ବନ୍ଧ, ଏବଂ ଝାଉଁ ଜଙ୍ଗଲର ପୁନଃଉଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଟଙ୍କା ଚୋରି



ସୁନ୍ଦରଗଡ଼,୧୧।୮ (ସଂଚାର ବ୍ୟୁରୋ): ଘରେ କେହି ନଥିବାର ସୁଯୋଗ ନେଇ ଘର ତାଲା ଭାଙ୍ଗି ବଡ଼ଧରଣର ଚୋରି ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ପ୍ରଧାନପାଲୀ ଗାଁର ଝରଣା ପଟେଲଙ୍କ ଘରୁ ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସହ ନଗଦ ୫ ହଜାର ଟଙ୍କା ଚୋରି ହୋଇଛି।

ସୂଚନା ଅନୁସାରେ, ଝରଣା ପଟେଲ ନିଜ ପରିବାର ସହ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଗତକାଲି ରାତିରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ଘରେ ଥିବା ଗୋଟିଏ ସୁନା ଚେନ, ଗୋଟିଏ ସୁନା ମୁଦି ଓ ଗୋଟିଏ ବ୍ରାସ ଲେଟ ସହ ନଗଦ ହଜାର ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଆଜି ଅଗଷ୍ଟ ୧୧ ତାରିଖ ସକାଳ ପ୍ରାୟ ୮ଟା ସମୟରେ ଘଟଣାଟି ସାମ୍ନାକୁ ଆସିଥିଲା। ଖବର ପାଇ ସୁନ୍ଦରଗଡ଼ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଚୋରି ପଛରେ କିଏ ଅଛି ଏବଂ ଦୁର୍ବୃତ୍ତମାନେ କେଉଁ ଦିଗକୁ ଫେରାର ହୋଇଛନ୍ତି, ସେନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ଘଷିପୁରାରେ ମନରେଗା ଯୋଜନାରେ ମହାଦୁର୍ନୀତି

### ଖର୍ଚ୍ଚ ହେଲା ୫ ଲକ୍ଷ, ରାସ୍ତାର ଚିହ୍ନବର୍ଣ୍ଣ ନାହିଁ



ଆନନ୍ଦପୁର,୧୧।୮ (ସଂଚାର ବ୍ୟୁରୋ): କାଗଜରେ ରାସ୍ତା ନିର୍ମାଣ, ହେଲେ ମାଟିରେ ନାହିଁ ଚିହ୍ନ! ମନରେଗା ନାଁରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ, ହେଲେ ରାସ୍ତାରେ ମାଟି ମୁଠାଏ ନାହିଁ, ମୋରମ ମୁଠାଏ ନାହିଁ! ଏଭଳି ସଙ୍ଗୀନ ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍‌ରୁ। ଏକାଧିକ ଥର ଖବର ପ୍ରସାରଣ ପରେ ବି ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ହେଉନଥିବା ନେଇ ଉଠିଛି ବଡ଼ ପ୍ରଶ୍ନ। ତେବେ କାହା ଛତ୍ରଛାୟାରେ ଚାଲିଛି ଏହି ଖେଳ? କାହିଁକି ଅଭିଯୋଗ ପରେ ବି ନିରବ ପ୍ରଶାସନ?

ଏବେ ପୁଣି ଘଷିପୁରା ବ୍ଲକ ଖାଲିଆମେଣ୍ଟା ପଞ୍ଚାୟତ ଧାରଡ଼ିହିକା ଗ୍ରାମରୁ ଆସିଛି ଏଭଳି ଏକ ଅଭିଯୋଗ। ଆରତି ରାସ୍ତାଠାରୁ ବଳରାମପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ଅଟକଳ ହୋଇଥିବା ଅଭିଯୋଗ ହୋଇଛି। କିନ୍ତୁ ଗ୍ରାଉଣ୍ଡ ଜିରୋର ଚିତ୍ର କହୁଛି ଭିନ୍ନ କାହାଣୀ! ଯେଉଁ ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଦର୍ଶାଯାଉଛି, ସେଠାରେ ନାହିଁ ମାଟି ଓ ମୋରମ ପଡ଼ିଥିବାର ଚିହ୍ନ। ତାହେଲେ ପ୍ରଶ୍ନ ଉଠୁଛି, କେଉଁଠି ଖର୍ଚ୍ଚ ହେଲା ୫ ଲକ୍ଷ ଟଙ୍କା? କାମ ନହୋଇ ଯଦି କାଗଜପତ୍ରରେ କାମ ସମ୍ପୂର୍ଣ୍ଣ ଦର୍ଶାଯାଇଥାଏ, ଏସବୁ ପ୍ରଶ୍ନର ଉତ୍ତର ଏବେ ଖୋଜୁଛନ୍ତି ସ୍ଥାନୀୟ ଲୋକେ। ଏପରିକି ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ମିଳିଭଗତରେ ସରକାରୀ ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ ଉଠିଛି।

ତେବେ ଏହି ଅଭିଯୋଗର ସତ୍ୟତା କେତେ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ,ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନ ଉପରେ। ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ନିରପେକ୍ଷ ତଦନ୍ତ କରାଯାଉ ଏବଂ ଅଭିଯୋଗ ସତ ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ, ଏହି ଦାବି ଏବେ ବିଭିନ୍ନ ମହଲରୁ ଜୋର ଧରିଛି। ପାଞ୍ଚ ଲକ୍ଷର ରାସ୍ତା କେଉଁଠି? କାଗଜରେ ନା ଗ୍ରାଉଣ୍ଡରେ? ଏହାର ଜବାବ ଦେବ କିଏ? ଏବେ ଦେଖିବାକୁ ବାକି ରହିଲା ପ୍ରଶାସନର ତଦନ୍ତରେ ସାମ୍ନାକୁ ଆସୁଛି କି ଏହି କଥିତ ଦୁର୍ନୀତିର ସତ ଚାପି ହୋଇଯାଉଛି।

## ଯଦୁଗୁଡ଼ା ଶିବ ମନ୍ଦିରର ବିକାଶ ଓ ଉନ୍ନିକରଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ



ମାଲକାନଗିରି,୧୧।୮ (ସଂଚାର ବ୍ୟୁରୋ): ମାଲକାନଗିରି ନିର୍ବାଚନ ମଣ୍ଡଳି ବିଧାୟକ ନରସିଂହ ମାଡ଼କାମି ଆଜି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଭେଟି ଯଦୁଗୁଡ଼ା ଶିବ ମନ୍ଦିର ଓ ଏହା ପାଖରେ ଥିବା ଇକୋ-ଟୁରିଜମ କ୍ଷେତ୍ରର ବ୍ୟାପକ ପୁନର୍ବିକାଶ ପାଇଁ ୧୨.୫୦ କୋଟି ଟଙ୍କା ବରାଦ କରିବାକୁ ଅନୁରୋଧ କରିଛନ୍ତି।

ବିଧାୟକ ମାଡ଼କାମି ଏହି ସାକ୍ଷାତରେ ଏକ ଲିଖିତ ପ୍ରସ୍ତାବ ସମେତ ଏକ ଡିପିଆର ଦାଖଲ କରି କହିଛନ୍ତି ଯେ, ଯଦୁଗୁଡ଼ା ଶିବ ମନ୍ଦିର ସ୍ଥାନୀୟ ଲୋକଙ୍କ ପାଇଁ ଧାର୍ମିକ,ପୌରାଣିକ ତଥା ସାଂସ୍କୃତିକ ଗୁରୁତ୍ୱ ବହନ କରୁଛି। ଏହା ପାଖରେ ଥିବା ପ୍ରାକୃତିକ ପରିବେଶକୁ ଇକୋ-ଟୁରିଜମ କେନ୍ଦ୍ର ଭାବେ ବିକଶିତ କଲେ ଏହା ମାଲକାନଗିରି ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ, ସାଂସ୍କୃତିକ ଓ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବେ ଉଭା ହୋଇପାରିବ। ବର୍ତ୍ତମାନ ସେଠାରେ ଥିବା ମୌଳିକ ସୁବିଧା ଓ ପର୍ଯ୍ୟଟକ ସୁବିଧାଗୁଡ଼ିକର ଉନ୍ନତି ଆବଶ୍ୟକ। ଏଥି ସହ ମନ୍ଦିର ପରିସରର ସୌନ୍ଦର୍ଯ୍ୟବର୍ଦ୍ଧନ, ଯାତ୍ରୀଙ୍କ ରହିବା ସୁବିଧା, ରାସ୍ତା ଓ ପାର୍କିଂ ବ୍ୟବସ୍ଥା, କମ୍ୟୁନିଟି ହଲ୍ ଓ ଦୋକାନ, ପ୍ରକୃତି ପଥ, ଦୃଶ୍ୟପଟ, ପାନୀୟ ଜଳ, ସ୍ୱଚ୍ଛତା, ବିଦ୍ୟୁତ୍, ଆଲୋକ ବ୍ୟବସ୍ଥା, ସାଇନବୋର୍ଡ, ପର୍ଯ୍ୟଟକ ସୂଚନା କେନ୍ଦ୍ର, ସୁରକ୍ଷା ଓ ବର୍ଜ୍ୟ ପରିଚାଳନା ଆଦି କାର୍ଯ୍ୟ କରାଯିବା ପାଇଁ ପ୍ରସ୍ତାବିତ ରହିଛି।

## ଟ୍ରେନ ଧକ୍କାରେ ଶ୍ରମିକ ମୃତ

ପାରାଦ୍ୱୀପ,୧୧।୮ (ସଂଚାର ବ୍ୟୁରୋ): ବାଉରିଆପାଳନ୍ଦା ପୁରୁଣା ଷ୍ଟେସନ ନିକଟରେ ଥିବା ରେଲୱେ ଡିପାର୍ଟମେଣ୍ଟ ର ୱାର୍କସପ୍‌ରେ କାର୍ଯ୍ୟ କରୁଥିବା ଜଣେ ଅଣ କୁଶଳୀ ଶ୍ରମିକଙ୍କର ଟ୍ରେନ୍ ଧକାରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଉଛନ୍ତି ରାକେଶ କୁମାର ଦାସ। ତାଙ୍କ ଘର ବିଶ୍ୱାଳୀ ପଂଚାୟତ କୋଲଡିଆ ଗ୍ରାମରେ। ସେ ଗତ ୬ ମାସରୁ ଅଧିକ ସମୟ ଧରି ଟୁଆମାନ କମ୍ପାନୀରେ ଅଣ କୁଶଳୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୂଚନା ଅନୁସାରେ, ଆଜି ରାକେଶ ଶୌଚ ହେବା ପାଇଁ ଯାଉଥିବା ବେଳେ ଆସୁଥିବା ଟ୍ରେନ୍ ତାଙ୍କୁ ଧକା ଦେଇଥିଲା ଏବଂ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ପରେ କ୍ଷତି ପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଶବ ପାଖରେ ଧାରଣାରେ ବସିଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଖାଲଖମାରେ ଭର୍ତ୍ତି ହିଞ୍ଜିଳି ବଜାର ରାସ୍ତା

### ଅଧିକାରୀଙ୍କ ଦୃଷ୍ଟି ପଡ଼ିବ କେବେ ?



ହିଞ୍ଜିଳିକାଟୁ,୧୧।୮ (ସଂଚାର ବ୍ୟୁରୋ): ହିଞ୍ଜିଳିର ମୁଖ୍ୟ ରାସ୍ତା ତଥା ଜାତୀୟ ରାଜପଥ ୫୯ର ରାସ୍ତା ପାଲଟିଛି ମରଣଯନ୍ତା | ସହରର ବିଭିନ୍ନ ସ୍ଥାନରେ ଦେଖାଦେଇଛି ବଡ଼ ବଡ଼ ବିରାଟ ଖାଲ। ଖାଲଖମା ହୋଇ ଅଳ୍ପ ବର୍ଷା ହେଲେ ସମ୍ପୂର୍ଣ୍ଣ ରାସ୍ତା ଉପରେ କାଦୁଅ ପାଣି ଜମି ରହୁଛି । ବର୍ଷା ପାଣି ଜମି ରହିଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି | ସହରର ରାଜା ସାହି ଛକ ନିକଟରେ କିଛି ମାସ ହେବ ଏକ ବିରାଟ ଗର୍ତ୍ତ ରହିଥିବା ବେଳେ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଦିନକୁ ଦିନ ରାସ୍ତା ଖରାପ ହେବା ସହ ଛୋଟମୋଟ ଦୁର୍ଘଟଣା ଘଟୁଛି।

ପ୍ରଶାସନିକ, ରାଜନୈତିକ ତଥା ବ୍ୟବସାୟିକ ପେଣ୍ଠସ୍ଥଳୀ କୁହାଯାଉଥିବା ସହରର ରାସ୍ତା ମରାମତି ନେଇ ବାରମ୍ବାର ଦାବି ସତ୍ତ୍ୱେ କେହି ଶୁଣୁନଥିବା ଅଭିଯୋଗ ହୋଇଛି । ସହରର ବହୁ ସ୍ଥାନରେ ଏମିତି ବଡ଼ ବଡ଼ ଖାଲ ରହିଥିବା ବେଳେ ପ୍ରଶାସନକୁ ଯେତେ ଗୁହାରୀ କଲେ ମଧ୍ୟ କୌଣସି ଲାଭ ମିଳୁନାହିଁ ବୋଲି ଲୋକେ କହିଛନ୍ତି। ଗୋଟେ ପଟେ ଉକ୍ତ ରାସ୍ତା ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ପଷ୍ଟ ବାରି ହୋଇ ପଡ଼ିଥିବା ବେଳେ ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଫଳରେ ଦୀର୍ଘ ଦିନ ଧରି ଏହା ଯଥା ପୂର୍ବଂ ତଥା ପରଂ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି । ତେବେ ସେ ଯାହା ହେଉ ନା କାହିଁକି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ପାଳିତ



### 'ବନ୍ଦେ ମାତରଂ' ଧ୍ୱନିରେ କମ୍ପିଲା ସହର

ଉମରକୋଟ,୧୧।୮ (ସଂଚାର ବ୍ୟୁରୋ): ଉତ୍ସାହ, ଦେଶପ୍ରେମ ଓ ଜାତୀୟ ଭାବନାରେ କମ୍ପି ଉଠିଲା ଉମରକୋଟ ସହର। 'ହର ଘର ତ୍ରିରଙ୍ଗା' ଏବଂ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଉମରକୋଟରେ ଆୟୋଜିତ ହୋଇଛି ଜିଲ୍ଲାସ୍ତରୀୟ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ଦେଶପ୍ରେମୀ ଜନସାଧାରଣଙ୍କ ଉପସ୍ଥିତିରେ ଦେଖିବାକୁ ମିଳିଥିଲା ଦେଶପ୍ରେମର ଅଭୁତ ଦୃଶ୍ୟ। ହାତରେ ତ୍ରିରଙ୍ଗା ଧରି ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ସହର ପରିକ୍ରମା କରିଥିଲେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ।

ସକାଳ ପ୍ରାୟ ୭.୩୦ରେ ଉମରକୋଟ ଡିଏନ୍‌କେ ସ୍ଥିତ ମିନି ଷ୍ଟାଡିୟମ ଠାରୁ ଆରମ୍ଭ ହୋଇଥିଲା ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପତାକା ଦେଖାଇ ରାଲିର ଶୁଭାରମ୍ଭ କଲେ ଏବଂ ଦଙ୍କ ସ୍ଥିତ ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉମରକୋଟ ବ୍ଲକ ଓ ମୁନିସିପାଲିଟି ଅଞ୍ଚଳର ସମସ୍ତ ସମାଜ ସେବୀ, ଦଳୀୟ କର୍ମୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ମୁନିସିପାଲିଟି ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନଜ କୁମାର ମେହେର , ସମସ୍ତ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

ଏହି ଅଞ୍ଚଳର ଶିକ୍ଷାନୁଷ୍ଠାନର ବହୁ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଏନସିସି କ୍ୟାଡେଟ୍, ରେଡକ୍ରସ ସଦସ୍ୟ, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କ ସମେତ ୫ ହଜାରରୁ ଅଧିକ ଲୋକ ଏଥିରେ ସାମିଲ ହୋଇଥିଲେ। ତ୍ରିରଙ୍ଗାର ରଙ୍ଗରେ ରଙ୍ଗୀନ ହୋଇଥିଲା ସହର, ଆଉ 'ବନ୍ଦେ ମାତରମ୍' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପରିବେଶ।

## କାର ସହ ୭୦୦ଲିଟର ମଦ ଜବତ, ୫ ଗିରଫ



ଯାଜପୁର ରୋଡ଼,୧୧।୮(ସଂଚାର ବ୍ୟୁରୋ): ପାଣିକୋଇଲି କୁଆଖିଆ ରାଜ ରାସ୍ତାରେ ଦେଶୀ ଚୋରା ମଦ ଚାଲାଣ ହେଉଥିବାର ନେଇ ମୋବାଇଲ ଇନସେପ୍ଟର ଅଭୟ କୁମାର ନାୟକ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଜିଲ୍ଲା ଅବକାରୀ ଅଧିକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନସେପ୍ଟର ଶ୍ରୀ ନାୟକଙ୍କ ନେତୃତ୍ୱରେ ଏକ ଟିମ ରାଜପଥରେ ଚୋରା ମଦ ଚାଲାଣ ହେଉଥିବା ସମୟରେ ଏକ ଇଟିକା କାର ସହ ୭୦୦ଲିଟର ଦେଶୀ ମଦକୁ ଜବତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ବ୍ୟାସନଗର ମୁଣ୍ଡମାଳ ଅଂଚଳ ଅଜୟ ମଲିକ, ଶ୍ରୀରାମ ଜେନା ହୋଇଥିବା ବେଳେ ସେମାନଙ୍କ ନାମରେ ଅବକାରୀ କେଶ ନମ୍ବର୧୦୭/୨୬ରେ ମାମଲା ରୁଜୁ କରାଯାଇ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଅଛି।

ଏଥି ସହିତ ରସୁଲପୁର ଅଂଚଳ ପ୍ରଥମାଖଣ୍ଡି, ସମନ୍ତରାପୁର ଓ ହରିପୁର ହାଟରୁ ଅଭିମନ୍ୟୁ ବେହେରା,ମଣିନାଥ ମଲିକ,କାଠିଆ ଦାସଙ୍କ ଠାରୁ ପ୍ରାୟ ୧୪ଲିଟର ମଦ ଧରି ତିନିଜଣ କୋଚିଆଙ୍କୁ ମଧ୍ୟ ଗିରଫ କରାଯାଇ କେଶ ନମ୍ବର ୧୦୮/୧୦୯/୧୧୦/୨୬ରେ ପୃଥକ ପୃଥକ କେଶରେ କୋର୍ଟ ଚାଲାଣ କରାଯାଇଅଛି ।

## ଔଷଧ ପେଟି ଲୁଟ ମାମଲାରେ ଜେଲ ଗଲେ ଯୁବକ

ବାଲିଅନ୍ତା,୧୧।୮ (ସଂଚାର ବ୍ୟୁରୋ): ବାଳକାଟି ଫାଣ୍ଡି ପୁଲିସ ବାଳକାଟି ବଜାରରେ ଥିବା ରଥିଜେମା ଗ୍ରାମର ରବୀନ୍ଦ୍ର ସାହୁଙ୍କ ଦୋକାନରୁ ଔଷଧ ପେଟି ଲୁଟ ମାମଲାରେ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଲୁଟେରା ଜଣକ ହେଲା ନୟାପଲ୍ଲୀ ଥାନା ଅଧୀନ ଶାସ୍ତ୍ରୀ ନଗର ବାଉଁଶଗଳି ଅଞ୍ଚଳରେ ରହୁଥିବା ଆଲୋକ ମଙ୍ଗଳ ଓରଫ ପପୁ ( ୩୯ ) ।

ଗତ ୧ ତାରିଖ ରାତି ୮ଟା ସମୟରେ ବାହାରେ ଥୁଆ ହୋଇଥିବା ପେଟି ଭର୍ତ୍ତି ମେଡ଼ିସିନ ନେଇ ଯାଇଥିଲା । ରବୀନ୍ଦ୍ର ଏନେଇ ଫାଣ୍ଡିରେ ଅଭିଯୋଗ କରିଥିଲେ । ସିସି କ୍ୟାମେରା ଫୁଟେଜ ଯାଞ୍ଚ କରି ରବୀନ୍ଦ୍ର ଲୁଟେରାକୁ ଚିହ୍ନଟ କରିଥିଲେ । ସୋମବାର ରାତି ସାଢେ ୮ଟା ବେଳେ ମେଡ଼ିସିନ ଦୋକାନ ନିକଟରେ ହାତରେ ଔଷଧ ଷ୍ଟ୍ରିପ ଧରି ବୁଲୁଥିବା ବେଳେ ରବୀନ୍ଦ୍ର ଏବଂ ଦୋକାନ କର୍ମଚାରୀ ଚିହ୍ନି ଦେଇଥିଲେ । ଆଲୋକକୁ କାବୁ କରି ପୁଲିସ ଜିମା ଦେଇଥିଲେ ।

## ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପୁନଃପ୍ରଚଳନ କରିବାକୁ ଓଜେୟୁର ଦାବିପତ୍ର




ବୋରିଗୁମ୍ମା,୧୧।୮ (ସଂଚାର ବ୍ୟୁରୋ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ବଦଳେ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।ଏହାକୁ ବିରୋଧ କରି ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପୁର ଡେପୁଟି କଲେକ୍ଟର ସୁନୀଲ କୁମାର କିଲାକାଙ୍କୁ ପ୍ରଦାନ କରାଯାଇଛି।ଏଥି ପୂର୍ବରୁ ଗୋପବନ୍ଧୁ ସାମ୍ବାଦିକ ବିମା ଯୋଜନା ସ୍ୱତନ୍ତ୍ର ଭାବେ ଓଡ଼ିଶାରେ ସାମ୍ବାଦିକଙ୍କ ପାଇଁ କାର୍ଯ୍ୟକାରୀ ହୋଇଅଛି । କିନ୍ତୁ ବର୍ତ୍ତମାନ ସରକାର ଏହାକୁ ପରିବର୍ତ୍ତିତ କରି ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ତେଣୁ ଏହାର ପ୍ରତିବାଦରେ ଆଜି ଓଜେୟୁ ତରଫରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ମଧ୍ୟ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ତଥା ସୂଚନା ପ୍ରସାରଣ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବି କରାଯାଇଛି ।ଅତି ଶୀଘ୍ର ବିଭାଗ ତରଫରୁ ଏ ସଂକ୍ରାନ୍ତରେ ବିବୃତି ପ୍ରକାଶ ନ ପାଇଲେ ସାରା ରାଜ୍ୟରେ ଓଜେୟୁ ତରଫରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### କୋରାପୁଟ ନିୟନ୍ତ୍ରିତ ବଜାର କମିଟି ନିର୍ବାଚନ

## ୨୩ରେ ଭୋଟ, ଗୀତା ମୁଦୁଲି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କୋରାପୁଟ,୧୧।୮ (ସଂଚାର ବ୍ୟୁରୋ): କୋରାପୁଟ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇଛି ନିର୍ବାଚନୀ ମାହୋଲ। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଏବେ ନିର୍ବାଚନ ମଇଦାନରେ ରହିଛନ୍ତି ମୋଟ ୨୩ ଜଣ ପ୍ରାର୍ଥୀ। ଆସନ୍ତା ୨୩ ତାରିଖରେ ହେବ ଭୋଟଗ୍ରହଣ। ନିର୍ବାଚନ ଅଧିକାରୀ ତଥା ଏଆରସିଏସ୍ ଚନ୍ଦ୍ର ସେଠିଆଙ୍କ ସୂଚନା ଅନୁଯାୟୀ, କୃଷକ ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ୧୨ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ବ୍ୟବସାୟୀ ନିର୍ବାଚନ ମଣ୍ଡଳୀରୁ ୯ ଜଣ ପ୍ରାର୍ଥୀ ନିର୍ବାଚନୀ ଲଢ଼େଇରେ ଅଛନ୍ତି। ଅନ୍ୟପକ୍ଷରେ ସ୍ୱାୟତ୍ତ ଶାସନ ସଂସ୍ଥା (ପୌରପାଳିକା) ଆସନ ପାଇଁ କୋରାପୁଟ କାଉନସିଲର କାଦମ୍ବିନୀ ସେଠୀ ଓ ସୁନାବେଡ଼ା କାଉନସିଲର ସ୍ୱରୂପା ପଟ୍ଟନାୟକଙ୍କ ମଧ୍ୟରେ ଲଢ଼େଇ ହେବ। ତେବେ ସ୍ୱାୟତ୍ତ ଶାସନ ସଂସ୍ଥା (ପଞ୍ଚାୟତ) ଆସନରେ ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ପଦ୍ମପୁର ପଞ୍ଚାୟତର ସମିତି ସଭ୍ୟା ଗୀତା ମୁଦୁଲି ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ମୋଟ ୧୪ଟି ପଦବୀ ପାଇଁ ଏହି ନିର୍ବାଚନ ଅନୁଷ୍ଠିତ ହେଉଛି। ଏଥିରେ କୃଷକ ନିର୍ବାଚନ ମଣ୍ଡଳୀର ୮ଟି, ବ୍ୟବସାୟୀ ନିର୍ବାଚନ ମଣ୍ଡଳୀର ୪ଟି, ସ୍ୱାୟତ୍ତ ଶାସନ ସଂସ୍ଥା (ପଞ୍ଚାୟତ)ର ଗୋଟିଏ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା (ପୌରପାଳିକା)ର ଗୋଟିଏ ପଦବୀ ରହିଛି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଏବେ ପ୍ରଚାର ଓ ନିର୍ବାଚନୀ ରଣନୀତିକୁ ନେଇ ପ୍ରାର୍ଥୀମାନେ ତତ୍ପର ହୋଇଛନ୍ତି। ଆସନ୍ତା ୨୩ ତାରିଖର ମତଦାନ ପରେ କାହା ସପକ୍ଷରେ ଯାଉଛି ଆରଏମସି ନିର୍ବାଚନର ଜନାଦେଶ, ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବିକ୍ରି ହେଉଛି ବିଷ !

# ଯାଞ୍ଚ ଅଭାବରୁ ବଜାରରେ କିଣା ପାଣିରେ ବ୍ୟାପୁଛି ରୋଗ

କାକଟପୁର/ଅସ୍ତରଙ୍ଗ,୧୧।୮ (ସଂଚାର ବ୍ୟୁରୋ): ବର୍ଷା ଆସିଲେ ପୁରୀ ଜିଲ୍ଲାର ଉପକୂଳ ଅଞ୍ଚଳରେ ଜଳବାହିତ ରୋଗର କାୟା ବଢ଼େ। ଏହି ସମୟରେ ଲୋକଙ୍କ ପ୍ରଥମ ପସନ୍ଦ ହୋଇପାରିଛି ବଜାର କିଣା ପ୍ୟାକେଜିଂ ପାଣି। କିନ୍ତୁ ତଦନ୍ତରୁ ଜଣାପଡିଛି, ଯେଉଁ ପାଣିକୁ ଲୋକେ ସୁରକ୍ଷିତ ଭାବୁଛନ୍ତି, ତାହା ହିଁ ହୋଇପାରେ ସବୁଠୁ ବଡ ବିପଦ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବଜାରଠୁ ଆରମ୍ଭ କରି ତଣ୍ଡାହାର, ଶିଶୁଅ, କେଉଟଜଙ୍ଘା, ସହନ, ସୁଡିକେଶର, କୋରଣା, ଝାଡଲିଙ୍ଗ, ନୂଆଗଡ, ନଗର ପର୍ଯ୍ୟନ୍ତ ସବୁଠି ୨୦ ଲିଟର ଆକ୍ୱା ଜାର ୪୦ ଟଙ୍କାରେ ବିକ୍ରି ହେଉଛି। ଟାଟା ଏସି ଓ ଅଟୋରେ ଘର ଘର ବୁଲି ବି ବିକ୍ରି ହେଉଛି। କିନ୍ତୁ ଏହି ପାଣି କେଉଁ ପ୍ଲାଣ୍ଟରୁ ଆସୁଛି, ତାର ଲାଇସେନ୍ସ ଅଛି କି, ବିଆଇଏସ ମାନକ ପୂରଣ କରୁଛି କି ନାହିଁ - ତାର କୌଣସି ହିସାବ ନାହିଁ। ନନ୍-ବ୍ରାଣ୍ଡ ପାଉଚ ଓ ବୋତଲ ତ ଖୋଲାଖୋଲି ବିକ୍ରି ହେଉଛି।



ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନେକ ପ୍ଲାଣ୍ଟରେ ଖୋଲା ଟ୍ୟାପ୍ ଓ ନର୍ଦ୍ଦମା ପାଣିକୁ ଫିଲ୍ଟର ନାମରେ ଜାରରେ ଭରି ଦିଆଯାଉଛି। ପ୍ରସ୍ତୁତି ସ୍ଥଳରେ ସ୍ୱଚ୍ଛତା, ଯନ୍ତ୍ରପାତିର ଜୀବାଣୁ ନାଶ କିଛି ନାହିଁ।

### ଏଫ୍ଏସ୍ଏସ୍ଏଆଇ ଆଇନ କାଗଜରେ

### ମାସିକିଆ ନେଇ କର୍ମଚାରୀ ନିରବ

ନିକଟରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ଜଳାଶୟ ସବୁ ଦୂଷିତ। ଏହି ସମୟରେ ବିନା ଟେଷ୍ଟରେ ବିକ୍ରି ହେଉଥିବା ପାଣି ଡାଇରିଆ, ହେପାଟାଇଟିସ୍-ଏ , ଟାଇଫଏଡ୍ ର ମୁଖ୍ୟ କାରଣ ହୋଇପାରେ।

ଖାଦ୍ୟ ସୁରକ୍ଷା ଓ ମାନକ ନିର୍ଦ୍ଧାରଣ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ଆଇନ-୨୦୦୬ ଅନୁଯାୟୀ ପ୍ରତି ୩ ମାସରେ ଥରେ ପ୍ୟାକେଜିଂ ପାଣିର ନମୁନା ଯାଞ୍ଚ ବାଧ୍ୟତାମୂଳକ। ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର କାମ ହେଲା ସଚେତନତା ଓ ନଜରଦାରୀ। ଯୋଗାଣ ବିଭାଗ ଦେଖିବ ଦର ଓ ଲେବଲ୍।

କିନ୍ତୁ ବାସ୍ତବତା? ଗତ କିଛି ବର୍ଷ ହେଲା ଅସ୍ତରଙ୍ଗ-କାକଟପୁର ଅଞ୍ଚଳରେ ଗୋଟେ ଥର ବି ଚଢାଉ ହୋଇନାହିଁ। ଅଧିକାରୀଙ୍କ ଫୋନ୍ ବ୍ୟସ୍ତ ଅଥବା ରିସିଭ ହେଉନାହିଁ। ଅଭିଯୋଗ ହେଉଛି, କିଛି ଅଧିକାରୀ ମାସିକିଆ ବୁଝି ଆଖି ବୁଜି ଦେଉଛନ୍ତି। ଫଳରେ ବ୍ୟବସାୟୀ ନିର୍ଭୟରେ ଲାଭ ଲୁଟୁଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ, ବର୍ଷା ଦିନେ ସାମାନ୍ୟ ଦୂଷିତ ପାଣି ବି ମହାମାରୀ ଆଣିପାରେ। ଯେପରିକି ଗତବର୍ଷ ଅସ୍ତରଙ୍ଗ ବ୍ଲକ ଅଂଚଳରେ ସମସ୍ୟା ଦେଖା ଦେଇଥିଲା। ତେଣୁ ପ୍ରଶାସନ ତୁରନ୍ତ ସ୍ୱତନ୍ତ୍ର ଟିମ୍ ଗଠନ କରି ସମସ୍ତ ପ୍ଲାଣ୍ଟର ଆକସ୍ମିକ ଯାଞ୍ଚ କରନ୍ତୁ । ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେଉ। ନଚେତ୍ ପ୍ରଶାସନର ଏହି ଅବହେଳା ଅସ୍ତରଙ୍ଗ-କାକଟପୁରବାସୀଙ୍କ ପାଇଁ ବଡ ଅଭିଶାପ ହୋଇ ରହିବ।

## ଘରପଟ୍ଟା ନ ମିଳିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ



ଢେଙ୍କାନାଳ,୧୧।୮ (ସଂଚାର ବ୍ୟୁରୋ): ମୋଟଙ୍ଗା ଥାନା ଅନ୍ତର୍ଗତ ଖଡଗପ୍ରସାଦ ନନ୍ଦିନୀ କଲୋନୀ ଅଧିବାସୀ ଘରଡିହ ପଟ୍ଟା ପାଇନଥିବା କାରଣରୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ କଲୋନୀ ବାସୀନ୍ଦା ବସବାସ କରୁଥିବା ଜାଗାର ଘରଡିହ ପଟ୍ଟା ପାଇ ନଥିବାରୁ ସେମାନଙ୍କୁ ତହସିଲଦାର ଜାତିଗତ ପ୍ରମାଣପତ୍ର ପ୍ରଦାନ କରୁନାହାଁନ୍ତି। ଜାତିଗତ ପ୍ରମାଣପତ୍ର ନଥିବାରୁ ପିଲାମାନେ ପାଠପଢାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ସମସ୍ତେ ବିପିଏଲ୍ କାର୍ଡଧାରୀ ଅଟନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାଭୁକ୍ତ ଥିଲେ ମଧ୍ୟ ଘର ମିଳୁନାହିଁ । ଏଣୁ ଘରଡିହପଟା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କୁ ଗ୍ରାମର ପ୍ରମୋଦ ବେହେରା, ସୁମିତ୍ରା ବେହେରା, ଆରତ ବେହେରା, ଜୟନ୍ତୀ ସାହୁ ଓ ବାସୁଦେବ ସାହୁ ପ୍ରମୁଖ ଅଭିଯୋଗ ଜଣାଇଛନ୍ତି ।

### ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ

# ଯାଜପୁର ଜିଲ୍ଲାରେ ସଡ଼କ ସୁରକ୍ଷା ବିପନ୍ନ



ଯାଜପୁର,୧୧।୮(ସଂଚାର ବ୍ୟୁରୋ): ସୁପ୍ରିମକୋର୍ଟ, କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଛନ୍ତି। ଏହାସତ୍ତ୍ୱେ ବି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥା ସଡ଼କ ସୁରକ୍ଷାକୁ ସମ୍ପୂର୍ଣ୍ଣ ବିପନ୍ନ କରୁଛନ୍ତି। ଯାଜପୁର ଜିଲ୍ଲାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ବେପରୁଆ ମନୋଭାବ ପାଇଁ ସଡ଼କ ସୁରକ୍ଷା ଅଧିକ ବିପନ୍ନ ହେଉଛି ବୋଲି ସଡ଼କ ସୁରକ୍ଷା କମିଟି ବୈଠକରେ ଉଦବେଗ ପ୍ରକାଶ ପାଇଥିଲା।

ଯାଜପୁର ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ସଡ଼କ ସୁରକ୍ଷା କମିଟି ବୈଠକରେ ସଭ୍ୟ ସତୀଶ ବିଶ୍ୱାଳ ଅଭିଯୋଗ କରିଥିଲେ ଯେ ପ୍ରାୟ ୪ ଜଣ ଜିଲ୍ଲାପାଳ ଯାଜପୁରରୁ ଗଲେଣି। ହେଲେ ଚଣ୍ଡୀଖୋଲ- ଡୁବୁରୀ ରାସ୍ତା ନିର୍ମାଣକାରୀ ସଂସ୍ଥା ଏହି ଜିଲ୍ଲାପାଳମାନଙ୍କୁ ସଡ଼କ ସୁରକ୍ଷା ବୈଠକରେ ଦେଉଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରୁନାହାନ୍ତି। ଜିଲ୍ଲାପାଳମାନେ ମଧ୍ୟ ରାସ୍ତା ଦୁରବସ୍ଥା ନେଇ ଦେଉଥିବା ଚେତାବନୀ କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ ହେଉନାହିଁ। ପ୍ରାୟ ୯ ମାସ ପୂର୍ବରୁ ସଡ଼କ ସୁରକ୍ଷା କମିଟି ବୈଠକରେ ଏବେକାର ଜିଲ୍ଲାପାଳଙ୍କୁ ଚଣ୍ଡୀଖୋଲ-ଡୁବୁରୀ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଗତ ଡିସେମ୍ବର ୨୦୨୫ ସୁଦ୍ଧା କାମ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାୟ ୧୦ ବର୍ଷ ହେବ ଏହି ଜାତୀୟ ରାଜପଥ କାର୍ଯ୍ୟ ଚାଲିଛି। କାମ ଶେଷ ନ ହେଲେ ବି ଲୋକଙ୍କ ଚଳପ୍ରଚଳ ପାଇଁ କୌଣସି ସ୍ଥାନରେ ସର୍ଭିସ ରୋଡ ଦିଆ ନ ଯିବା

### ପ୍ରଶାସନର ତାଗିଦକୁ ନାହିଁ ଖାତିର

ସମ୍ପୂର୍ଣ୍ଣ ବେଆଇନ। ଜାତୀୟ ରାଜପଥର କବାଟବନ୍ଧରେ ଥିବା ବ୍ରାହ୍ମଣୀ ବ୍ରିଜ ଏବଂ ଖୋସାଲିପୁର ବ୍ରିଜ ଏବେ ସମ୍ପୂର୍ଣ୍ଣ ବିପଜ୍ଜନକ ଅବସ୍ଥାରେ ରହିଛି। କେତେବେଳେ ବି ଭୁଶୁଡ଼ି ଯାଇପାରେ। ବ୍ରାହ୍ମଣୀ ବ୍ରିଜର ନିର୍ମାଣ ପାଇଁ ବହୁବାର ଜନଆନ୍ଦୋଳନ ହୋଇଛି। ଏଥିନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଉଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ଦେଶର ଶିଳ୍ପ ସହର କଳିଙ୍ଗ ନଗର ସହ ପାରାଦୀପ ବନ୍ଦର ଏବଂ ସୁକିନ୍ଦା ଖଣିକୁ ଏହି ଜାତୀୟ ରାଜପଥ ସଂଯୋଗ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣରେ ଏଭଳି ଅବ୍ୟବସ୍ଥା ନେଇ ନିର୍ମାଣକାରୀ ସଂସ୍ଥାର ଯାବତୀୟ ବେଆଇନ କାର୍ଯ୍ୟ ପାଇଁ ଦୈନିକ ଦୁର୍ଘଟଣାରେ ଜୀବନ ଯାଉଛି। ହେଲେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ ନିର୍ମାଣକାରୀ ସଂସ୍ଥା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସତୀଶ ଅଭିଯୋଗ କରିଛନ୍ତି।

ଛତିଆ ପରି ପର୍ଯ୍ୟଟନ ସ୍ଥାନରେ କଲେଜ ଓ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବେଳେ ସେଠାରେ ଲୋକେ ଏଭଳି ବିଷାକ୍ତ ପାଉଁଶର ଭୟଙ୍କର ପ୍ରଦୂଷଣ ପାଇଁ ଯାତାୟାତ କରିପାରୁନାହାନ୍ତି। ଆରୁହା, ମାଣ୍ଡିଆ, ବରଡ଼ା ଆଦି ବିଭିନ୍ନ ସ୍ଥାନରେ ଲୋକେ ଏଭଳି ଦୁରବସ୍ଥାର ସମ୍ମୁଖୀନ ହେଉଛନ୍ତି। କୁଆଖିଆରୁ ଯାଜପୁର ଟାଉନ ଅଭିମୁଖେ ଆସିଥିବା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ଆଖିବୁଜା ଦୁର୍ନୀତି ପାଇଁ ରାସ୍ତା ନିର୍ମାଣ ନସରୁଣୁ ସମ୍ପୂର୍ଣ୍ଣ ଦବିଯାଇ ନଷ୍ଟ ହୋଇଯାଇଛି। ଏଥିନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ।

## ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

### ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା



ପୁରୀ,୧୧।୮(ସଂଚାର ବ୍ୟୁରୋ): ଆସନ୍ତାକାଲି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥି, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବା ଏଣୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମିନିଟ୍ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ସୂଚନା ଦିଆଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ମସ୍ତକରେ ଲାଗି ହୋଇଥାଏ ରତ୍ନଖଚିତ ସୁବର୍ଣ୍ଣ ଚିତା। ଗତ ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜିଉଙ୍କ ମସ୍ତକରୁ ଏହି ଚିତାକୁ ସୁରକ୍ଷା ଦୃଷ୍ଟିରୁ ବାହାର କରିଦିଆଯାଇଥିଲା। ଦଇତାପତି ସେବକମାନେ ଭଣ୍ଡାରମେକାପ ଓ ପାଟରା ବିଷୋୟୀ ସେବାୟତଙ୍କ ସହାୟତାରେ ଏହି ଚିତାକୁ ପୁଣି ଲାଗି କରିଥାନ୍ତି। ଶ୍ରୀମନ୍ଦିରରେ ପାଳିତ ଅନେକ ପର୍ବ ଓ ଉତ୍ସବ ପାଳନ ହେଉଥିବା ବେଳେ ଚିତାଲାଗି ଅମାବାସ୍ୟା ଅନ୍ୟତମ। ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ରତ୍ନ ସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରକୁ ବିଜେ କରିଥାନ୍ତି। ଏହାପରେ ଶ୍ରୀଜିଉମାନଙ୍କ ଝୋବା ମଇଲମ ହୋଇ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥାଏ। ଏହିଦିନ ସାଗର ବିଜେ କରିଥିବା ଅମାବାସ୍ୟା ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ପରେ ପତି ମହାପାତ୍ର, ବାଡ଼ଗ୍ରାହୀ ଦଇତାମାନେ ରତ୍ନସିଂହାସନାଧିଷ୍ଠିତ ଶ୍ରୀଜିଉଙ୍କର ଚିତାଲାଗି କାର୍ଯ୍ୟ କରିଥାନ୍ତି। ତିନୋଟି ସ୍ୱର୍ଣ୍ଣ ଚିତା ଶ୍ରୀଜୀଉମାନଙ୍କ କପାଳର ଶୀର୍ଷ ଭାଗରେ ଓଷୁଆରେ ପାଟ ଡୋର ସାହାଯ୍ୟରେ ଏହାକୁ ଦୃଢ଼ ଭାବେ ବନ୍ଧା ଯାଇଥାଏ।

## ବାଙ୍କୀ ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ୧୬୩ ଧାରା ଲାଗୁ

● ରାଜନୈତିକ ହିଂସାକାଣ୍ଡ ଆଶଙ୍କା, କଟକଣା ଲାଗୁ



ବାଙ୍କୀ,୧୧।୮(ସଂଚାର ବ୍ୟୁରୋ): ବ୍ଲକ କାର୍ଯ୍ୟାଳୟରେ ୧୬୩ ଧାରା ଲାଗୁ। ରାଜନୈତିକ ହିଂସାକାଣ୍ଡ ଆଶଙ୍କାରେ କଟକ ଜିଲ୍ଲା ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ କଟକଣା ଲାଗୁ ହୋଇଛି। ସକାଳ ୭ରୁ ରାତି ୮ଟା ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହୋଇଛି। ବାଙ୍କୀ ବିଧାୟକଙ୍କ ସମର୍ଥକ ଓ ବିଜେପି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଆଶଙ୍କାରେ ୧୬୩ ଧାରା ଜାରି କରାଯାଇଛି। କଡ଼ା ସୁରକ୍ଷା ବଳୟ ଭିତରେ ବାଙ୍କୀ ଡମପଡ଼ା ବ୍ଲକ୍ କାର୍ଯ୍ୟାଳୟ ରହିଛି। ବିଜେପି କର୍ମୀମାନେ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଡିଓଙ୍କୁ ଘେରିବା ଯୋଜନା କରିଥିଲେ। ବିଧାୟକଙ୍କ ଗୋଷ୍ଠୀ ବିଜେପି ଗୋଷ୍ଠୀଙ୍କୁ ପ୍ରତିବାଦ କରିବାକୁ ସଜବାଜ ହେଉଥିବାରୁ ଗଣ୍ଡଗୋଳ ହେବାର ଆଶଙ୍କା କରି ବ୍ଲକ୍ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ତିନି ପ୍ଲାଟୁନ ପୁଲିସ ଫୋର୍ସ ସହ ୧୪ ଜଣ ବରିଷ୍ଠ ପୁଲିସ ଅଧିକାରୀ ମୁତୟନ ହୋଇଛନ୍ତି। ପୂର୍ବରୁ ମଧ୍ୟ ବିଜେପି କର୍ମୀ ତଥା ବିଜେପି ବିଧାୟକ ପ୍ରାର୍ଥୀଙ୍କ ସମର୍ଥକମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣ୍ଡଗୋଳ କରିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଓ ଆଇନଶୃଙ୍ଖଳା ସମସ୍ୟା ଆଶଙ୍କା କରି ବାଙ୍କୀ ଉପଜିଲ୍ଲାପାଳଙ୍କ ପକ୍ଷରୁ ବିଏନଏସ୍‌ର ୧୬୩ ଧାରା ଜାରି କରାଯାଇଛି। ଉଭୟ ବ୍ଲକ କାର୍ଯ୍ୟାଳୟ ନିକଟରେ ପୁଲିସ ମୁତୟନ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଛି।

## ଆନନ୍ଦପୁର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଗିରଫ



ଆନନ୍ଦପୁର,୧୧।୮(ସଂଚାର ବ୍ୟୁରୋ): ଆନନ୍ଦପୁର ସେବା ସମବାୟ ସମିତି ତଥା କଟକ ଜିଲ୍ଲାର ବାଙ୍କୀ ପ୍ୟାକ୍ସର ପୂର୍ବତନ ସମ୍ପାଦକ ଶରତ କୁମାର ନାୟକଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ତାଙ୍କ ବିରୋଧରେ ସମିତିର ୨୧ ଲକ୍ଷ ୨୮ ହଜାର ୫୮ ଟଙ୍କା ହେରଫେର କରିଥିବା ଅଭିଯୋଗ ରହିଛି। ଭିଜିଲାନ୍ସ ପକ୍ଷରୁ ତାଙ୍କ ଅର୍ଥ ହଡ଼ପ ମାମଲାର ସବିଶେଷ ଯାଞ୍ଚ ପରେ ଜଣାପଡ଼ିଛି ଯେ ବାଙ୍କୀ ପ୍ୟାକ୍ସର ଋଣଗ୍ରହୀତାମାନଙ୍କଠାରୁ ଋଣ ବାବଦ ଅର୍ଥ ଆଦାୟ କରିବା ପରେ ଶ୍ରୀ ନାୟକ ଏହାକୁ ଯଦିଓ ଲେଜର୍‌ରେ ଏଣ୍ଟ୍ରି କରୁଥିଲେ, କିନ୍ତୁ ପରେ ସେ ଏଥିରୁ ଉପରୋକ୍ତ ପରିମାଣର ଅର୍ଥ ହଡ଼ପ କରିଥିଲେ। କାଗଜପତ୍ରରେ ହେରଫେର କରି ଅର୍ଥ ହଡ଼ପ କରିବାରୁ ବାଙ୍କୀ ପ୍ୟାକ୍ସ ଓ ସରକାରୀ ତହବିଲ୍‌କୁ କ୍ଷତି ସହିବାକୁ ପଡ଼ିଥିଲା। ତେଣୁ ତାଙ୍କୁ ଆଜି ଗିରଫ କରିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ କଟକ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ଚାଲାଣ କରାଯାଇଛି।

## ଓଲଟିଲା ଶ୍ରମିକ ବୋଝେଇ ପିକ୍‌ଅପ୍: ଜଣେ ମୃତ, ୨୦ ଆହତ




ଜଳେଶ୍ୱର,୧୧।୮(ସଂଚାର ବ୍ୟୁରୋ): ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପ ପଞ୍ଚାୟତର ତାଳବଣିଆ ଛକ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶ୍ରମିକ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଭୋଗରାଇ-କମର୍ଦ୍ଦା ଅଞ୍ଚଳରୁ ଧାନ ତଳି ରୁଆ କାର୍ଯ୍ୟ ସାରି ପ୍ରାୟ ୬୦ ଜଣ ଶ୍ରମିକଙ୍କୁ ନେଇ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡିଠ୧ ୮୦୬୭) ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟ ରାସ୍ତା ଦେଇ ଫେରୁଥିଲା। ତେବେ ତାଳବଣିଆ ଛକ ନିକଟରେ ଆଗରେ ଯାଉଥିବା ଏକ ଅଟୋକୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିବା ସମୟରେ ପିକ୍‌ଅପ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଜିକେ ଭଞ୍ଜ ହସ୍ପିଟାଲକୁ ନିଆଯାଇ ସେଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ନେଇ ଖବର ପାଇବା ପରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିଚୟ ମିଳିପାରିନାହିଁ।

## ଭୁଲ୍ ଇଞ୍ଜେକ୍ସନ ନେଲା ଯୁବତୀଙ୍କ ଜୀବନ!



### ଘଟଣାସ୍ଥଳରୁ ଡାକ୍ତର ଫେରାର

ନୟାଗଡ଼,୧୧।୮ (ସଂଚାର ବ୍ୟୁରୋ): ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀଙ୍କ ପ୍ରାଣ ଚାଲିଯାଇଛି। ଭୁଲ୍ ଇଞ୍ଜେକସନ ଦେବାରୁ ଜନୈକା ଯୁବତୀଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଛି ଏପରି ଅଭିଯୋଗ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସହ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ମିଳିଥିବା ସୂଚନାନୁଯାୟୀ, ଯୁବତୀଙ୍କୁ ଗତକାଲିଠାରୁ ସାଧାରଣ ଜ୍ୱର ହୋଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନଆସିବାରୁ ଆଜି ସକାଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଦେଖିବା ପରେ ଏକ ଇଞ୍ଜେକ୍ସନ ଦେଇଥିଲେ। ତେବେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ହିଁ ସନ୍ତୋଷୀଙ୍କର ମୃତ୍ୟୁ ଘଟିଛି। ଡାକ୍ତରଙ୍କ ଅବହେଳା ଯୋଗୁଁ ସେ ତାଙ୍କ ଝିଅକୁ ହରାଇଲେ ବୋଲି ବାପା ଗୋପାଳ ବେହେରା କାନ୍ଦି କାନ୍ଦି ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଫତେଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅନ୍ୟପଟେ ଘଟଣାସ୍ଥଳରୁ ସମ୍ପୃକ୍ତ ଡାକ୍ତର ଜଣଙ୍କ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### କନ୍ୟାଶ୍ରମ ଅଞ୍ଚଳରେ ବିଡିଏ ଓ ବିଏମସି ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଶେଷ

# ଭଙ୍ଗାଗଲା ୩୩୦ଟି ଅସ୍ଥାୟୀ ଘର



ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ଏବଂ ସହରର ଯୋଜନାବଦ୍ଧ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ମିଳିତ ସହଭାଗିତାରେ ଚନ୍ଦ୍ରଶେଖରପୁର ମୌଜାସ୍ଥିତ କନ୍ୟାଶ୍ରମ ନିକଟରେ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୩୩୦ଟି ଅସ୍ଥାୟୀ ଘର ସମେତ ୪୫ଟି ଶୌଚାଳୟ ଓ ସ୍ନାନାଗାର ଭଙ୍ଗାଯାଇଛି। ଏଥିସହ ପାଖାପାଖି ୫୦୦ ଫୁଟ ଲମ୍ବର ମାଙ୍କଡ଼ା ପଥର ପ୍ରାଚୀର, ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ଓ ୩ଟି କାଠ କ୍ୟାବିନ୍‌କୁ ମଧ୍ୟ ହଟାଯାଇଛି।

ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ ଓ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତଦାରଖରେ ଏହି ଅଭିଯାନ ପରିଚାଳିତ ହୋଇଥିଲା। ସୂଚନାନୁଯାୟୀ, ଉଚ୍ଛେଦ ହୋଇଥିବା ଜମିରେ ରାଇଟ୍ ପାରାଲେଲ୍ ରୋଡ୍‌କୁ ସଂଯୋଗ କରୁଥିବା ଏକ ଶାଖା ରାସ୍ତା ନିର୍ମାଣ କରାଯିବ, ଯାହା ଗମନାଗମନରେ ସୁଧାର ଆଣିବା ସହ ଅଞ୍ଚଳର ଭିତ୍ତିଭୂମି ବିକାଶରେ ସହାୟକ ହେବ। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ବିଡିଏ ଅତିରିକ୍ତ କମିଶନର (ଇଷ୍ଟେଟ୍-୧) ମନୋଜ ସ୍ୱାଇଁ, ବିଏମସି ଯୁଗ୍ମ କମିଶନର (ହାଉସିଂ) ଅଜୟ କୁମାର ମହାନ୍ତିଙ୍କ ସମେତ ଉଭୟ ବିଡିଏ ଓ ବିଏମସିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଛେଦ କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବା ଓ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଘଟଣାସ୍ଥଳରେ ୨ ଜଣ ଅତିରିକ୍ତ ଡିସିପି, ୪ ଜଣ ଏସିପି, ୯ ଜଣ ଇନ୍ସପେକ୍ଟର ଓ ୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଏଥିସହ ଆବଶ୍ୟକ ସଂଖ୍ୟକ ମହିଳା ପୁଲିସ ମଧ୍ୟ ନିୟୋଜିତ ହୋଇଥିଲେ। ଉଚ୍ଛେଦ କାର୍ଯ୍ୟ ପାଇଁ ମୋଟ ୮ଟି ଜେସିବି ମେସିନ୍ ବ୍ୟବହାର କରାଯାଇଥିଲା।

## ସମୁଦ୍ରକୂଳରେ ପର୍ଯ୍ୟଟକଙ୍କଠାରୁ ଚେନ୍ ଲୁଟ୍, ଅଭିଯୁକ୍ତ ଗିରଫ



ପୁରୀ,୧୧।୮(ସଂଚାର ବ୍ୟୁରୋ): ପୁରୀ ସମୁଦ୍ର କୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସର ନିରନ୍ତର ପାଟ୍ରୋଲିଂ ଓ ତ୍ୱରିତ ପଦକ୍ଷେପ ଯୋଗୁଁ ଜଣେ ପର୍ଯ୍ୟଟକଙ୍କଠାରୁ ଚୋରି ହୋଇଥିବା ସୁନା ଚେନ୍ ଉଦ୍ଧାର ହୋଇଛି। ଏଥିସହ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପିସିଆର୍-୫ ଟିମ୍ କାବୁ କରିଛି।

ମିଳିଥିବା ସୂଚନାନୁଯାୟୀ, ଢେଙ୍କାନାଳରୁ କିଛି ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ସମୁଦ୍ର କୂଳରେ ଗାଧୋଉଥିବା ସମୟରେ ଜଣେ ବ୍ୟକ୍ତି ସୁଯୋଗ ନେଇ ଜଣେ ପର୍ଯ୍ୟଟକଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ନେଇଥିଲେ। ଏହାପରେ ଅଭିଯୁକ୍ତ ଚେନ୍ ଧରି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ପିସିଆର୍-୫ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତ ଯେଉଁ ଦିଗକୁ ଦୌଡ଼ି ପଳାଇଥିଲା, ପୁଲିସ କର୍ମଚାରୀମାନେ ସେହି ଦିଗରେ ତାଙ୍କ ପିଛା କରିଥିଲେ। ପୁଲିସକୁ ଚକମା ଦେବାକୁ ଅଭିଯୁକ୍ତ ପୁରୀ ହୋଟେଲ ଲେନ୍ ଭିତରକୁ ପଶିଯାଇଥିଲା। ସେଠାରେ ସେ ନିଜ ସାଙ୍ଗରେ ଥିବା ସୁନା ଚେନ୍‌ଟିକୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ଫୋପାଡ଼ି ଦେଇଥିଲା।

କିନ୍ତୁ ପିସିଆର୍-୫ ଟିମ୍ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖି ପିଛା ଜାରି ରଖିଥିଲା। ଶେଷରେ ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା। ପରେ ଅଭିଯୁକ୍ତ ଫିଙ୍ଗିଦେଇଥିବା ସୁନା ଚେନ୍‌କୁ ମଧ୍ୟ ଉଦ୍ଧାର କରାଯାଇଥିଲା। ତେବେ ଚେନ୍ ଛିଡ଼ାଇ ନେବା ସମୟରେ ପର୍ଯ୍ୟଟକ ଜଣକ ସାମାନ୍ୟ ଆହତ ହୋଇଥିବାରୁ ପୁଲିସ ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଛି।

ପୁଲିସର ସୂଚନାନୁଯାୟୀ, ଅଭିଯୁକ୍ତ ଜଣକ ବି. ଛାଟୁ ବେହେରା (୩୩) ହୋଇଥିବା ବେଳେ ସେ ପୁରୀର ବାଲିନୋଳିଆ ସାହିର ବାସିନ୍ଦା। ଅଭିଯୁକ୍ତକୁ ବର୍ତ୍ତମାନ ସମୁଦ୍ରକୂଳ ଥାନାରେ ଅଟକ ରଖାଯାଇଥିବା ବେଳେ ଘଟଣା ସମ୍ପର୍କରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଜାରି ରହିଛି। ପୁରୀ ପୁଲିସ ପକ୍ଷରୁ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ସମୁଦ୍ର କୂଳରେ ଗାଧୋଇବା ସମୟରେ ସୁନା ଅଳଙ୍କାର, ମୋବାଇଲ୍ ଫୋନ୍, ପର୍ସ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଅଜଣା ବ୍ୟକ୍ତିଙ୍କ ଗତିବିଧି ପ୍ରତି ସତର୍କ ରହିବା ଓ କୌଣସି ସନ୍ଦେହଜନକ ଘଟଣା ଘଟିଲେ ତୁରନ୍ତ ନିକଟସ୍ଥ ପୁଲିସକୁ ଜଣାଇବାକୁ କୁହାଯାଇଛି।

## ଚୋରି ମାମଲାରେ ୩ ନାବାଳକ ସମେତ ୫ ଗିରଫ

ନବରଙ୍ଗପୁର,୧୧।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଏକ ଚୋରି ମାମଲାର ପର୍ଦ୍ଦାଫାସ୍ କରିଛି ଉମରକୋଟ ପୁଲିସ। ମାମଲାରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଥିବା ୩ ଜଣ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡିର କୋକସରା ଅଞ୍ଚଳର ଆଶିଷ ବେହେରା ଓ ନବରଙ୍ଗପୁର ଝରିଗାଁ ଅଞ୍ଚଳର ରାକେଶ କଟିମ୍। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୧୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି।



ସୂଚନାନୁସାରେ, ଗତ ୫ ତାରିଖରେ ଡିଏନକେ ଉମରକୋଟ ଟିଚର କଲୋନୀରେ ରହୁଥିବା ସ୍ୱର୍ଣ୍ଣକାନ୍ତି ମହାପାତ୍ରଙ୍କ ଘରୁ ଚୋରି ହୋଇଥିବା ନେଇ ଉମରକୋଟ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ୨୯୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲଶ। ଅଭିଯୁକ୍ତମାନେ ଘରର ତାଲା ଭାଙ୍ଗି ଦୁଇଟି ମୋବାଇଲ ଫୋନ୍, ଗୋଟିଏ ସୁନା ମୁଦି, ଗୋଟିଏ ଯୋଡ଼ା ସୁନା କାନଫୁଲ ଓ ପ୍ରାୟ ୫୦୦ ଟଙ୍କାର ଖୁଚୁରା ପଇସା ଚୋରି କରିଥିଲେ। ଏହି ମାମଲାରେ ଥାନା ଦାୟିତ୍ୱରେ ଏସ୍‌ଆଇ କୁଳଭୂଷଣ ନାୟକଙ୍କ ନେତୃତ୍ୱରେ ତଦନ୍ତ ହୋଇଥିଲା। ଏହି ମାମଲାରେ ବିଏନ୍‌ଏସ୍‌ର ଧାରା ୩୩୧(୩), ୩୦୫(ଏ) ଏବଂ ୩(୫) ଅନୁସାରେ ମାମଲା ରୁଜୁ ହୋଇଛି। ଏହାଛଡ଼ା ଉମରକୋଟ ଥାନାର ଅନ୍ୟ ଏକ ମାମଲା ନମ୍ବର ୩୦୫/୨୦୨୬ରେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ପୁଲିସ ସୂଚନା ଦେଇଛି।

## ନନ୍ଦନକାନନକୁ ଆସିବେ ବିଦେଶୀ ଅତିଥି

ଚିତା, ବୁଲ୍ ୱାଇଲ୍ଡ ବିଷ୍ଟ, ଅଷ୍ଟ୍ରେଲିଆର ରେଡ୍ କଙ୍ଗାରୁ, ପୂର୍ବ ହିମାଳୟର ରେଡ୍ ପାଣ୍ଡା। ଏହି ଜନ୍ତୁଙ୍କ ପାଇଁ କିଛି ଖୁଆଡ଼ କାର୍ଯ୍ୟ ଶେଷ ହୋଇଥିବା ବେଳେ କିଛି ଖୁଆଡ଼ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ବାରଙ୍ଗ,୧୧।୮ (ସଂଚାର ବ୍ୟୁରୋ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ ହେବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ପ୍ରାଣୀ ଉଦ୍ୟାନରେ ନୂଆ ଖୁଆଡ଼ ସହ ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏବେ ନୂଆ ଜନ୍ତୁ ଆଣିବା ପାଇଁ ଯୋଜନା ଚାଲିଛି। ଏନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କଠାରୁ ଅନୁମୋଦନ ମିଳିସାରିଛି। ଏଥର ନନ୍ଦନକାନନ କର୍ତ୍ତୃପକ୍ଷ କିଛି ବିଦେଶୀ ନୂଆ ଜନ୍ତୁ ସହିତ କିଛି ପୁରୁଣା ଜନ୍ତୁ ଆଣୁଛନ୍ତି। ସେଥିରେ ଅଛନ୍ତି ଜେବ୍ରା, ଆଫ୍ରିକୀୟ ଚିତା, ବୁଲ୍ ୱାଇଲ୍ଡ ବିଷ୍ଟ, ଅଷ୍ଟ୍ରେଲିଆର ରେଡ୍ କଙ୍ଗାରୁ, ପୂର୍ବ ହିମାଳୟର ରେଡ୍ ପାଣ୍ଡା। ଏହି ଜନ୍ତୁଙ୍କ ପାଇଁ କିଛି ଖୁଆଡ଼ କାର୍ଯ୍ୟ ଶେଷ ହୋଇଥିବା ବେଳେ କିଛି ଖୁଆଡ଼ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦନକାନନ ପ୍ରତିଷ୍ଠା ଦିବସ ଆସନ୍ତା ଡିସେମ୍ବର ୨୯ ତାରିଖ ପୂର୍ବରୁ ଏହି ଜନ୍ତୁ ଏଠାରେ ପହଞ୍ଚିବେ। ଏକ ମାସ କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିବା ପରେ ସେମାନଙ୍କୁ ଖୁଆଡ଼ରେ ଛଡ଼ାଯିବ। ପ୍ରତିଷ୍ଠା ଦିବସ ପରେ ପର୍ଯ୍ୟଟକମାନେ ବହୁ ବିଦେଶୀ ଜୀବଜନ୍ତୁଙ୍କୁ ନନ୍ଦନକାନନରେ ଦେଖିବାକୁ ପାଇବେ। ନୂଆ ବିଦେଶୀ ଜନ୍ତୁ ଆସିବା ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

## ଚିଲିକା ମଝିରେ ଆକ୍ରମଣ: ଜଣେ ମୃତ, ୧ ଗୁରୁତର



କୃଷ୍ଣପ୍ରସାଦ,୧୨।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରାମଲଙ୍କା ପଞ୍ଚାୟତ କୁମାରପୁର ଚିଲିକାରେ ମାଛ ଧରିବା ବେଳେ ଅଘଟଣ ଘଟିଛି। କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରା ଓ ଓମ କୁମାରପୁର ଗ୍ରାମ ନିକଟସ୍ଥ ଶ୍ୟାମାକାଳୀ ବାହାର ଚିଲିକାରୁ ମାଛ ଧରୁଥିଲେ। ଗତକାଲି ସନ୍ଧ୍ୟା ପ୍ରାୟ ୭ଟାରେ ହଠାତ ୨ଟି ଡଙ୍ଗାରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆସି ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଧମକଚମକ ଦେଇଥିଲେ। ଏପରିକି ସେମାନେ ମାଛ ନେଇଯିବା ସହ ଆକ୍ରମଣ ମଧ୍ୟ କରିଥିଲେ। ଏକ ଭୁଜାଲିରେ ସେମାନେ ଅମରଙ୍କ ମୁଣ୍ଡକୁ ହାଣିଦେଇଥିଲେ। ହେଲେ ଚିନ୍ମୟ କୌଶଳ କ୍ରମେ ଖସି ଚାଲି ଆସିଥିବା ବେଳେ ଓମ ଚିଲିକାରେ ନିଖୋଜ ହୋଇଯାଇଥିଲେ। ପାଖାପାଖି ୧୫ ଘଣ୍ଟା ପରେ ଓମଙ୍କ ମୃତଦେହ ଚିଲିକାରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁରୀ ସଦର ଏସ୍‌ଡିପିଓ ମାନସ ଚନ୍ଦ୍ର ବାରିକ, କୃଷ୍ଣପ୍ରସାଦ ଥାନା ଏସ୍‌ଆଇ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମାଲୁଦ ଅଗ୍ନିଶମ ବାହିନୀ ସହାୟତାରେ ଚିଲିକାରେ ଭାସୁଥିବା ମୃତଦେହ ଉଦ୍ଧାର କରିଛନ୍ତି। ପୁଲିସ ଏକ ମାମଲା ରୁଜ କରି ଘଟଣାର ତଦନ୍ତ ଆରମ୍ଭ କରଛି।

### ରାଜ୍ୟସ୍ତରୀୟ ମାନକୀକରଣ କମିଟି ବୈଠକ ଅନୁଷ୍ଠିତ

# ମାନକୀକରଣକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୧।୮(ସଂଚାର ବ୍ୟୁରୋ): ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମାନକୀକରଣ ଉପରେ ଓଡ଼ିଶା ରାଜ୍ୟସ୍ତରୀୟ କମିଟିର ୩ୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶା ସରକାର ଏବଂ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ)ଙ୍କ ସମ୍ମିଳିତ ପ୍ରୟାସରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ମାନକୀକରଣ, ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଉପଭୋକ୍ତା ସୁରକ୍ଷାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ବିଭିନ୍ନ ପ୍ରମୁଖ ପଦକ୍ଷେପ ସଂପର୍କରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା।

ବୈଠକରେ ଭୁବନେଶ୍ୱରସ୍ଥିତ ବିଆଇଏସର ବରିଷ୍ଠ ନିର୍ଦ୍ଦେଶକ ଓ ମୁଖ୍ୟ ଏକେ ପୁରୋହିତ ଓଡ଼ିଶାରେ ମାନକୀକରଣ ଓ ଗୁଣବତ୍ତାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ପ୍ରମୁଖ ପଦକ୍ଷେପ ଏବଂ ସହଯୋଗର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ। ଏଥିସହ କୋଲକାତାସ୍ଥିତ ବିଆଇଏସ ପରୀକ୍ଷାଗାରର ଏ. ଚାଟାର୍ଜୀ ରାଜ୍ୟ ସରକାରଙ୍କ ପରୀକ୍ଷାଗାର ଏବଂ କମନ୍ ଫ୍ୟାସିଲିଟି ସେଣ୍ଟର (ସିଏଫସି)ଗୁଡ଼ିକର ପରୀକ୍ଷଣ ସୁବିଧାର ସମ୍ପ୍ରସାରଣ, ଉନ୍ନତିକରଣ ଓ ଆଧୁନିକୀକରଣ ପାଇଁ ବିଆଇଏସ ଲାବୋରେଟୋରୀ ଆସିଷ୍ଟାନ୍ସ ସ୍କିମ୍ ସମ୍ପର୍କରେ ଆଲୋକପାତ କରିଥିଲେ।

ନିରାପଦ ଓ ବିଶ୍ୱସନୀୟ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ପାଇଁ କମିଟି ୱାଟକୋ ଏବଂ ଗ୍ରାମୀଣ ଜଳ ଯୋଗାଣ ଓ

### ବିଭିନ୍ନ କ୍ଷେତ୍ରରେ ଗୁଣବତ୍ତା ସୁନିଶ୍ଚିତ କରିବା ଉପରେ ଜୋର୍

ପରିମଳ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ପରିଚାଳନା ସମ୍ପର୍କିତ ବିଆଇଏସ୍ ମାନକ ଆଇଏସ୍ ୧୭୪୮୨:୨୦୨୦କୁ ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରି ଏହାର ପ୍ରମାଣପତ୍ର ହାସଲ ପାଇଁ ପଦକ୍ଷେପ ନିଆଯିବା ସକାଶେ ଆଲୋଚନା ହୋଇଛି। ଲିଫ୍ଟ ସୁରକ୍ଷା ସମ୍ପର୍କରେ ଭାରତୀୟ ମାନକଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶାରେ ଉପଯୁକ୍ତ ନିୟମ ଓ ନିୟମାବଳୀ ପ୍ରଣୟନ ଏବଂ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ କମିଟି ଗୁରୁତ୍ୱାରୋପ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସ୍ୱାଧୀନତା ଦିବସ ପୂର୍ବରୁ ଆଇଆଇଏଫଏଲ ଫାଇନାନ୍ସର ସ୍ୱତନ୍ତ୍ର ସ୍ୱର୍ଣ୍ଣ ଋଣ




ମୁମ୍ବାଇ, ୧୧।୮: ଆଇଆଇଏଫଏଲ ଫାଇନାନ୍ସ, ଏକ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ଆଜି ମହିଳା ଋଣଗ୍ରହୀତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଋଣ ପ୍ରସ୍ତାବ ଘୋଷଣା କରିଛି, ଯାହା ମହିଳା ଉଦ୍ୟୋଗୀ ଏବଂ ଗୃହିଣୀମାନଙ୍କୁ ଅବ୍ୟବହୃତ ଘରୋଇ ସୁନାକୁ ଉତ୍ପାଦନକ୍ଷମ ପୁଞ୍ଜିରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହି ଅଫର ସମଗ୍ର ଭାରତରେ ଆଇଆଇଏଫଏଲ ଫାଇନାନ୍ସ ସୁନା ଋଣ ଶାଖାରେ ଉପଲବ୍ଧ।

ଏହି ଯୋଜନା ମହିଳା ଋଣଗ୍ରହୀତାମାନଙ୍କ ପାଇଁ ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କରେ ପ୍ରତି ମାସରେ ୦.୮୧% (ବାର୍ଷିକ ୯.୭୨%) ରୁ ଆରମ୍ଭ କରି ଏକ ସ୍ୱତନ୍ତ୍ର ସୁଧ ହାର ପ୍ରଦାନ କରୁଛି । ଏହି ଯୋଜନା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ଋଣ-ମୂଲ୍ୟ ସୀମା ମଧ୍ୟରେ ଗ୍ରାହକଙ୍କ ସୁନା ଉପରେ ସର୍ବାଧିକ ଅନୁମୋଦିତ ଋଣ ମୂଲ୍ୟ ମଧ୍ୟ ପ୍ରଦାନ କରୁଛି। ଆଇ ଆଇ

**ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କ ଏବଂ ସୁନା ଉପରେ ସର୍ବାଧିକ ଅନୁମୋଦିତ ଋଣ-ମୂଲ୍ୟ**

ଏଫ ଏଲ ର ଫାଇନାନ୍ସ, ର ମୁଖ୍ୟ ମୟଙ୍କ ଶର୍ମା କହିଛନ୍ତି ଯେ, "ଲକ୍ଷ ଲକ୍ଷ ଭାରତୀୟ ମହିଳାଙ୍କ ପାଇଁ, ଆଲମାରୀରେ ଥିବା ସୁନା ହେଉଛି ସେମାନଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି, କିନ୍ତୁ ଉତ୍ତିଷ୍ୟତନ ପିଢ଼ିଙ୍କ ପାଇଁ ଏହା କେବଳ ସନ୍ତକ ହୋଇ ରହିଯାଏ। ସମ୍ଭବତଃ ଏକ ସୁନା ଋଣ ଏହାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ବହୁମୂଲ୍ୟ ସନ୍ତକକୁ ସମ୍ପତ୍ତିରେ ପରିଣତ କରିପାରେ। ଏବଂ ବିନା ଦ୍ୱିଧାରେ ସେ ଋଣ ନିଅନ୍ତି, ପରିଶୋଧ କରନ୍ତି, ଏବଂ ଠିକ ସମୟରେ ତାଙ୍କର ଅଳଙ୍କାର ମଧ୍ୟ ଘରକୁ ଫେରିଆସେ। ଏହି ଯୋଜନା ସହିତ ଆମେ ପ୍ରଥମ ଥର ପାଇଁ ୨ଟି ଅଫର ଆରମ୍ଭ କରିବାକୁ ଚେଷ୍ଟା କରିଛୁ, ଯାହା ମୁଖ୍ୟତଃ ଋଣଗ୍ରହୀତାକୁ ଫେରାଇ ନେଉଥିଲା। ସେଇ ଦୁଇଟି ଅଫର ହେଉଛି - ଋଣର ସଠିକ ମୂଲ୍ୟ ନିର୍ଧାରଣ ଏବଂ ଏଥିପାଇଁ ଆବେଦନ କରିବାର ମୂଲ୍ୟ । ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କ ଜଣେ ମହିଳା ଋଣଗ୍ରହୀତାଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ସଙ୍କେତ।"

## ଜେନ-ଜିଙ୍କ ଅଭ୍ୟାସ ବଢ଼ାଉଛି ନନ୍-ହାଉସିଂ ରିଟେଲ୍ ଲୋନ୍

ନୂଆଦିଲ୍ଲୀ,୧୧।୮:ଜେନ୍ ଜି ଏବଂ ଯୁବ ଗ୍ରାହକମାନଙ୍କ ମଧ୍ୟରେ କନସର୍ଟ, ଯାତ୍ରା ଏବଂ ଲାଇଫଷ୍ଟାଇଲ୍ ଅନୁଭବ ଉପରେ ଖର୍ଚ୍ଚ ଦ୍ରୁତ ଗତିରେ ବଢ଼ୁଛି। ଏଥିପାଇଁ କ୍ରେଡିଟ୍ କାର୍ଡ ତଥା 'ବାଏ ନାଓ, ପେ ଲେଟର' ଭଳି ବିକଳ୍ପଗୁଡ଼ିକର ବ୍ୟବହାର ବୃଦ୍ଧି ପାଉଥିବା ଦେଖାଯାଉଛି। ଯଦିଓ ଗତ କିଛି ବର୍ଷଗୁଡ଼ିକରେ ଭାରତରେ ପରିବାରଗୁଡ଼ିକ ଉପରେ ଋଣଭାର ଦ୍ରୁତ ଗତିରେ ବୃଦ୍ଧି ପାଇଛି, କିନ୍ତୁ ଫାଇନାନ୍ସିଆଲ୍ ସେକ୍ଟରର ରେଗୁଲେଟରମାନେ ଏହି ଋଣର ଆକାରକୁ ନେଇ ବିଶେଷ ଭାବରେ ଚିନ୍ତିତ ଅଛନ୍ତି। ନନ୍-ହାଉସିଂ ରିଟେଲ୍ ଲୋନ୍ ଏବେ ପରିବାରଗୁଡ଼ିକର ମୋଟ ଋଣର ଅଧାରୁ ଅଧିକ ଅଂଶ ହୋଇସାରିଛି। ଏହି ଲୋନଗୁଡ଼ିକ ହାଉସିଂ, କୃଷି ଏବଂ ବିଜନେସ୍ ଲୋନ୍ ତୁଳନାରେ ଅଧିକ ଦ୍ରୁତ ଗତିରେ ବଢ଼ିଛି। ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ହୋଇଥିବା ଆଭ୍ୟନ୍ତରୀଣ ଆଲୋଚନାରେ ଏହି ଟ୍ରେଣ୍ଡ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଜନସତ୍ତାର ରିପୋର୍ଟ ଅନୁସାରେ, ମାର୍ଚ୍ଚ, ୨୦୨୬ ସୁଦ୍ଧା, ନନ୍-ହାଉସିଂ ରିଟେଲ୍ ଲୋନ୍ ପରିବାରଗୁଡ଼ିକର ମୋଟ ଋଣର ୫୮.୪% ରହିଛି, ଯାହା ମାର୍ଚ୍ଚ ୨୦୨୫ରେ ମୋଟ ଘରୋଇ ଋଣର ୫୪.୯% ଥିଲା। ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ପ୍ରତି ଋଣଗ୍ରହିତାଙ୍କ ପାଖରେ ହାରାହାରି ବାକି ଥିବା ଋଣ ମାର୍ଚ୍ଚ ୨୦୧୮ ଶେଷ ସୁଦ୍ଧା ୩.୪୧ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ମାର୍ଚ୍ଚ ୨୦୨୫ ଶେଷ ସୁଦ୍ଧା ୪.୭୮ ଲକ୍ଷ ଟଙ୍କା ହୋଇଛି। ପର୍ସନାଲ୍ ଲୋନର କେତେକ ନିର୍ଦ୍ଦିଷ୍ଟ ବର୍ଗରେ ସବୁଠାରୁ ଅଧିକ ବୃଦ୍ଧି ଦେଖାଯାଇଛି। ସୁନା ଗହଣା ବନ୍ଧକ ରଖି ନିଆଯାଇଥିବା ଲୋନ୍ ମାର୍ଚ୍ଚ ୨୦୨୨ ମସିହାର ୭୪,୭୩୮ କୋଟି ଟଙ୍କାରୁ ବୃଦ୍ଧି ପାଇ ମାର୍ଚ୍ଚ ୨୦୨୬ରେ ୪.୬୧ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଅନ୍ୟପଟେ ଅନ୍ୟାନ୍ୟ ପର୍ସନାଲ୍ ଲୋନର ବାକି ପରିମାଣ ୨୦୨୨ ମାର୍ଚ୍ଚରେ ୯.୦୨ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୨୬ ମାର୍ଚ୍ଚରେ ତାହା ୧୭.୩୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସଂସଦରେ ଉପସ୍ଥାପିତ ତଥ୍ୟରୁ ଏହି ସୂଚନା ମିଳିଛି। ଘରୋଇ ଋଣ ଯୋଗୁଁ ଭାରତୀୟ ଫାଇନାନ୍ସିଆଲ୍ ସିଷ୍ଟମକୁ ଥିବା ବିପଦ ଏବେ ବି ସୀମିତ ଅଛି। କିନ୍ତୁ ଆରବିଆଇ କମ୍ ରେଟିଂ ଥିବା ଋଣଗ୍ରହିତାଙ୍କ ମଧ୍ୟରେ ଘରୋଇ ଋଣ ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଛି। ଏହା ଉପରେ କଡ଼ା ନଜର ରଖିବା ପ୍ରତି ଗୁରୁତ୍ୱ ଦେଇଛି। CIBIL TransUnionର ତଥ୍ୟ ଅନୁସାରେ, ଭାରତରେ ଋଣ ନେବାକୁ ଯୋଗ୍ୟ ଜନସଂଖ୍ୟା ମଧ୍ୟରୁ ଆକ୍ଟିଭ୍ ଋଣଗ୍ରହିତାଙ୍କ ସଂଖ୍ୟା ଦଶନ୍ଧି ପୂର୍ବର ୧୧%ରୁ ବୃଦ୍ଧି ପାଇ ଏବେ ପ୍ରାୟ ୨୮% ହୋଇଛି। ଋଣ ପାଇଁ ଯୋଗ୍ୟ ୮୯ କୋଟି ଲୋକଙ୍କ ମଧ୍ୟରୁ ପ୍ରାୟ ଏକ-ତୃତୀୟାଂଶ ଗତବର୍ଷ ଲୋନ୍ ନେଇଛନ୍ତି କିମ୍ବା କ୍ରେଡିଟ୍ କାର୍ଡ/ ଇଏମଆଇ ବିଲ୍ ପରିଶୋଧ କରୁଛନ୍ତି। ଏହି ଆକ୍ଟିଭ୍ ଗ୍ରାହକମାନଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକ କଞ୍ଜମ୍ପସନ୍ ଲୋନ୍ (କ୍ରେଡିଟ୍ କାର୍ଡ, ପର୍ସନାଲ୍ ଲୋନ୍ କିମ୍ବା କଞ୍ଜ୍ୟୁମର୍ ଡ୍ୟୁରେବଲ୍ ଲୋନ୍) ନେଇଛନ୍ତି। ୨୦୧୭ରୁ ୨୦୨୪ ମଧ୍ୟରେ କଞ୍ଜମ୍ପସନ୍ ଲୋନ୍ ନେଉଥିବା ଗ୍ରାହକଙ୍କ ସଂଖ୍ୟା ୪ ଗୁଣ ବୃଦ୍ଧି ପାଇଛି, ଯେଉଁଥିରେ ଜେନ-ଜି ଏବଂ ଯୁବ ଗ୍ରାହକଙ୍କ ବଡ଼ ଭୂମିକା ରହିଛି। କ୍ରେଡିଟ୍ ବ୍ୟୁରୋ ଅଫିସରଙ୍କ ଅନୁସାରେ, ଅନେକ ସମୟରେ ଉପଭୋଗ ପାଇଁ ଲୋନ୍ ଦେବା ସମୟରେ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ପ୍ରକୃତ ଆୟ ଏବଂ ପରିଶୋଧ କ୍ଷମତାର ସମ୍ପୂର୍ଣ୍ଣ ଯାଞ୍ଚ କରିପାରନ୍ତି ନାହିଁ। ଆର୍ଥିକ ବର୍ଷ ୧୭ରେ ୫%ରୁ ବୃଦ୍ଧି ପାଇ ଆର୍ଥିକ ବର୍ଷ ୨୦୨୪ ରେ ୧୮% ହୋଇଥିଲା, ଯାହା ପରେ ଆର୍ଥିକ ବର୍ଷ ୨୦୨୬ ରେ ୧୫%କୁ ଆସିଛି। ଏଥିରେ ଅଧିକାଂଶ ଯୁବ ଗ୍ରାହକ ଅଛନ୍ତି। ଗତ ଆର୍ଥିକ ବର୍ଷରେ କ୍ରେଡିଟ୍ କାର୍ଡର ମୋଟ ବାକି ଋଣ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି ଏବଂ ବିଲ୍ ପରିଶୋଧରେ ବିଳମ୍ବ (୯୦ରୁ ୩୬୦ ଦିନ) ବାର୍ଷିକ ୪୦% ରୁ ଅଧିକ ବଢ଼ିଛି।



## ପୁଣି ବଢ଼ିଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ, ୧୧।୮: ଏଇ କିଛି ଦିନ ହେବ ଲଗାତର ସୁନା ଓ ରୁପା ମୂଲ୍ୟରେ ବଡ଼ ଆକାରରେ ବୃଦ୍ଧି ଦେଖିବାକୁ ମିଳିଛି। ମଙ୍ଗଳବାର (ଅଗଷ୍ଟ ୧୧ ତାରିଖ) ମଧ୍ୟ ସୁନା ଏବଂ ରୁପା ମୂଲ୍ୟ ବଢ଼ିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (IBJA) ଅନୁଯାୟୀ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ₹୧,୮୪୯ ବୃଦ୍ଧି ପାଇ ଦର ୧.୫୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ସୁନା ଚଳିତ ବର୍ଷ ୨୬ ହଜାର ଟଙ୍କା ମହଙ୍ଗା ହେଲାଣି। କେବଳ ଅଗଷ୍ଟ ମାସରେ ସୁନା ମୂଲ୍ୟ ୯.୬୩୦ ଟଙ୍କା ବଢ଼ିଛି।

ସେହିପରି ଏକ କିଲୋଗ୍ରାମ ରୁପାର ମୂଲ୍ୟରେ ଆଜି ୨,୯୦୭ ଟଙ୍କା ବୃଦ୍ଧି ପାଇ ୨.୩୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ଅଗଷ୍ଟ ମାସରେ ସୁନା ଭଳି ରୁପା ମୂଲ୍ୟରେ ମଧ୍ୟ ବଡ଼ ବୃଦ୍ଧି ଘଟିଛି। ଚଳିତ ମାସ ରୁପା ଦରରେ ₹୧୫,୯୮୫ ମହଙ୍ଗା ହୋଇଛି। ଏହି ବର୍ଷ ସୁନା ଏବଂ ରୁପାର ମୂଲ୍ୟରେ ନିରନ୍ତର ପରିବର୍ତ୍ତନ ଜାରି ରହିଛି। ୨୦୨୬ ମସିହାରେ ସୁନା ଏପର୍ଯ୍ୟନ୍ତ ୧୯ ହଜାର ଟଙ୍କା ମହଙ୍ଗା ହୋଇଛି। ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନା ୧.୩୩ ଲକ୍ଷ ଟଙ୍କା ଉପରେ ଥିଲା, ଯାହା ଏବେ ୧.୫୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ରୁପାର ମୂଲ୍ୟକୁ ଯଦି ଆମେ ଦେଖିବା ଏଥିରେ ୪ ହଜାର ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି। ୩୧ ଡିସେମ୍ବର ୨୦୨୫ରେ ରୁପା କିଲୋଗ୍ରାମ ପ୍ରତି ୨.୩୦ ଲକ୍ଷ ଟଙ୍କା ଥିଲା, ଯାହା ଏବେ ୨.୩୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ଚଳିତ ବର୍ଷ ଜାନୁଆରୀ ମାସରେ ସୁନା ଓ ରୁପା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚି ଯାଇଥିଲା। ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦର ୨୯ ଜାନୁଆରୀରେ ୧.୭୬ ଲକ୍ଷ ଟଙ୍କା ହୋଇଯାଇଥିଲା। ରୁପା କେଜି ହୋଇଥିଲା ୩.୮୬ ଲକ୍ଷ ଟଙ୍କା ।



## ନୂଆ ୪-ଭାଲ୍‌ଭ ଇଞ୍ଜିନ୍ ସହ ଧମାଲ୍ କରିବ ପଲ୍‌ସର ଏନ୧୬୦

ନୂଆଦିଲ୍ଲୀ, ୧୧।୮: ଭାରତରେ ଯେତେବେଳେ ବଜେଟ୍ ଏବଂ ଆକର୍ଷଣୀୟ ଲୁକ୍ ଥିବା ବାଇକ୍ କଥା ଆସେ, ସେତେବେଳେ ବଜାଜ୍ ପଲ୍ସରର ନାଁ ପ୍ରଥମେ ଆସେ। କାରଣ ବଜାଜ୍ ପଲ୍ସର ଯୁବପିଢ଼ି ମଧ୍ୟରେ ବେଶ୍ ଲୋକପ୍ରିୟ। ଏହି ମଧ୍ୟରେ ପଲ୍ସରକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ବଜାଜ୍ ପୁଣିଥରେ ପଲ୍ସରକୁ ନୂଆ ଲୁକରେ ବଜାରକୁ ଆଣି ଟୁ-ହ୍ୱିଲର୍ ବଜାରରେ ଚର୍ଚ୍ଚା ସୃଷ୍ଟି କରିଛି। କମ୍ପାନୀ ନୂଆ ବଜାଜ୍ ପଲ୍ସର ଏନ୧୬୦କୁ ଦୁଇଟି ନୂଆ ଏବଂ ଦମଦାର ଭାରିଆଣ୍ଟ S ଓ SSରେ ବଜାରକୁ ଆଣିବାକୁ ଘୋଷଣା କରିଛି। ପଲ୍ସର ପ୍ରେମୀମାନେ ଦୀର୍ଘ ସମୟ ଧରି ଏହି ବାଇକର ନୂଆ ଅପଡେଟକୁ ଅପେକ୍ଷା କରିଥିଲେ ଏବଂ ଏବେ ବଜାଜ୍ ସେମାନଙ୍କ ଅପେକ୍ଷାକୁ ପୂରଣ କରିଛି।

ଏଥର କମ୍ପାନୀ ବାଇକରେ କେବଳ କସ୍ମେଟିକ୍ ପରିବର୍ତ୍ତନ କରିନାହିଁ ବରଂ ଏହାର ମେକାନିକାଲ୍ ସେଟଅପ୍ ଏବଂ ଇଞ୍ଜିନରେ ମଧ୍ୟ ବଡ଼ ପରିବର୍ତ୍ତନ କରିଛି। ବିଶେଷ କଥା ହେଉଛି, ଏବେ ଏଥିରେ ୪-ଭାଲ୍‌ଭ ଟେକ୍ନୋଲୋଜି ଥିବା ନୂଆ ଇଞ୍ଜିନ୍ ଦିଆଯାଇଛି, ଯାହା ପୂର୍ବ ଅପେକ୍ଷା ଅଧିକ ପାୱାର୍ ଏବଂ ଭଲ ମାଇଲେଜ୍ ଦେବ। ନୂଆ ପଲ୍ସର ଏନ୧୬୦ର ସବୁଠାରୁ ବଡ଼ ଅପଡେଟ୍ ହେଉଛି ଏଥିରେ ୪-ଭାଲ୍‌ଭ ଟେକ୍ନୋଲୋଜି ସହିତ ନୂଆ ଇଞ୍ଜିନ୍ ଦିଆଯାଇଛି। ପୁରୁଣା ୨-ଭାଲ୍‌ଭ ଇଞ୍ଜିନ୍ ମଧ୍ୟ ଭଲ ପ୍ରଦର୍ଶନ କରୁଥିଲା, କିନ୍ତୁ ନୂଆ ୪-ଭାଲ୍‌ଭ ସେଟଅପ୍ ଆସିବା ପରେ ବାଇକ୍‌ର ଟପ୍ ସ୍ପିଡ୍ ଏବଂ



ପିକଅପ୍‌ରେ ବଡ଼ ସୁଧାର ଦେଖିବାକୁ ମିଳିବ। ଏବେ ଏହି ବାଇକ୍ ହାଇ ସ୍ପିଡରେ ମଧ୍ୟ ବିନା ଝଟକା କିମ୍ବା ଅଧିକ ଭାଇବ୍ରେସନରେ ଅତ୍ୟନ୍ତ ସ୍ମୁଥ୍ ଭାବେ ଚାଲିବ। ଯଦି ଆପଣ ଦୀର୍ଘ ଯାତ୍ରା କରୁଛନ୍ତି କିମ୍ବା ହାଇୱେରେ ଅଧିକ ବେଗରେ କ୍ରୁଜ୍ କରିବାକୁ ପସନ୍ଦ କରନ୍ତି, ତେବେ ନୂଆ ଇଞ୍ଜିନ୍ ଆପଣଙ୍କୁ ନିରାଶ କରିବ ନାହିଁ। ରିଫାଇନମେଣ୍ଟ୍ ଦୃଷ୍ଟିରୁ ମଧ୍ୟ ବଜାଜ୍ ଏଥର ଭଲ କାମ କରିଛି, ଯାହା ଫଳରେ ରାଇଡିଂ ଅନୁଭୂତି ପୂର୍ବ ଅପେକ୍ଷା ଆହୁରି ଭଲ ହୋଇଛି। ଲୁକ୍ ଏବଂ ଡିଜାଇନ୍ କଥା କହିଲେ, ପଲ୍ସର ଏନ୧୬୦ ସବୁବେଳେ ଏହି ସେଗମେଣ୍ଟର ଷ୍ଟାଇଲିଶ୍ ବାଇକଗୁଡ଼ିକ ମଧ୍ୟରେ ଗଣାଯାଏ। ନୂଆ S ଏବଂ SS ଭାରିଆଣ୍ଟ୍‌ରେ କମ୍ପାନୀ କିଛି ନୂଆ କଲର୍ ଅପ୍ସନ୍ ଏବଂ ନୂଆ ଗ୍ରାଫିକ୍ସ ଯୋଡ଼ିଛି। ଏହା ବାଇକକୁ ରାସ୍ତାରେ ଏକ ଆକର୍ଷଣୀୟ ଏବଂ ମସ୍କୁଲାର୍ ଲୁକ୍ ଦେଇଥାଏ। ଏହାର ଫ୍ରଣ୍ଟରେ ସିଗ୍ନେଚର୍ LED ପ୍ରୋଜେକ୍ଟର୍ ହେଡଲାଇଟ୍ ସହିତ ଶାପ୍ର DRL ଦିଆଯାଇଛି। ବାଇକର ଟ୍ୟାଙ୍କ୍ କଟ୍ ଏବଂ ସାଇଡ୍ ପ୍ୟାନେଲ୍‌ଗୁଡ଼ିକ ଏହାକୁ ଏକ ଷ୍ଟ୍ରିଟ୍-ଫାଇଟର୍ ବାଇକ୍‌ର ଲୁକ୍ ଦେଇଥାଏ। ଆପଣ ଏହାକୁ ସହରର ଟ୍ରାଫିକ୍ ଭରା ରାସ୍ତାରେ ଚଲାନ୍ତୁ କିମ୍ବା ଖୋଲା ରାସ୍ତାରେ, ଏହାର ସ୍ପୋର୍ଟି ଲୁକ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ। ଆଜିର ସମୟରେ ପ୍ରତ୍ୟେକ ବାଇକ୍ ରାଇଡର୍ ମଜବୁତ ଇଞ୍ଜିନ୍ ସହିତ ଭଲ ଫିଚର୍ସ ମଧ୍ୟ ଚାହୁଁଛନ୍ତି। ଏହାକୁ ଧ୍ୟାନରେ ରଖି ବଜାଜ୍ ନୂଆ ପଲ୍ସର ଏନ୧୬୦ରେ ଅନେକ ଫିଚର୍ସ ଦେଇଛି। ଏଥିରେ ଫୁଲି ଡିଜିଟାଲ୍ ଇନ୍‌ଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର୍ ରହିଛି, ଯାହା ବ୍ଲୁଟୁଥ୍ କନେକ୍ଟିଭିଟିକୁ ସପୋର୍ଟ କରେ। ଏହା ମାଧ୍ୟମରେ ସ୍ମାର୍ଟଫୋନକୁ ବାଇକ୍ ସହିତ କନେକ୍ଟ କରି କଲ୍, ମେସେଜ୍ ଆଲର୍ଟ ଏବଂ ଟର୍ନ-ବାଇ-ଟର୍ନ ନେଭିଗେସନ୍‌ର ସୁବିଧା ପାଇପାରିବେ। ଏହା ବ୍ୟତୀତ ବାଇକରେ USB ଚାର୍ଜିଂ ପୋର୍ଟ ମଧ୍ୟ ଦିଆଯାଇଛି, ଯାହା ଫଳରେ ଯାତ୍ରା ସମୟରେ ଆପଣଙ୍କ ଫୋନ୍ ଡିସ୍ଚାର୍ଜ ହେବାର ଚିନ୍ତା ରହିବ ନାହିଁ। ସୁରକ୍ଷା ଦୃଷ୍ଟିରୁ ଏଥିରେ ଡୁଆଲ୍-ଚ୍ୟାନେଲ୍ ABS ଏବଂ ବିଭିନ୍ନ ରାଇଡିଂ ମୋଡ୍ ମଧ୍ୟ ଦିଆଯାଇଛି। ବଜାଜ୍ ନିଜ ଗ୍ରାହକଙ୍କ ଆବଶ୍ୟକତା ଏବଂ ବଜେଟକୁ ଧ୍ୟାନରେ ରଖି S ଏବଂ SS ନାମରେ ଦୁଇଟି ଭାରିଆଣ୍ଟ୍ ଆଣିଛି। S ଭାରିଆଣ୍ଟ୍ ସେହି ଲୋକମାନଙ୍କ ପାଇଁ ଭଲ ବିକଳ୍ପ, ଯେଉଁମାନେ କମ୍ ବଜେଟ୍‌ରେ ଏକ ଭଲ ୧୬୦cc ବାଇକ୍ ଚାହୁଁଛନ୍ତି। ଅନ୍ୟପକ୍ଷରେ, SS ଭାରିଆଣ୍ଟ୍ ସେହି ରାଇଡର୍‌ମାନଙ୍କ ପାଇଁ ରହିଛି, ଯେଉଁମାନେ ଟପ୍-ନଚ୍ ଫିଚର୍ସ ଏବଂ ଆଡଭାନ୍ସ ସେଫ୍ଟି ଚାହୁଁଛନ୍ତି।

ଦାମ୍ କଥା କହିଲେ, ବଜାଜ୍ S ଭାରିଆଣ୍ଟ୍‌ର ମୂଲ୍ୟ ୧,୩୩,୫୧୧ ଟଙ୍କା ଏବଂ SS ଭାରିଆଣ୍ଟ୍‌ର ମୂଲ୍ୟ ୧,୪୨,୫୮୫ ଟଙ୍କା ରଖିଛି। ଏହା ଦ୍ୱାରା ପଲ୍ସର ଏନ୧୬୦ ଏହାର ସେଗମେଣ୍ଟର ଅନ୍ୟ ବାଇକ୍ ଯେପରିକି TVS Apache RTR 160 4V ଏବଂ Hero Xtreme 160Rକୁ କଡ଼ା ଟକ୍କର ଦେଇପାରିବ। ଯଦି ଆପଣ ଏଭଳି ଏକ ବାଇକ୍ ଖୋଜୁଛନ୍ତି, ଯେଉଁଥିରେ ଷ୍ଟାଇଲ୍, ପାୱାର୍, ନୂଆ ଫିଚର୍ସ ସବୁକିଛି ଏକାଠି ମିଳିବ, ତେବେ ପଲ୍ସର ଏନ୧୬୦ର ଏହି ନୂଆ ମଡେଲ୍ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ ହୋଇପାରିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୫,୯୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

### ଅବ୍ୟବସ୍ଥା ଘେରରେ କେଶଦୁରାପାଳ ହସ୍ପିଟାଲର

# ଛାତରୁ ଖସୁଛି ପ୍ଲାଷ୍ଟର, ଜମୁଛି ବର୍ଷା ପାଣି

## ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ଔଷଧ




**ଆନନ୍ଦପୁର, ୧୧।୮ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟକେନ୍ଦ୍ର ନା ମରଣଯନ୍ତ୍ର? ଛାତରୁ ଖସୁଛି ପ୍ଲାଷ୍ଟର, ଓପିଡି ହଲ୍‌ରେ ଜମୁଛି ବର୍ଷା ପାଣି। ପାଣିକୁ ଖାତିର ନକରି ରୋଗୀ ଦେଖୁଛନ୍ତି ଡାକ୍ତର। ଏପଟେ ନିରାମୟ ଔଷଧ ଷ୍ଟୋର ରୁମ୍‌ରେ ବି ସମାନ ସ୍ଥିତି, ଛାତରୁ ପାଣି ପଡ଼ି ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ଔଷଧ! ଏଭଳି ଅବସ୍ଥାରେ କେମିତି ମିଳିବ ଉତ୍ତମ ସ୍ୱାସ୍ଥ୍ୟସେବା? କେବେ ପଡ଼ିବ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନଜର?

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅଧୀନ ଘଷିପୁରା ବ୍ଲକ୍‌ର କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ନିର୍ଭର କରନ୍ତି। କିନ୍ତୁ ଏଠାରେ ରୋଗୀଙ୍କୁ ଚିକିତ୍ସା ମିଳିବା ତ ଦୂରର କଥା, ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ହିଁ ଏବେ ରୋଗୀଙ୍କ ଚିନ୍ତା ବଢ଼ାଇଛି। ଲଗାଣ ବର୍ଷା ହେଲେ ହସ୍ପିଟାଲ ଛାତରୁ ଖସୁଛି ପ୍ଲାଷ୍ଟର। ଓପିଡି ହଲ୍‌ରେ ପଶୁଛି ବର୍ଷା ପାଣି। ପାଣି ଜମିଥିଲେ ବି ରୋଗୀ ଦେଖିବା ବନ୍ଦ କରୁନାହାନ୍ତି ଡାକ୍ତର।

କିନ୍ତୁ ସମସ୍ୟା ଏତିକିରେ ସରିନାହିଁ, ନିରାମୟ ଔଷଧ ଷ୍ଟୋର ରୁମ୍‌ର ଛାତରୁ ମଧ୍ୟ ଖସୁଛି ପ୍ଲାଷ୍ଟର। ଛାତରୁ ପାଣି ପଡ଼ିବା ଯୋଗୁଁ ଔଷଧ ରଖାଯାଇଥିବା ସ୍ଥାନରେ ସୃଷ୍ଟି ହେଉଛି ଅସୁରକ୍ଷିତ ପରିବେଶ। ଫଳରେ ଲକ୍ଷାଧିକ ଟଙ୍କାର ଔଷଧ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଯେଉଁ ଔଷଧ ଗରିବ ଓ ଅସହାୟ ରୋଗୀଙ୍କ ଜୀବନ ବଞ୍ଚାଇବାରେ କାମରେ ଆସିଥାନ୍ତା, ସେହି ଔଷଧ ଯଦି ହସ୍ପିଟାଲ ଛାତରୁ ପଡୁଥିବା ପାଣିରେ ନଷ୍ଟ ହୁଏ, ତେବେ ଏହାର ଦାୟିତ୍ୱ କାହାର? ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଦୁର୍ବଳ ଭିତ୍ତିଭୂମି ମଧ୍ୟରେ ରୋଗୀ ସେବା କେତେ ସୁରକ୍ଷିତ, ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ।

ସାଧାରଣ ଲୋକଙ୍କ ଦାବି, ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଛାତ ଓ ଭିତ୍ତିଭୂମି ମରାମତି କରାଯାଉ। ସେହିପରି ନଷ୍ଟ ହେଉଥିବା ଔଷଧର ତଦନ୍ତ କରାଯାଇ, ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯାଉ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କେବେ ଭାଙ୍ଗିବ ନିଦ? କେବେ ମିଳିବ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସୁରକ୍ଷିତ ସ୍ୱାସ୍ଥ୍ୟସେବା? ତାହା ଦେଖିବାକୁ ବାକି ରହିଲା।

## ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଉସ୍କାଲବାଗ ଗ୍ରାମରେ ଆମ ପୁଲିସ ସମିତି ବୈଠକ



**ମାଲକାନଗିରି, ୧୧।୮ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ପଡିଆ ପୋଲିସ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ନିଳିଗୁଡା ପଞ୍ଚାୟତର ଉସ୍କାଲବାଗ ଗ୍ରାମରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ କରାଯାଇଥିଲା।

ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ଅଞ୍ଚଳରେ ଦେଶୀ ମଦର ବ୍ୟବହାରକୁ ବାରଣ, ପାରିବାରିକ ଗଣ୍ଡଗୋଳର ଆପୋଷ ବୁଝାମଣା, ସାଇବର ଅପରାଧରୁ ନିବୃତ ରହିବା, ବାହ୍ୟ ପ୍ରଲୋଭନରୁ ନିବୃତ ରହିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବୁଦୁରା କାର୍ଡାମୀ, ପଡିଆ ଥାନାର ଏଏସଆଇ ଅନିଲ କୁମାର ମିଶ୍ର ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ।

## ଯୌତୁକ ପ୍ରଥା ନିଷେଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ମାଲକାନଗିରି, ୧୧।୮ (ସଂଚାର ବ୍ୟୁରୋ):** ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ମାଲକାନଗିରିଙ୍କ ଅନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୌତୁକ ପ୍ରଥା ନିଷେଧ ଆଇନ, ୧୯୬୧ ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଯାଇଛି। ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୌତୁକ ପ୍ରଥା ନିଷେଧ ଆଇନ, ୧୯୬୧ର ପ୍ରମୁଖ ବ୍ୟବସ୍ଥା, ଯୌତୁକ ଦେବା, ନେବା ଓ ଦାବି କରିବାର ଆଇନଗତ ପରିଣାମ, ଯୌତୁକ ପ୍ରଥା ନିରାକରଣ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ, ଯୌତୁକ ପ୍ରଥା ସମ୍ବନ୍ଧୀୟ ଅଭିଯୋଗର ପ୍ରକ୍ରିୟା, ଆଇନଗତ ସହାୟତା ଏବଂ ବିବାହ ପଞ୍ଜୀକରଣ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ଯୌତୁକ ପ୍ରଥା ମୁକ୍ତ ସମାଜ ଗଠନରେ ପୋଲିସ, ଶିକ୍ଷାନୁଷ୍ଠାନ, ଧାର୍ମିକ ନେତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମାଜିକ ସଂଗଠନଗୁଡ଼ିକର ସକ୍ରିୟ ଭୂମିକା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରେ ଜିଲ୍ଲାର ବିଭିନ୍ନ ସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ଓ ସାମାଜିକ ସଂଗଠନର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

## ଗ୍ରାମ୍ୟ ଜଳଯୋଗାଣ ନେଇ ଜିଲ୍ଲାପାଳଙ୍କ ବୈଠକ



**ସୁନ୍ଦରଗଡ଼, ୧୧।୮ (ସଂଚାର ବ୍ୟୁରୋ):** ଆଜି ସଦଭାବନା ଭବନଠାରେ ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯିବା ସହ ବିଭିନ୍ନ ବିଭାଗ ମଧ୍ୟରେ ଥିବା ସମସ୍ୟାର ତୁରନ୍ତ ସମାଧାନ କରି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### କ୍ରାନ୍ତି ଦିବସରେ ଭିଟାମାଟି ସୁରକ୍ଷା କମିଟିର ସଂକଳ୍ପ ସମାବେଶ

## ବନ୍ଦର-ପେଟ୍ରୋ କେମିକାଲ ପ୍ଲାଣ୍ଟ କରେଇ ଦେବୁ ନାହିଁ




**ବାଲିଆପାଳ, ୧୧।୮ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟ ବିରୋଧରେ ଆନ୍ଦୋଳନ ଥମିବାର ନାଁ ଧରୁନି। ଯେତେ ସମୟ ଗଡି ଯାଉଛି ଭିଟାମାଟି ସୁରକ୍ଷା କମିଟିର ଆହ୍ୱାନରେ ସେତେ ସେତେ ଆନ୍ଦୋଳନ ତେଜିବାରେ ଲାଗିଛି।

କ୍ରାନ୍ତି ଦିବସ ଅବସରରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ଆହ୍ୱାନ କ୍ରମେ ବାଲିବିଲ ହାଟ ପଡିଆରେ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ପଞ୍ଚାୟତର ଶହ ଶହ ମହିଳା ପୁରୁଷ ଯୋଗଦେଇ ଜୀବନର ଶେଷ ରକ୍ତ ବିନ୍ଦୁଥିବା ଯାଏ ବନ୍ଦର ଓପେଟ୍ରୋ କେମିକାଲ ପ୍ଲାଣ୍ଟ କରେଇ ଦେବୁ ନାହିଁ ବୋଲି ଶପଥ ନେଇଛନ୍ତି। ଏହି ଅବସରରେ ଉଗରା ବଡ଼ ଗୁମୁଟି ଛକରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବାଲିବିଲ ହାଟ ପଡ଼ିଆରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭହୋଇଥିଲା। ଭିଟାମାଟି ସୁରକ୍ଷା କମିଟି ଆବାହକ ଶ୍ରୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାବେଶରେ ବସ୍ତା ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ବିଜନ ନାୟକ, ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଘାଟି ଆନ୍ଦୋଳନର ସଂଗ୍ରାମୀ ସଦସ୍ୟ କୁଶଧ୍ୱଜ ଜେନା, ଭିଟାମାଟି ସୁରକ୍ଷା କମିଟିର ସଂଯୋଜକ ଅନୁଜ କୁମାର ମାହାପାତ୍ର, ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ମାୟାଧର କୁଲ୍ଲାରୀ, ସିପିଆଇ (ଏମ) ନେତା ମୃତ୍ୟୁଞ୍ଜୟ ରାଉତ, ବିଜେଡି ନେତା ମହେନ୍ଦ୍ର ବିଶ୍ୱାଳ, ଏସୟୁସିଆଇ ନେତା ନିରାକାର ପଣ୍ଡା, ବାଇନ ଦଲାଇ, ହର ପ୍ରସାଦ ମହାନ୍ତି, କମିଟିର ସଦସ୍ୟ ଅନୁପମ ମହାନ୍ତି, ବିଜୟ ନାୟକଙ୍କ ସହିତ ବହୁ ବରେଣ୍ୟ ନେତୃମଣ୍ଡଳୀ ଯୋଗଦେଇ ଉପକୂଳ ୬ଟି ପଞ୍ଚାୟତର ଲୋକଙ୍କୁ ଭିଟାମାଟି ଆନ୍ଦୋଳନ ପାଇଁ ନିଜକୁ ଜଣେ ଜଣେ ସୁଦକ୍ଷ ଯୋଦ୍ଧା ଭଳି ପ୍ରସ୍ତୁତ ରଖିବାକୁ ଆହ୍ୱାନ ଦେଇଥିଲେ।

ଏହି ଆହ୍ୱାନରେ ସେଦିନ କ୍ରାନ୍ତି ଦିବସରେ ଯେମିତି ବ୍ରିଟିଶ ତୁମେ ଭାରତ ଛାଡର ନାରା ପ୍ରକମ୍ପିତ ହେଉଥିଲା ସେହିପରି ସଭାସ୍ଥଳରେ ଉପସ୍ଥିତ ଶହ ଶହ ମହିଳା ପୁରୁଷଙ୍କ କମ୍ପାନୀ ତୁମେ ବାଲିଆପାଳ ଛାଡର ନାରାରେ ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହୋଇ ଉଠିଥିଲା।

### ନିପଟ ମଫସଲରୁ ସଫଳତାର ଯାତ୍ରା

## ଚାଷୀ ଘରର ପୁଅ ବନିଲେ ଇଞ୍ଜିନିୟର



**ନାରାୟଣପାଟଣା, ୧୧।୮ (ସଂଚାର ବ୍ୟୁରୋ):** ଦୁର୍ଗମ ପାହାଡ଼ିଆ ଅଞ୍ଚଳ, ସୀମିତ ସୁଯୋଗ ଓ ଆର୍ଥିକ ଅଭାବ— ଏସବୁ କେବେ ବି ତାଙ୍କ ସ୍ୱପ୍ନର ବାଟ ଓଗାଳି ପାରିନଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ପରିଶ୍ରମ ଓ ବାପା-ମାଆଙ୍କ ତ୍ୟାଗକୁ ପାଥେୟ କରି ଦୁର୍ଗମ ଗାଁରୁ ସହରକୁ ଯାଇ ପାଠ ପଢ଼ି ଆଜି ଜଣେ ଯୁବ ଇଞ୍ଜିନିୟର ଭାବେ ସଫଳତା ହାସଲ କରିଛନ୍ତି ପ୍ରଫୁଲ୍ଲ ତାଡ଼ିଂ। ତାଙ୍କ ସଫଳତା ଏବେ ଅଞ୍ଚଳର ଅନେକ ଯୁବପିଢ଼ି ପାଇଁ ପ୍ରେରଣା ପାଲଟିଛି।

କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ତଳଗୁମାଣ୍ଡି ପଞ୍ଚାୟତର ଉପାନ୍ତ ତଥା ଦୁର୍ଗମ ଗାଁ ବାରୀର ପୁଅ ପ୍ରଫୁଲ୍ଲ। ବାପା ମୁକୁନା ତାଡ଼ିଂ ଜଣେ ସାନ ଚାଷୀ। ମାଆ ଦିନମଜୁରି କରି ପରିବାର ଚଳାଇବା ସହ ପୁଅର ପାଠପଢ଼ାରେ ସହଯୋଗ କରୁଥିଲେ। ଅଭାବ ଭିତରେ ମଧ୍ୟ ପୁଅର ଆଖିରେ ଥିବା ବଡ଼ ସ୍ୱପ୍ନକୁ ବାପା-ମାଆ କେବେ ଛୋଟ ହେବାକୁ ଦେଇନଥିଲେ।

ମୁଣ୍ଡର ଝାଳ ତୁଣ୍ଡରେ ମାରି ବାପା ଚାଷ କରୁଥିଲେ, ମାଆ ଦିନମଜୁରି କରୁଥିଲେ। ନିଜ ଆବଶ୍ୟକତାକୁ ପଛକୁ ରଖି ପୁଅର ପାଠପଢ଼ା ପାଇଁ ଅର୍ଥ ଯୋଗାଡ଼ କରୁଥିଲେ। ଗାଁରେ ଉଚ୍ଚଶିକ୍ଷାର ସୁଯୋଗ ସୀମିତ ଥିବାରୁ ପ୍ରଫୁଲ୍ଲଙ୍କୁ ସହରକୁ ଯାଇ ପାଠ ପଢ଼ିବାକୁ ପଡ଼ିଥିଲା। ନୂଆ ପରିବେଶ, ଆର୍ଥିକ ସମସ୍ୟା ଓ ଅନେକ ପ୍ରତିବନ୍ଧକ ସତ୍ତ୍ୱେ ସେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ।

କଠିନ ପରିଶ୍ରମର ଫଳ ମଧ୍ୟ ମିଳିଲା। ଶିକ୍ଷା ସମାପ୍ତ କରି ଆଜି ସେ ଜଣେ ଯୁବ ଇଞ୍ଜିନିୟର ଭାବେ ନିଯୁକ୍ତି ସୁଯୋଗ ପାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ନିଯୁକ୍ତି ମେଳାରେ ପ୍ରଫୁଲ୍ଲଙ୍କ ହାତରେ ନିଯୁକ୍ତି ପତ୍ର ଧରାଯିବା ମୁହୂର୍ତ୍ତଟି ତାଙ୍କ ପରିବାର ପାଇଁ ନିଶ୍ଚିତ ଭାବେ ଗର୍ବର ମୁହୂର୍ତ୍ତ ଥିଲା।

ଦିନେ ଯେଉଁ ମାଆ ଅନ୍ୟର ଘରେ ଓ ଜମିରେ ଦିନମଜୁରି କରି ପୁଅର ଭବିଷ୍ୟତ ଗଢ଼ିବାକୁ ଶ୍ରମ କରୁଥିଲେ, ଆଜି ସେହି ମାଆଙ୍କ ପୁଅ ନିଜ ଯୋଗ୍ୟତା ବଳରେ ଇଞ୍ଜିନିୟର ହୋଇଛନ୍ତି। ସାନ ଚାଷୀ ବାପାଙ୍କ ଘରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ନୂଆ ଏକ ପରିଚୟ ଦେଇଛି।

## ଅମୃତୀୟା ପଞ୍ଚାୟତରେ ଫଳ ଚାରାରୋପଣ କାର୍ଯ୍ୟକ୍ରମ

**କୋରେଇ, ୧୧।୮ (ସଂଚାର ବ୍ୟୁରୋ):** କୋରେଇ ବିଧାୟକ ଆକାଶ ଦାସନାୟକ ଶୁଭାରମ୍ଭ କରିଥିବା "ମା ପାଇଁ ଗଛଟିଏ" କାର୍ଯ୍ୟକ୍ରମ ଅଭିଯାନ ଆଜି କୋରେଇ ବ୍ଲକ ଅନ୍ତର୍ଗତ ଅମୃତୀୟା ପଂଚାୟତର ଜଣାଶୁଣା ବିଜେପି ନେତା ପ୍ରକାଶ ଧଳ'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବ୍ୟାପକ ଫଳ ଚାରାରୋପଣ କରାଯାଇଛି। ଏଠାକାର ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଚାରାରୋପଣ ଓ ତାର ଯତ୍ନ ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କର ସହଯୋଗ ଲୋଡି ଏଭଳି ପ୍ରୟାସ ଆଗାମୀ ଭବିଷ୍ୟତ ଓ ପିଢ଼ି ପାଇଁ କେତେ ମୂଲ୍ୟବାନ ତାହା ବୁଝାଇଥିଲେ। କୋରେଇ ବିଜେପି ନେତା ଶ୍ରୀଧଳ ପରିବେଶ ସୁରକ୍ଷା ପାଇଁ ବିଧାୟକଙ୍କ ଦ୍ୱାରା ଚାଲିଥିବା ଏପରି ମହତ କାର୍ଯ୍ୟ ନିମନ୍ତେ ବିଜେପିର ସମସ୍ତ ସଭ୍ୟମାନଙ୍କୁ ସାଧୁବାଦ ଓ ପ୍ରଶଂସା କରିଥିଲେ । ଏହି ଚାରାରୋପଣ କାର୍ଯ୍ୟକ୍ରମରେ ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ଫଳ ଚାରା ପଂଚାୟତର ଜନସାଧାରଣ ମାନଙ୍କୁ ପ୍ରଦାନ କରାଯାଇଥିଲା।



### ମୟୂର ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ

## ସାହିତ୍ୟ ବାସ୍ତବର କଥା କହେ




**ବେତନଟୀ, ୧୧।୮ (ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାର ସ୍ୱନାମଧନ୍ୟ ସାରସ୍ୱତ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ, ବେତନଟୀର ୩୧ତମ ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ଏମ୍. ପି. ସି. ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ସଂପାଦିତ ଏହି କାର୍ଯ୍ୟକ୍ରମକୁ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ କୁମାର ସିଂ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । କବୟିତ୍ରୀ ଡ. ମନ୍ଦାକିନୀ ସାହୁ ଏହି ଅବସରରେ ବେଦପାଠ କରିଥିଲେ। ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତର ଗାନ ସହିତ ପ୍ରଥମ ଅଧିବେଶନ କବିମାନଙ୍କର ସ୍ୱରଚିତ କବିତା ପାଠ ଆରମ୍ଭ ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ଆସିଥିବା କବି କବୟିତ୍ରୀ ଗଣ ସ୍ୱରଚିତ କବିତା ପାଠ କରିଥିଲେ । କବିତା ଗୁଡିକର ସଂଯୋଜନା କରିଥିଲେ କବୟିତ୍ରୀ ସବିତା ମହାନ୍ତି ଓ କବି ତାନଶ୍ରୀ ପାଣିଗ୍ରାହୀ ।

୨ୟ ପର୍ଯ୍ୟାୟରେ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ ସଂସଦର ଯୁଗ୍ମ ସଂପାଦକ କବି ରତିକାନ୍ତ ବେହେରା। ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା । ଉକ୍ତ ଅଧିବେଶନରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଦ୍ୱିବେଦୀ ଅଧ୍ୟକ୍ଷତା କରି ପ୍ରାରମ୍ଭରେ ସଂସଦର ଗୌରବମୟ କାର୍ଯ୍ୟକାରିତା ସଂପର୍କରେ ସୂଚନା ପ୍ରଦାନ କରିଥିଲାବେଳେ ସଂସଦର ସାଧାରଣ ସମ୍ପାଦକ ନୀରଦ ସୁନ୍ଦର ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଗବେଷକ ଭୂମିପୁତ୍ର ଡ. ମୋହିତ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଡଃ. ରମାକାନ୍ତ ସିଂହ ଓ ସମ୍ମାନିତ ବକ୍ତା ଭାବରେ ବି.ବି.ମହାବିଦ୍ୟାଳୟର ଓଡ଼ିଆ ଭାଷା ବିଭାଗର ଅଧ୍ୟାପିକା ଜୟଶ୍ରୀ ଦାଶ ଯୋଗଦାନ କରି ସାହିତ୍ୟ ସୃଷ୍ଟି ବୟସ କି ସମୟର ଅପେକ୍ଷା କରେ ନାହିଁ ଏବଂ ସାହିତ୍ୟ ବାସ୍ତବର କଥା କରେ ବୋଲି ଅଭିମତ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସଦର ବାର୍ଷିକ ମୁଖପତ୍ର 'ବନମୟୂରୀ' ଲୋକାର୍ପିତ ହେବା ସହିତ ଯୁବ କବି ପ୍ରିୟନାଥ ପାଣିଙ୍କର କବିତା ସଂକଳନ 'ନିଜଠୁ ନିଜର' ଏବଂ କବି ପ୍ରଭାକର ସାହୁଙ୍କ କବିତା ସଂକଳନ 'ବଣମଲ୍ଲୀ' ଉନ୍ମୋଚିତ ହୋଇଥିଲା । ଏ ବର୍ଷ ସଂସଦ ଲତାସା ଖୁରାନାଙ୍କୁ ବନମୟୂରୀ ସମ୍ମାନ , ନିମାଇଁ ଚରଣ ବେହେରାଙ୍କୁ ମୟୂର ସାରସ୍ୱତ ସମ୍ମାନ, ସବିତା ମହାନ୍ତିଙ୍କୁ ମୟୂର ନାରୀଶ୍ରୀ ସମ୍ମାନ, ତାନଶ୍ରୀ ପାଣିଗ୍ରାହୀଙ୍କୁ ମୟୂର କବିଶ୍ରୀ ସମ୍ମାନ ଓ ଭାସ୍ୱତୀ ପଣ୍ଡାଙ୍କୁ ରାଧାନାଥ ଖଟୁଆ ସ୍ମୃତି ମୟୂର ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କର୍ମଶାଳା




**ଖୋର୍ଦ୍ଧା, ୧୧।୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଖୋର୍ଦ୍ଧାର ଆୟୋଜନରେ ଆଜି ବିଜେବି ହାଇସ୍କୁଲ, ଖୋର୍ଦ୍ଧାଠାରେ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉପଲକ୍ଷେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଓ ରଶ୍ମିବାଳା ପରିଡ଼ା, ଏବଂ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ସରୋଜ କୁମାର ସିଂହ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେ ଚଳିତ ବର୍ଷର ମୁଖ୍ୟ ବିଷୟ ବସ୍ତୁ 'ନିରନ୍ତରତା ନିମନ୍ତେ ବିଜ୍ଞାନ ଓ ନବସୃଜନ' ଓ ୫ ଟି ଉପ ବିଷୟ ବସ୍ତୁକୁ ଆଲୋଚନା କରିଥିଲେ । ଶ୍ରୀ ବେହେରା ନିଜ ବକ୍ତବ୍ୟ ରେ ବିଜ୍ଞାନ ଶିକ୍ଷକ କିପରି ବିଦ୍ୟାଳୟର ମେରୁଦଣ୍ଡ ଏବଂ ସେମାନଙ୍କର ପ୍ରୟାସରେ କିପରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରେ ସେ ବିଷୟରେ କହିଥିଲେ । ଶ୍ରୀମତୀ ପରିଡ଼ା ତାଙ୍କ ବକ୍ତବ୍ୟରେ କିପରି ଉନ୍ନତ ମାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରସ୍ତୁତ କରିପାରିବେ ଓ ତାହା କିପରି ରାଜ୍ୟ ସ୍ତରୀୟ ତଥା ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରିବ ସେ ବିଷୟରେ ମତ ପ୍ରକାଶ କରିଥିଲେ ।

କର୍ମଶାଳାରେ ସମ୍ବଳ ଶିକ୍ଷକ ଭାବେ ଚନ୍ଦକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଜିଲ୍ଲା ଏକାଡେମୀକ କୋଡିନେଟର ବିଭୁ ପ୍ରସାଦ ସେନାପତି ପ୍ରକଳ୍ପ ପ୍ରସ୍ତୁତିର ବିଭିନ୍ନ ପଦ୍ଧତି ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ । ଅନ୍ୟତମ ସମ୍ବଳ ଶିକ୍ଷକ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟ, ହରିପୁର ପ୍ରଧାନଶିକ୍ଷକ ଗୋପୀନାଥ ପ୍ରଧାନ ସମସ୍ତ ଉପ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ । ଅପରାହ୍ନ ରେ ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଆଇ ଆର୍ ସି ଭିଲେଜର ବିଜ୍ଞାନ ଶିକ୍ଷକ ତୋଫାନ କୁମାର ରାଉତରାୟ ପିପିଟି ଯୋଗେ କେତେ ଗୁଡିଏ ପ୍ରକଳ୍ପର ଉଦାହରଣ ଉପସ୍ଥାପନା କରିଥିଲେ। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଚଳିତ ବର୍ଷର ବିଷୟବସ୍ତୁ, ପ୍ରକଳ୍ପ ପ୍ରସ୍ତୁତି, ଗବେଷଣା ପଦ୍ଧତି, ମୂଲ୍ୟାୟନ ମାନଦଣ୍ଡ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଏବଂ ନୋଡାଲ ବିଦ୍ୟାଳୟର ବହୁ ସଂଖ୍ୟକ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ କର୍ମଶାଳାରୁ ଉପକୃତ ହୋଇଥିଲେ। ପ୍ରଶ୍ନୋତ୍ତର ପର୍ବ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କ ବିଭିନ୍ନ ସନ୍ଦେହର ସମାଧାନ କରାଯାଇଥିଲା।

### ମିଛ ପ୍ରତିଶ୍ରୁତି ଦେଇ ଠକୁଛି ରୁଙ୍ଗଟା କମ୍ପାନି

## ୪୦ ଶ୍ରମିକଙ୍କୁ ବିନା କାରଣରେ ଛଟେଇ ଅଭିଯୋଗ



**ଢେଙ୍କାନାଳ, ୧୧।୮ (ସଂଚାର ବ୍ୟୁରୋ):** ଝାଡିବନ୍ଧ ଗ୍ରାମସ୍ଥିତ ରୁଙ୍ଗ୍ ମାଇନ୍ସ ଲିମିଟେଡ୍‌ର ଏକ ଘରୋଇ ଠିକା ସଂସ୍ଥା ପବନ ଇଣ୍ଡଷ୍ଟ୍ରିଆଲ୍ ଅଧୀନରେ ୨/୩ ବର୍ଷ ଧରି କାମ କରୁଥିବା କିଛି ଶ୍ରମିକଙ୍କୁ ଛଟେଇ କରିଥିବାରୁ ଶ୍ରମିକମାନେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।

ପ୍ରକାଶଥାଉକି, ଗତ ତା.୦୯.ରିଖ ଦିନ ଠିକାସଂସ୍ଥା କାମ ନେଇଥିବା ରୁଲିଙ୍ଗ୍ ମିଲ୍-୧ର ଟିଏମ୍‌ଟି ଷ୍ଟକ୍ ୟାର୍ଡରେ ୨ଜଣ ସୁପରଭାଇଜରଙ୍କ ସଂପୃକ୍ତି ଦ୍ୱାରା ଏକ ରଡ୍ ଗାଡି ଚୋରି ହୋଇଥିଲା। ଗାଡିଟି ବିନା ଚାଲାଣରେ ଯାଉଥିବାରୁ ଗେଟ୍‌ରେ ଧରାପଡିବା ପରେ ଉକ୍ତ ଦୁଇ ସୁପରଭାଇଜର କେଉଁଆଡେ ପଳାଇଯାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସେ ଦୁଇଜଣଙ୍କୁ ବାଲିମୀ ଥାନା ଜିମା ଦେଇଛନ୍ତି। କିନ୍ତୁ ଅନ୍ୟ ସମସ୍ତ କର୍ମଚାରୀମାନଙ୍କୁ ଏଚ୍.ଆର୍. ଅଫିସ୍‌ଙ୍କୁ ଡକାଯାଇ ଠିକା କର୍ମଚାରୀମାନଙ୍କର ବକେୟା ଦରମା ଟଙ୍କା ପ୍ରଦାନ କରି ଏକ ସ-ଘୋଷଣା ନାମ କାଗଜରେ ବଳପୂର୍ବକ ହସ୍ତାକ୍ଷର ନେଇଯାଇଥିଲେ ଏବଂ କୌଣସି ଆଇନ୍ଗତ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଚେତାବନୀ ଦେଇଥିଲେ। ଏହି ସ-ଘୋଷଣାନାମର ଏକକିତା ନକଲ ଦେବାକୁ ମନା କରିଦେଇଥିଲେ । ଉକ୍ତ କର୍ମଚାରୀମାନେ ଚୋରିରେ ସଂପୃକ୍ତ ନାହାଁନ୍ତି। ଏହି ଛଟେଇ ହୋଇଥିବାରୁ ଠିକା କର୍ମଚାରୀମାନଙ୍କ ପରିବାର ବହୁତ ଆର୍ଥିକ ସଂକଟରେ ଅଛନ୍ତି । ଏଣୁ ଉକ୍ତ ଘଟଣାକୁ ତର୍ଜମା କରି ଠିକା କର୍ମଚାରୀମାନଙ୍କୁ ପନଃ ଥଇଥାନ ନିମନ୍ତେ ଜିଲ୍ଲାପାଳ ଓ ଶ୍ରମ ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଯଦି ପୁନଃ ଥଇଥାନ ନହୁଏ ତେବେ ରୁଙ୍ଗଟା କମ୍ପାନୀ ଫାଟକ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଠିକା କର୍ମଚାରୀମାନେ ପତ୍ରରେ ଦର୍ଶାଇଛନ୍ତି ।

# ସାର ଓ କୀଟନାଶକର ଦାମ ଆକାଶଛୁଆଁ

## କଳାବଜାରୀ ଆଉ ଅଭାବୀ ମାଡ଼ରେ ପେଷିହେଉଛନ୍ତି ଚାଷୀ



**କାକଟପୁର/ଅସ୍ତରଙ୍ଗ, ୧୧।୮ (ସଂଚାର ବ୍ୟୁରୋ):** ଯେଉଁ ମାଟି ଆମକୁ ଖାଇବା ଦେଇଥାଏ, ସେହି ମାଟିକୁ ଚାଷ କରୁଥିବା ହାତ ଆଜି ଋଣ ଭାରରେ କମ୍ପୁଛି । ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଅଧୀନ ଓଳଙ୍ଗର, ଓସ୍ତପୁର, ଖଣ୍ଡାସାହି, ବେଗୁନିଆବସ୍ତ, ଝାରିଆ - ଏ ଅଞ୍ଚଳକୁ ଲୋକେ "ପନିପରିବାର ଭଣ୍ଡାର" କୁହନ୍ତି। ଏଠାର ବାଇଗଣ, ପୋଟଳ, କଲରା, ଟମାଟୋ ପୁରୀ-କଟକ-ଜଗତସିଂହପୁର ବଜାର ଯୋଗାଣ ହୋଇଥାଏ ।

କିନ୍ତୁ ଚଳିତ ଖରିଫରେ ସେହି ଭଣ୍ଡାରରେ ଭୋକ ଲାଗିଛି। କାରଣ ଗୋଟିଏ ପଟେ ସାର ଓ କୀଟନାଶକର ଦାମ ଆକାଶ ଛୁଇଁଲାଣି, ଅନ୍ୟ ପଟେ ବଜାରରେ ପରିବାର ଦର ସେମିତି ରହିଛି। ମଝିରେ ପେଷିହେଉଛନ୍ତି ଚାଷୀ।

ଗତବର୍ଷ ଯେଉଁ ଡିଏପି ବସ୍ତା ୧୩ଶହ ଟଙ୍କାରେ ମିଳୁଥିଲା, ତାହା ବର୍ତ୍ତମାନ ୨ହଜାର ଟଙ୍କା। ଗ୍ରୋମର ୧୭ଶହ ରୁ ୨୮ଶହ , ୟୁରିଆ ୫ଶହ ରୁ ୮ଶହ , ପଟାସ ୧୫ଶହ ରୁ ୨୩ଶହ ଟଙ୍କା ହୋଇଛି। କୀଟନାଶକର ଦାମ ବି ଦୁଇ ଗୁଣା। ଫଳରେ ଏକର ପିଛା ଚାଷ ଖର୍ଚ୍ଚ ୪୦ରୁ ୫୦ ହଜାରରୁ ସିଧା ଏକ ଲକ୍ଷ ଟଙ୍କା ଟପିଲାଣି।

କିନ୍ତୁ ବଜାରରେ ବାଇଗଣ କେଜି ୩୦ରୁ ୪୦ଟଙ୍କା, ପୋଟଳ ଶ୍ରାବଣ ପାଇଁ ୬୦ଟଙ୍କା। ଖର୍ଚ୍ଚ ଡବଲ, ଆୟ ଅଧା। ଚାଷୀଙ୍କ ହିସାବରେ ଏବର୍ଷ ପ୍ରତି ଏକରେ ୩୦ରୁ ୪୦ ହଜାର ଟଙ୍କା କ୍ଷତି।

ସମସ୍ୟା କେବଳ ଦାମ ନୁହେଁ, ଅଭାବ ବି। ସମବାୟ ସମିତି ଆଉ ସରକାରୀ କେନ୍ଦ୍ରରେ ସାର ମିଳୁନି। ଯେତେବେଳେ ମିଳୁଛି ଲାଇନରେ ଛିଡା ହୋଇ ୨ ବସ୍ତାରୁ ଅଧିକ ମିଳୁନି। କିନ୍ତୁ ଗତ ବର୍ଷ କେନ୍ଦ୍ରାପଟି ସମବାୟ ମିଳିଥିଲା, ଚଳିତ ସାର କେଉଁ ସମବାୟ ରେ ନାହିଁ,ସୁଯୋଗ ନେଉଛନ୍ତି କଳାବଜାରୀ। ଖୋଲା ବଜାର ରେ ଡିଏପି ପାଖାପାଖି ୨୨ଶହ ଟଙ୍କାରେ ବିକ୍ରି ହେଉଛି। ବାଧ୍ୟ ହୋଇ ଚାଷୀ ଅଧିକ ଟଙ୍କା ଦେଇ କିଣୁଛନ୍ତି ।

ଉପରୁ ପୁଣି ଉନ୍ନତ ବିହନ ଅଭାବ, ବିଜୁଳି କାଟ , ଆଉ ରାତିରେ ଅନେକ ସମୟରେ ବାରହାଙ୍କ ଉପଦ୍ରବ। ଓଳଙ୍ଗରରୁ ଝାରିଆ ପର୍ଯ୍ୟନ୍ତ ଶତାଧିକ ପରିବା ଚାଷୀ ଏବେ ମହାଜନଙ୍କ ଆଗରେ ହାତ ପାତିବାକୁ ବାଧ୍ୟ ହୋଇଛନ୍ତି।

ସରକାର ଖାଦ୍ୟ ସୁରକ୍ଷା ଆଇନ କରୁଛନ୍ତି, କୃଷକ ସମ୍ମାନ ନିଧି ଦେଉଛନ୍ତି। କିନ୍ତୁ ଯେଉଁ ଚାଷୀ ରାଜ୍ୟର ଥାଳି ସଜାଉଛି, ସେ ଯଦି ନିଜେ ଋଣରେ ବୁଡିଯାଏ, ତେବେ ଏହି ଯୋଜନାର ଲାଭ କଣ? ସାଧାରଣ ଲୋକଙ୍କ ପ୍ରଶ୍ନ - ସାରର କଳାବଜାରୀ କେବେ ବନ୍ଦ ହେବ? ଚାଷୀକୁ ସମୟରେ ସାର, ବିହନ ଓ ସଠିକ୍ ଦର କେବେ ମିଳିବ? ଯଦି ଆଜି ଅନ୍ନଦାତାକୁ ବଞ୍ଚାଇଲେ ନାହିଁ, ତେବେ କାଲି ଆମ ପାତ୍ର ରେ ଖାଦ୍ୟ କେଉଁଠୁ ଆସିବ?

ସରକାର ଏବେ ବି ସମୟ ଅଛି। କାରଣ ଏହି ମହଙ୍ଗା ମାଡ ଶେଷରେ ସମସ୍ତଙ୍କ ପେଟରେ ବାଜିବ।



# ପୁଅ ଜନମ



ଡ଼. ଚନ୍ଦ୍ରକଳା ନାୟକ

ବାପା ଥିଲା ବେଳେ ନୂଆ ନୂଆ ଗହଣା ପିନ୍ଧିବା ପାଇଁ ମା'ଙ୍କର ସଉକୁ ଥିଲା। ବାପା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଥିଲେ। ଏବେ ତ ବାପା ନାହାନ୍ତି। ଦୀର୍ଘ ଦୁଇ ବର୍ଷ ହେଲା ବ୍ରେନ ଷ୍ଟୋକରେ ବାପା ଚାଲିଗଲେ। ସେଇ ଦିନ ଠାରୁ ମା'ର ଦେହ ଅସୁସ୍ଥ। ମା' ଏବେ ପୁରା ସମୟ ଆନିର ହେପାଜତରେ। ଆନି ତା'ର ଭାଇ କଥା ମନେ ପକାଏ। ଶିକ୍ଷିତ, ଯୋଗ୍ୟ, ପ୍ରତିଷ୍ଠିତ ପୁଅ ପାଇଁ ବାପା ଗର୍ବ ଅନୁଭବ କରୁଥିଲେ। ହେଲେ ଆଜି ମା'ର ଯତ୍ନ ନେବାକୁ ପୁଅ ପାଖରେ ସମୟ ନାହିଁ। ବହୁ ଆଗରୁ ଯନ୍ତ୍ରଣାର ବାହାନା କରି କର୍ତ୍ତବ୍ୟ ପଥରୁ ଓହରି ଯାଇଛି। ମା'କୁ ପାଖରେ ନରଖିବା ହିଁ ଅସଲ ମନୋବୃତ୍ତି।

ଆନି ପାଖରେ ମା' ରହିଲେ କାଳେ ସବୁଆଡୁ ସବୁ ସୁବିଧା ମିଳିବ। ଆନିର ସ୍ୱାମୀ ଜଣେ ପ୍ରତିଷ୍ଠିତ ବିଲ୍ଡର। ସହରର ସବୁ ଲୋକ ତାଙ୍କୁ ଜାଣନ୍ତି। ଆଉ ଝିଅ ଆନି ଶିଶୁରୋଗ ବିଶେଷଜ୍ଞ। ସେଥିପାଇଁ ଆନି ପାଖରେ ମା'କୁ ଛାଡି ପୁଅବୋହୁ ନିଜ କର୍ତ୍ତବ୍ୟ ସାରି ଦେଇଛନ୍ତି। ଆନି ଅନୁଭବ କରିଛି, ଭାଇ ଭାଉଜ ଦାୟୀତ୍ୱ ବହନ କରିବାରେ ସର୍ବଦା କୁଣ୍ଠିତ। ମା'ୀ ମଧୁମେହ ଓ ଉଚ୍ଚ ରକ୍ତଚାପ ଯୋଗୁଁ ତାକୁ ପାଖରେ ରଖିବାକୁ ଭାଇ, ଭାଉଜ ନାରାଜ। ଏବେ ଆନି ପାଖରେ ମା' କିନ୍ତୁ ସ୍ୱାଭାବିକ ଜୀବନଟେ ଜିଉଛନ୍ତି। ଆନି ଓ ତାର ସ୍ୱାମୀ ଦୁଇ ଜଣଙ୍କର ମନୋଭାବ ପାଇଁ ଏହା କେବଳ ସମ୍ଭବ ହୋଇ ପାରିଛି। କେହି ବନ୍ଧୁ ବାନ୍ଧବ ଏଥିପାଇଁ ପ୍ରଶଂସା କଲେ ଆନିର ଭାଉଜ ସହି ପାରନ୍ତିନି। ଓଲଟା କହି ବୁଲନ୍ତି, ଆନି କାଳେ ମା'ଙ୍କ ବ୍ୟାଙ୍କ ଆକାଉଂଟ ଓ ଗହଣା ଉପରେ ଆଖି ରଖିଛି। ମା' କିନ୍ତୁ ସ୍ପଷ୍ଟବାଦିନୀ। ପୁଅ ବୋହୁଙ୍କ ପାଖରେ କାହିଁକି କେଜାଣି ସର୍ବଦା ଯୋଡହସ୍ତ ଓ ନତ ମସ୍ତକ।

ଆନି ସେଦିନ ଗୋଟିଏ ବିବାହ ଉତ୍ସବକୁ ବାହାରିଲା। ମା' ତାକୁ ବାଧ୍ୟ କରି ତାଙ୍କ ରାଣୀ ହାରଟା ପିନ୍ଧାଇ ଦେଲେ। ଏମିତି ବି ଆନିର କିଛି ଅଭାବ ନାହିଁ। ହେଲେ ମା'ର ସ୍ନେହକୁ କେବିତି ବା ନାଁ କରି ପାରିଥାନ୍ତା। ସେଇ ବିବାହ ଉତ୍ସବରେ ଭାଉଜର ଦୃଷ୍ଟି ପଡ଼ିଥିଲା, ଆନି ବେକରେ ଥିବା ହାର ଉପରେ। ହାରଟା ମା'ଙ୍କର, ଆନି କାଳେ ନେଇ ଯାଇଥିବ, ଏ ଚିନ୍ତାରେ ଭାଉଜ ଭଲରେ ଗଣ୍ଡେ ଖାଇ ବି ପାରିଲେନି। ଆନିକୁ ପଦୁଟିଏ ବି ମା'ଙ୍କ ବିଷୟରେ ପଚାରି ବୁଝିଲେନି।

ଠିକ ଦୁଇଦିନ ପରେ ସନ୍ଧ୍ୟାରେ ଭାଉଜ ମା'ଙ୍କୁ ଦେଖିବାକୁ ଆସିଲେ। କଥା କିନ୍ତୁ ଅଲଗା ଥିଲା। ମା'ଙ୍କ ପାଖରେ ବସିଲେ। ଆନି ଲକ୍ଷ କରୁଥାଏ, ଗୋଡରେ ହାତ ମାରି ଆଉଁସି ଦେବାର ଅଭିନୟ କରୁଥାନ୍ତି। କିଛି ସମୟ ଅପେକ୍ଷା ପରେ ବିନା ମୟୁର ଚନ୍ଦ୍ରିକାରେ କହିଲେ- ' ମା' ଆପଣଙ୍କ ସେଇ ହାରଟା ମୋର ଦରକାର ଥିଲା '। ଆଜି କ୍ଲବରେ ଅଫିସର୍ସ ୱାଇଫ ମାନଙ୍କର ବଡ କିଟପାର୍ଟି ଅଛି। ଏମିତି ବି ସେ ରାଣୀହାରଟା ମୋତେ ଖୁବ ମାନେ। ମୋତେ ଦେଇ ପାରିବେ। ମା' ଧୀର ଗଳାରେ କହିଲେ- ଏଥିରେ ମାଗିବାର କଣ ଅଛି ? ତୋ ଜିନିଷ ପରା।

ସାମାନ୍ୟ କାଳ ବିଳମ୍ବ ନକରି, ଭାଉଜଙ୍କ ହାତକୁ ଆନି ହାରଟି ବଢ଼ାଇ ଦେଲା। ମା ଆଖିର ଭାଷାକୁ ଆନି ପଢ଼ି ପାରୁଥିଲା। ହାରଟା ନେଇ ଭାଉଜ ଗଲାବେଳେ ମା'ର ମୁହଁଟା ବିଷର୍ଣ୍ଣ ପଡ଼ି ଯାଇଥିଲା। ଆନି ଭାବୁଥିଲା, ମା' ତ ଆଗରୁ ଏମିତି ନଥିଲା। ପୁଅ ବୋହୁଙ୍କ ଆଗରେ ଏତେ ଦୁର୍ବଳ କାହିଁକି ? ଆନି ମା'ର ରୋକଠୋକ କଥାକୁ ଭାରି ପସନ୍ଦ କରେ। କିନ୍ତୁ ମା'ର ଏପରି ନୀରବ ଯନ୍ତ୍ରଣାକୁ ସେ ବୁଝି ପାରୁ ନଥିଲା। ଆନିର ତା ସ୍ୱାମୀ ବିଶ୍ୱଜିତଙ୍କ ପ୍ରତି ଗଭୀର ଦୁର୍ବଳତା ଥିଲା। ତାଙ୍କରି ପସନ୍ଦରେ ସେ ସବୁକିଛି କରେ। ମା' ବେଳେବେଳେ ଆନିକୁ କହନ୍ତି, ତୋର କର କିଛି ପସନ୍ଦ ନାହିଁ ? ଆନି ଧୀର ଗଳାରେ ମା'କୁ କହେ ତାଙ୍କ ମନ ରଖି ଚଳୁଛି ବୋଲି ତ ତୁମକୁ ପାଖରେ ରଖି ପାରିଛି। ଏମିତି ବି ସେ ବହୁତ ଭଦ୍ର ଏବଂ ଉଦାର ଲୋକ। କେବେ କେବେ ଥଟାରେ ବିଶ୍ୱଜିତ ଆନିକୁ କଟାକ୍ଷ କରନ୍ତି। କୁହନ୍ତି, ତୁମ ଭାଇ କଣ ମା'ଙ୍କୁ ଭୁଲିଗଲେ ନା କଣ ?

ବିଶ୍ୱଜିତ ମା'ଙ୍କ ପାଇଁଭଲ ମିଠା ପାନ, କଟକର ରଘୁ ଦହିବର. ବଡ ବଡ ରସଗୋଲା ଆଣି ଦିଅନ୍ତି। ଏହା କେବଳ ଆନିର ସ୍ୱାମୀ ବୋଲି ନୁହେଁ। ମା'ଙ୍କ ପ୍ରତି ତାଙ୍କର ସଦିଚ୍ଛା ବି ଅଛି। ଆନି କିଛି କହିବା ପୂର୍ବରୁ ବିଶ୍ୱଜିତ ନିୟମିତ ମା'ଙ୍କ ସ୍ୱାସ୍ଥ୍ୟ ଚେକ୍ଅଫ ନିଜେ କରାଇ ଥାନ୍ତି।

ବେଳେବେଳେ ମା କହନ୍ତି-ଆନି ଲୋ କୋଉ ଜନ୍ମରେ କଣ ପୂର୍ଣ୍ଣ କରିଥିଲି କେଜାଣି ତୋତେ ଝିଅ ଭାବେ ପାଇଛି। ଏତିକି କହୁ କହୁ ମା'ଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଏ। ଆଖିରୁ ଲୁହ ଝରିଆସେ। ଆନି ମା'କୁ ଜାବୋଡି ଧରେ। ମା'ଙ୍କର ଅସହାୟତା ତାକୁ ଆବିଷ୍ଟ କରେ।

ଆନି ଜଣେ ମା ଅସରନ୍ତି ଅନୁଭୂତି ଓ ଅଭିଜ୍ଞତାର ଗନ୍ତାଘର। ଅନୁକରଣ କଳାଭଳି ବହୁ ସୁଗୁଣର ଅଧିକାରିଣୀ। ଯେତେ ସମ୍ଭବ ସେ ନିଜ କାମ ନିଜେ କରନ୍ତି। ତାଙ୍କ ରୋଷେଇ ଘର ଭଲ ତ ସେ ଭଲ। ଆନି ତ ଦିନରେ ପ୍ରାୟ ରହେନାହିଁ, କିନ୍ତୁ ତା'ର ସେଥିପାଇଁ ଚିନ୍ତା ବି ନାହିଁ। କାହିଁକି ନା, ଘରକୁ ଲାଗି ତା ଡାକ୍ତରଖାନା। ଅନେକ ସମୟରେ ମା' ଆନିକୁ ମଜା ମଜା କଥା କହନ୍ତି। ମା'ଙ୍କ ବିଚାରଧାରା ଭାରି ଉନ୍ନତ। ବାପା ତ ସବୁକିଛି ମା'କୁ ଦେଇ ଯାଇଛନ୍ତି। ଅର୍ଥର ଅଭାବ ନାହିଁ। ହେଲେ ଅର୍ଥ ବ୍ୟୟ କରିବାର ସାମର୍ଥ୍ୟ ସେ ଯୋଗାଡ କରିପାରୁ ନାହାନ୍ତି। ତଥାପି ଆନି ନିରୋଳାରେ ବସି ଭାବେ-ଏମିତି ଜଣେ ମଣିଷକୁ ତା ପୁଅ ବୋହୁ ପାଖରେ ରଖିବାକୁ ଅନିଚ୍ଛା କାହିକି ? ପିଲା ଦିନରୁ ଆନି ମା'କୁ ଜାଣିଛି। ମା' କେବେ ବି ନୀରବରେ ଜଡଟିଏ ପରି ବସି ପାରନ୍ତିନି। ଦୋଷ ତ୍ରୁଟିକୁ ସଙ୍ଗେ ସଙ୍ଗେ ଦେଖେଇ ଦିଅନ୍ତି। ଏଇଟା କଇ ତାଙ୍କର ଅପରାଧ। ରୋକଠୋକ କହୁଥିବା ଏଇ ମଣିଷର ହୃଦୟ କେତେ ନିର୍ମଳ, ସେ କଥା କଣ ଭାଇ ଭାଉଜ ବୁଝି ପାରୁ ନାହାନ୍ତି। ମା'ଙ୍କର ଆୟୁସ ଆଉ ବା କେତେଦିନ ? ଏକଥା ଆନି କେମିତି ତାର ଭାଇ ଭାଉଜଙ୍କୁ ବୁଝାଇବ ବୋଲି ବାଟ ପାଉ ନଥିଲା। ମା' ଚାହେଁ ପୁଅ ବୋହୁ ତାକୁ ସାଙ୍ଗରେ ନେଇ ବୁହନ୍ତୁ। ବୁଲି ଯାଆନ୍ତୁ, ସିନେମା ଦେଖନ୍ତୁ। ପୁଅ ଥାଉ ଥାଉ ଝିଅ ଘରେ ରହିବାର ଗ୍ଲାନିରେ ପ୍ରତି ମୁହୂର୍ତ୍ତରେ ମା' ସଢୁଛନ୍ତି।

ଆଦ୍ୟରୁ ମା' ବହୁତ ବହି ପଢ଼ନ୍ତି। ସେ କାମ ଆନି ବି କରି ପାରେନା। ମା'ଙ୍କର ଏହି ଜ୍ଞାନ ପାଇଁ ବିଶ୍ୱଜିତ ମା'ଙ୍କୁ ପ୍ରଶଂସା କରନ୍ତି। ଆନିର ଛାତି କୁଣ୍ଡେମୋଟ ହୋଇ ଯାଏ। କିନ୍ତୁ ଗତକାଲି ଆନି, ବିଶ୍ୱଜିତ ଓ ମା'ଙ୍କ ଭିତରେ ରାମୟଣ, ଭାଗବତକୁ ନେଇ ଅନେକ ତାତ୍ତ୍ୱିକ ଆଲୋଚନା ହୋଇଥିଲା। ମା'ଙ୍କର ଜ୍ଞାନ ସମ୍ପର୍କରେ ଆନି ଓ ତାର ସ୍ୱାମୀ ଜାଣିବା ପରେ ଚକିତ ହୋଇ ଯାଇଥିଲେ। ଆନିର ହୃଦବୋଧ ହେଉଥିଲା, ମା'ଙ୍କ ବହୁତ ଜାଣିବାଟା ବୋଧେ ଭାଇ ଭାଉଜ ସହ୍ୟ କରିପାରୁ ନାହାନ୍ତି। ଭାଉଜ ତ ପରଝିଅ। ସେ କଣ ବୁଝିବେ। କିନ୍ତୁ ଭାଇ, ସେ ତ ତାଙ୍କ ଔରସରୁ ଜନ୍ମ। ବାପା ଚାଲିଯିବା ପରେ ତାର ଏ କି ପରିବର୍ତ୍ତନ। ମା'ଙ୍କ ପ୍ରତି ତାର ସମ୍ମାନ ଓ ଶ୍ରଦ୍ଧା ନରହିବା, ଆନିକୁ ବିଚଳିତ କରୁଥିଲା। ସମାଜର ପରିବର୍ତ୍ତିତ ଧାରାରେ ପୁଅ ମାନେ କଣ ବଡ ହେଲେ ଏମିତି ପରିବର୍ତ୍ତନ ହୋଇ ଯା'ନ୍ତି ! ନାଁ ଭାଇ ବଡ ମଣିଷ ହୋଇ ଅଧିକ ସ୍ୱାର୍ଥପର ହୋଇ ଯାଇଛି।

ଆଜି ମା' ବହୁତ ବିଳମ୍ବ ଯାଏଁ ଘରୁ ବାହାରି ନାହାନ୍ତି। ଆନି ଭାବୁଥାଏ, ଏତେ ବିଳମ୍ବ ତ କେବେ ହୁଏନି। ମା' ତ ରାତି ଚାରିଟାରୁ ଉଠନ୍ତି। କଣ ଦେହ ଅସୁସ୍ଥ ହେଲା କି ? ବିବ୍ରତ ମନରେ ଆନି ଦଉଡିଲା ମା'ଙ୍କ ରୁମ ଭିତରକୁ। ମା' କିନ୍ତୁ ପୂର୍ବପରି ବହି ଖଣ୍ଡେ ଧରି ଆରାମ ଚେୟାରରେ ବସିଥିଲେ। ଆଖିରୁ ଚଷମା କାଢ଼ି ବାରମ୍ବାର ଆଖିର ଲୁହକୁ ପୋଛୁଥିଲେ। ଆନି ମା'କୁ ଏଥର ଜାବୋଡି ଧରିଲା। ମା'କୁ ପଚାରିଲା କିଏ କଣ କହିଲା କି ? ମା' ଉତ୍ତର ଦେଲେ- ନା ଲୋ ଧନ କିଏ କଣ କହିବ ? ଖବର କାଗଜକୁ ଖବରଟିଏ ପଢ଼ିଲି। ଏହା ଗତକାଲିର ଖବର କାଗଜ ଥିଲା। କାଗଜର ଷଷ୍ଠ ପୃଷ୍ଠାରେ ଲେଖାଥିଲା, ସମାଜସେବୀ ଅର୍ଣ୍ଣପୂର୍ଣ୍ଣା ଦେବୀଙ୍କର ମୃତ୍ୟୁ ହୋଇଛି। ଆନି ପଚାରିଲା- ମା ସେ କିଏ ? ମା କହିଲେ, ସେ ମୋ ସହିତ ପଢୁଥିଲା। ପିଲାଟି ଦିନରୁ ତାର ସମାଜସେବାରେ ଭାରି ଆଗ୍ରହ ଥିଲା। ବିବାହ ପରେ ମଧ୍ୟ ସେ ନିଜକୁ ସେହି କାର୍ଯ୍ୟରେ ନିୟୋଜିତ କରିଥିଲା। ଘର ପରିବାର ସହିତ କେତେ ଲଢିଛି, ସେଇଥିପାଇଁ। ଆନିର ମନେ ପଡ଼ିଗଲା- ଓ ହୋ ବାପା ପରା ସବୁବେଳେ ତାଙ୍କ କଥା କୁହନ୍ତି। କିନ୍ତୁ ବୁଝିଲୁ ମାଆ, ସେ ଏକାକୀ ଚାଲିଗଲା, ସେଥିପଇଁ ମୋର ବଡ ଦୁଃଖ। ଶେଷ ଜୀବନରେ ସେ ନିଃସଙ୍ଗ ଜୀବନ ବିତାଉ ଥିଲା। ଏକମାତ୍ର ପୁଅ ତା ଶେଷ ଜୀବନରେ ତା ପାଟିରେ ପାଣିଟୋପେ ଦେବାକୁ ନଥିଲା। କବାଟ ଭଙ୍ଗା ହୋଇ ତାର ମୃତଦେହ ବାହାରିଲା। ଓ ହୋ କି କଷ୍ଟ କହିଲୁ। ଆଚ୍ଛା ଆନି, ପୁ ଜନ୍ମ କରିବାଟା କଣ ଭୁଲ। ଆନି ବୁଝି ପାରୁଥିଲା- ମା'ର ମନ ତଳର ନିଆଁକୁ। ମା କାନ୍ଧରେ ହାତ ରଖି ତାକୁ କୁଣ୍ଢାଇ ଧରିଥିଲା। ମା'କୁ କହିଥିଲା- ତୁ କଣ ନିଃସଙ୍ଗ ? ମୁଁ ପରା ତୋ ପାଖରେ ଅଛି। ମୁଁ କଣ ପୁଅ ନୁହେଁ କି ? ମା ଏଥର ଆଖିର ଲୁହ ପୋଛି ଗର୍ବର ସହିତ ଆନି ମୁହଁକୁ ଅନାଇ ରହିଥିଲେ।

ଅଧ୍ୟାପିକା, ମହାପୁରୁଷ ହାହିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍:୯୪୩୭୯୫୭୬୧୭



## ପକ୍ଷୀ

ଡ ଶୁଭେନ୍ଦୁ ମେହେର

ଦିଗନ୍ତର ସୀମା ଡେଇଁ ......!
ମେଘର ମହଲ ଭେଦ କରି
ନୀଳ ଆକାଶର ନିର୍ବାକ ଦେହରେ
ତା' ଡେଣାର ସ୍ୱାକ୍ଷର ।

ସକାଳର ପ୍ରଥମ ପ୍ରାର୍ଥନାରୁ ଉଡ଼ି ଆସିଥିବା
ମୁକ୍ତିର ଜୀବନ୍ତ ମନ୍ତ୍ରଟିଏ !
ବନ୍ଧନର ଲୁହା ଶିକୁଳିକୁ
ଠୋକର ମାରୁଥିବା ବିଦ୍ରୋହର ଚଞ୍ଚୁଟିଏ ।
ସ୍ଥାଣୁ ପାହାଡ଼ର ଛାତିରୁ ଉଠିଥିବା
ଉଡ଼ନ୍ତା ସ୍ୱପ୍ନର ଶିଖାଟିଏ,
ତା' ଗୀତରେ ମାଟି ବି
ଆକାଶ ହେବାକୁ ଲାଳସା କରେ ।

ତା' ଉଡ଼ାଣର ଉନ୍ମୁକ୍ତ ବ୍ୟାକରଣ ଆଗରେ
ତୁଚ୍ଛ ହୋଇଯାଏ ସୀମାନ୍ତର ପ୍ରାଚୀର,
ଅର୍ଥହୀନ ହୁଏ ମାନଚିତ୍ରର ରେଖା ।
ତା' ଡେଣାର ଝଟ୍‌କାରେ
ଦିଗହରା ହୁଏ ବନ୍ଦୀ ପବନର ଦମ୍ଭ,
ମୁକ ହୋଇଯାଏ ନିରବତାର ଅହଂକାର ।

ସେ' ପ୍ରତ୍ୟୁଷରେ ଅବତରଣ କରେ
ଅଦୃଶ୍ୟ ଆଲୋକର ସୋପାନରେ
ରାତିର ଅନ୍ଧାର ଖଣ୍ଡ ଖଣ୍ଡ ହୁଏ !
ଶୋଇଥିବା ସୂରୁଜ ନିଦ ଭାଙ୍ଗେ,
ନିର୍ଜୀବ ବନସ୍ପତି କଥା କହେ,
ଶ୍ୱାସ ନିଏ ମୃତପ୍ରାୟ ମାଟି,
ତା' ଗୀତର ଅମୃତ ବର୍ଷାରେ
ଧୌତ ହୁଏ ପୃଥିବୀର କ୍ଲାନ୍ତି ।

ମୁକ୍ତିର ସନ୍ଧାନରେ
ନିଜ ପିଞ୍ଜରାର ଲୁହା କାଠିକୁ
ଦିନରାତି ଠୋକର ମାରିଛି,
ନିଜ ଭୟର ସମୁଦ୍ରରେ
ଜନ୍ମ ଜନ୍ମ ବୁଡ଼ି ରହିଛି ।
ପୃଥିବୀରୁ ଆକାଶ ଯାଏଁ,
ଦେହରୁ ଆତ୍ମା ଯାଏଁ
କେବଳ ଦେଖିଛି
ଉଡ଼ାଣର ଅଲିଭା ପଥଚିହ୍ନ ।

ବନ୍ଦୀ ଛାତିର ପଞ୍ଜୁରୀରେ
ଆକାଶର ସ୍ୱପ୍ନ !
ଶିକୁଳି ବନ୍ଧା ପାଦରେ
ଉଡ଼ିବାର ଅମୋଘ ମନ୍ତ୍ର ।

ସେ' ଥିଲେ ଆକାଶ ବିସ୍ତୃତ,
ନ ଥିଲେ ପୃଥିବୀ ସଙ୍କୁଚିତ ।
ସୀମା, ଅସୀମର ମଝିରେ ଉଡୁଥାଉ,
ଆତ୍ମାର ଅମର ଚିତ୍ରଲେଖା ।
ଯେଉଁଠି ତା' ଡେଣାର ଛାଇ,
ସେଇଠି ବନ୍ଧନ
ଉଚ୍ଚାରଣ ହିଁ ନିଷିଦ୍ଧ,
କେବଳ ଅନନ୍ତ ଶୂନ୍ୟରେ
ନିଜକୁ ହଜାଇଦେବାର
ଅସୀମ ଆଉ ଅମୋଘ ଆନନ୍ଦ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪





## ଶ୍ରାବଣ ରାତିରେ ଲେଖୁଛି ଚିଠି

ଡଃ ନାରାୟଣ ଚନ୍ଦ୍ର ସେନାପତି

ନିଶା ଗର୍ଜନ ସାଙ୍ଗକୁ ଶ୍ରାବଣର ଝୋ ଝୋ ବର୍ଷା
ଯେବେ ଥରାଇ ଦିଏ ଏ ଧରଣୀକୁ
ଭିଜିଯାଏ ମୋ ତନୁ ତୁମର ସ୍ମୃତିରେ
ଇତସ୍ତତଃ ମନଟା ବ୍ୟାକୁଳ ପ୍ରାୟ ଖୋଜେ ତୁମକୁ
ମୁଁ କିନ୍ତୁ ଲେଖେ ଚିଠି
ଚାହିଁ ଦେଇ ଶ୍ରାବଣୀକୁ ଝରକା ଫାଙ୍କରେ।
ଶ୍ରାବଣ ବର୍ଷାଟା ଯେମିତି ତୁମ ପରି ଶୀତଳ
ତା ସ୍ୱର ବି ଠିକ୍ ତୁମ ପରି ମଧୁର
ତା ଭିତରେ ଯେବେ ଦେଖୁଛି ମୁଁ ତୁମରି ମୁହଁ
ଶିହରଣ ଖେଳି ଯାଇଛି ମୋ ହୃଦରେ
ଆସୁନ ......
ଭିଜନ୍ତେ ସାଥୀ ହୋଇ ବରଷା ରାତିରେ
ତୁମ ତନୁ ପୋଛି ଦିଅନ୍ତି ମୁଁ
ମୋ ପ୍ରେମ ଉତ୍ତରୀରେ
ତୁମେ ମୁରୁକି ହସି ମୋତେ ବି ଶୁଖେଇ ଦିଅନ୍ତ
ତୁମ ପ୍ରଣୟର ପଣତ କାନିରେ।

ଶ୍ରାବଣ ର ତୁହାକୁ ତୁହା ବର୍ଷା ସିନା
ନଈ ରେ ସୃଷ୍ଟି କରେ ବନ୍ୟା
ତୁମ ମୁରୁକି ହସା ଚୋରା ଚାହାଣି ଆଉ ମଧୁର କଥା
ମୋ ହୃଦୟରେ ସୃଷ୍ଟି କରୁଛି ପରା ସମୁଦ୍ର ଢେଉ
ଜାଣିଛ ମୁଁ ତୁମ ବିନା ବଞ୍ଚି ପାରିବିନି !
ହେଲେ ତୁମ ଦୂରତା କାହିଁକି ଶ୍ରାବଣରେ ସୃଷ୍ଟି
କରୁଛି ସାହାରା ମରୁଭୂମି !!!
ଦେଖୁନ ତୁମ ବିନା ମୁହଁ ଶୁଖେଇ କାନ୍ଦୁଛି କେମିତି
ମୋ ଭରସାର ହୁଲି ଡଙ୍ଗା।
ଅଜାଡ଼ି ଦେଇ ମୋ ବୁକୁ ଫଟା ଲୁହ ଲହୁ।

ଜମ୍ବରା, କେନ୍ଦୁଝର



## ମା ମାଟି ମୋ ମଥା ଚନ୍ଦନ

ଡ଼ଃ ଅନୁପମା ବିଶ୍ୱାଳ

ମାଆ ମାଟି କୋଳେ ହୋଇଲି ଜନମ
ହସି ଉଠିଲା ଜୀବନ
ତା' ଦେହର ଧୂଳି ମୋ ଦେହରେ ଲାଗି
ଜଗାଇଲା ମୋ ସ୍ପନ୍ଦନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା' ଓଠର ଭାଷା ଆହା କି ମଧୁର
ତା' ଗୀତ ନଚାଏ ମନ
ତା' ନଈର ଜଳ କେଡେ ନିରୀମଳ
ଆଦରେ କରେ ମୁଁ ପାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା ଦେହର ଫଳ ଦିଏ ମୋତେ ବଳ
ଫୁଲ ହସାଏ ପରାଣ
ତା' ଗଛର ଛାଇ ଦେଇଛି ଆଶ୍ରୟ
ରଖିଛି ମୋହର ମାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା' ଦେହରେ ଫଳେ ସୁନାର ଫସଲ
ପାଏ ମୁଁ ମିଠା ଭୋଜନ
ସଂସ୍କାର ସଂସ୍କୃତି ପରବ ପର୍ବାଣି
ସବୁତ ତାହାରି ଦାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ମୋ ମାଟି ଅଟଇ ବୀର ପ୍ରସବିନୀ
ତ୍ରିରଙ୍ଗା ଅଟେ ପ୍ରମାଣ
ତାହାରି ସମ୍ମାନ କରେ ହୃଦୟରୁ
ଗାଇ ତା'ର ଗୁଣ ଗାନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।
ତା'ର ଜୟ ଧ୍ୱନି ଗାଉଥିବି ସଦା
ଥିବା ଯାଏ ପିଣ୍ଡେ ପ୍ରାଣ
ମରିବା ବେଳକୁ ଲୋଟିବି ତା କୋଳେ
କରି ଜଗାକୁ ଦର୍ଶନ
ମା ମାଟି ମୋ ମଥା ଚନ୍ଦନ
କେହି ନୁହେଁ ତା' ସମାନ।

ସମ୍ବଲପୁର



## ମନଟା ଖୋଜୁଛି ଶାନ୍ତି ଵକଟେ

ଶାନ୍ତିଲତା ପଣ୍ଡା

ସଂସାରର ନାବ ହେଉଅଛି ଠାବ
ଯେମିତି ଯେଉଁଠି ହେଉ
କରମ ତରୀଟି ଥକି ଯାଉଅଛି
ଦେଖି ଦୁନିଆର ଭାଉ
ଲୋଭ ମାୟା ମୋହ ସ୍ୱାର୍ଥର ସାଗରେ
ବୁଡିବାର ଦୃଶ୍ୟ ଦେଖି
ଭାବି ପାରେ ନାହିଁ ସମ୍ପର୍କ ସେତୁ କୁ
କେମିତି ପାରିବି ରଖି
ବିଶ୍ୱାସ ଭରସା ଯାଏ ଦୂରେ ଦୂରେ
ହୃଦୟର ଗନ୍ତାଘରୁ
ବନ୍ଧୁତାର ବନ୍ଧ ଭୁଷୁଡି ପଡୁଛି
ବିବେକର ସିନ୍ଦୁକରୁ
ଆପଣା ପଣରେ ଯାହାକୁ ପାଇଲି
ସମୟ ସମୀର ସାଥେ
ହସବି ଦେଖିଲି ଖୁସି ସାଉଁଟିଲି
ଜୀବନର ଚଲାପଥେ
କା ମନ କେମିତି ପରଖିବା କଷ୍ଟ
ଭାବନାର ଭାବତୀରେ
ଅଳିକ ସଂସାର କରେ ଉପଚାର
ଗାଆଁଠୁ ସହର ଠାରେ
ଲାଗେ କୁଞ୍ଜବନ ଦୁନିଆର ବନ
ହିଂସା କ୍ରୋଧ ଅହଭାବ
ଅଶାନ୍ତର ବାତ୍ୟା ବହେ ଅବିରତ
ଶାନ୍ତି କେମିତି ମିଳିବ
ଭାବନାରେ ମନ ଚହଲୁଛି ଖାଲି
କେମିତି କାଟିବ ଦିନ
ଆଜି ର ନିଜର କାଲି ହୁଏ ପର
କ୍ଷତ କରିଥାଏ ପ୍ରାଣ
ମିଥ୍ୟା ପ୍ରତାରଣା କପଟ ଲାଞ୍ଛନା
ମିଳିଥାଏ ଉପହାର
ଆବେଗ ଆହୁଲା ମାରେ ବାରମ୍ବାର
ବହିଯାଏ ଲୁହଧାର
ତଥାପି ଏ ମନ ଖୋଜେ ବାରବାର
ବାକଟେ ଶାନ୍ତିର ବାସ
ଜୀବନ ଡଙ୍ଗାର ଜଞ୍ଜାଳ ଓଠରେ
ଭରିବାକୁ ଟିକେ ହସ

ବାଲେଶ୍ୱର





## ଜୀବନରେ ଯୋଗ

ସୁନନ୍ଦା ମହାନ୍ତି

ଠୁକୁ ଠୁକୁ ଚାଲି ଗୁଲୁ ଗୁଲୁ ବୋଲି
ଚାଲିଶିଖିବାକୁ ତିନି ଚକ ଗଡା
କଥା କହିବାକୁ ମାଆ ଶିଖାଏ ପାଟିକୁ
ତଳ ଉପର କେମିତି ଯୋଡ଼ା
ପାଠ ପଢ଼ିବାକୁ ପୁଣି ଖାଇବାକୁ ଭାତ
ପକାଇବା ଯାଏଁ ପିଢ଼ା
ଅଭ୍ୟାସ ନାମେ ଯୋଗ ବାଲ୍ୟବେଳୁ
ଖାଇ ଖାଇ କେତେ କଚଡ଼ା
ପାଠ ଶାଠ ଆଉ ଚାକିରୀ ବାକିରୀ
ସାଇକେଲ ଗଡା
ଗାଧେଇବାକୁ ପହଁରା ଶିଖିବାକୁ
ପୋଖରୀ ହୁଡ଼ା
ସବୁଠି ଯୋଗ ସପ୍ତରାଗର ଜୀବନ
ଯୋଗ ଖସଡ଼ା
ହାତକୁ ଦିହାତ ପରେ ଘର ଓ ବାହାର
ଯୋଗର ତୋଡ଼ା
ହାତକୁ ବଢ଼ା, ଗଛ ଲଗାଇ ସବୁଜ ପଡା
ଘୁରା ଆଖି ଦୁଇ ଯୋଡ଼ା
ପିଲାଦିନ ଯୌବନ ସାୟାହ୍ନ ବାର୍ଦ୍ଧକ୍ୟ
ବ୍ୟାୟାମ ଲୋଡ଼ା
ସୁସ୍ଥ ନିରାମୟ ଜୀବନ ପାଇଁକି
ଯୋଗ ଔଷଧ ପୁଡା
ନହେଲେ ରୋଗ ଭୋଗ ଜୀବନ ଯାକ
ଯେଝା ବାଟେ ଯିଏ ଖାଇ ଉଖୁଡା
ଏବେଠୁ ଜାଗ ଯୋଗର ଯଜ୍ଞ କରି ଉତ୍ତୁରି
ପୂର୍ଣ୍ଣ କର ଜୀବନ ଘଡ଼ା
ସୁସ୍ଥ ମସ୍ତିଷ୍କ ସୁସ୍ଥ ଶରୀର ଧରିବାକୁ ହେଲେ
ପିନ୍ଧି ଯୋଗର କଡା
ବ୍ୟାୟାମ ପ୍ରାଣାୟାମ ଅଲମ ବିଲମ
ପତଞ୍ଜଳି ପରି ଆପଣେଇ ବ୍ୟାୟାମ
ରୋଗକୁ ଘଉଡ଼ା
ଜୀବନ କାଳ ରେ ଯୋଗ ହିଁ ସାର
ଯୋଗରେ ଶରୀର ଗଢ଼ା

ସାକ୍ଷୀଗୋପାଳ, ପୁରୀ



## ମୋ ଦେଶ

ଡ. ଭାରତୀ ହୋତା

ତୁ ସେଇ ମୋ ଦେଶ
ସମୁଦ୍ର ଭିତରକୁ ଧସେଇ ପଶିଥିବା
ଗୋଟେ ଲମ୍ବା ମୁହଁ
ଲୁଣି ପାଣିର ପ୍ରଖର ଶୋଷର ଓଠ ମଧ୍ୟରେ
ଯେପରି ଗୋଟେ ମିଠା ହାଣ୍ଡି,
ଯାହା ଭିତରେ ଶତ ଶତ ଅତୃପ୍ତ ମଣିଷ ।।

କେତେ ବଖାଣିବି
ଯାହା ସମୟ କଳାପଟାରେ ଲିପିବଦ୍ଧ
ତୋ ଶୋଷର ପରିସୀମା
ଭୋକର ଭୂଗୋଳ
ତୋ ପ୍ରତ୍ୟେକ ରକ୍ତ କଣିକାରେ
ତୋ ମୁହଁର କାରୁଣିକ ଚୌହଦୀରେ
ମୁଖା ପିନ୍ଧା ଈଶ୍ୱରଙ୍କ ପରିଚିତ ମୋହିନୀ ମାୟାରେ
କଣ ନ ଘଟୁଛି
ତୋ ସକାଳ ସୂରୁଜ ଉପରେ
ମୃତ୍ୟୁ ଠାରୁ ଅଧିକ ନିଷ୍ଠୁର
ସେଇ ଈଶ୍ୱରଙ୍କ ଅଭିପ୍ରାୟ ।।

ତୁ ସେଇ ମୋ ଦେଶ
ଯେଉଁଠି ଜଙ୍ଗଲ ହେଉ କି ମରୁସ୍ଥଳ
ଉପତ୍ୟକା ଅବା ପର୍ବତ ଶୃଙ୍ଗ
ତୋତେ ଛୁଉଁ ଛୁଉଁ
କମ୍ପିତ ହାତ ସବୁ ଖସିପଡ଼େ,
ତୋ ସ୍ୱପ୍ନର ପାରାବାରରେ
ତୋ ସ୍ୱପ୍ନର ଗଡ଼
ତୋ ଧୈର୍ଯ୍ୟ ଅଭିମାନ
ଭୂଲୁଣ୍ଠିତ ହୁଏ କାହାର ଲାଠିର ଅତ୍ୟାଚାରରେ ।।

ଏବେ ଦେଖ
ସମ୍ଭାବନାର ହଜାର ହଜାର ଆଖିରୁ
ବହିଆସେ ଅସଂଖ୍ୟ ଛୋଟ ଛୋଟ ଝରଣା
ଏକ ଚିରସ୍ରୋତା ନଦୀର ରୂପ ନେଇ
ମାଡ଼ି ଚାଲେ
କାଶ୍ମୀର ରୁ କନ୍ୟା କୁମାରୀ
ଧୋଇ ଦେବାକୁ ଅବୁଝା ରାଜାର ରାଜ ପଦ ।।

ତୁ ସେଇ ମୋ ଦେଶ
ଆଜି ତୋ ପାଇଁ
ଆଉ ଥରେ ପିଇ ଦେଇଛି
ସାଗର ମନ୍ଥନର ହଳାହଳକୁ
ଆଉଥରେ ଚିତ୍ରିତ କରିଛି
ତୋର ସବୁଜ ସ୍ୱପ୍ନକୁ
ଖଣ୍ଡ ଖଣ୍ଡ ଭଙ୍ଗା ହାଡ଼ରେ ।।

ପ୍ରଧାନ ଶିକ୍ଷୟତ୍ରୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚାଲମୁଣ୍ଡା
ଖରୀଆର ରୋଡ଼

## ବର୍ଷାଦିନେ ରାସ୍ତା ସଫାକଲା ଯୁବକ ସଂଘ



ତିର୍ତ୍ତୋଲ,୧୧।୮(ସଂଚାର ବ୍ୟୁରୋ): ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତା ବର୍ଷାଦିନେ ରାସ୍ତା ସ୍ଥାନେ ସ୍ଥାନେ ଗାତ ହେବା ସହ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିବା ଦ୍ୱାରା ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି, ଏହାକୁ ଦୃଷ୍ଟିରେ ରଖି ନରୁଆ ଛକ ନିକଟସ୍ଥ ସାଗବାରିଆ ଗ୍ରାମର ଏକ ଗଛ ନାରାୟଣୀ ଯୁବ ସଙ୍ଗଠନ ର କାର୍ଯ୍ୟ ସରଳି କୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏହି ସଙ୍ଗଠନ ପକ୍ଷରୁ ଗତ ମାସରେ ବର୍ଷା ପାଣିରେ ରାସ୍ତା ଗାତ ହୋଇଥିବା କିଛି ସ୍ଥାନରେ କଂକ୍ରିଟ ଢଳାଇ କରିଥିବା ବେଳେ ଏବେ ନରୁଆ ଛକ ଠାରୁ ବଡିଲୋ ପର୍ଯ୍ୟନ୍ତ ରାସ୍ତାରେ ମାଡ଼ିଯାଇଥିବା ଅନାବନା ଗଛ କାଟିବା ସହ ବୋଲବମ୍ ଭକ୍ତ ମାନଙ୍କ ପାଇଁ ରାସ୍ତା ସଫାକରୁଥିବା ଦେଖିବାକୁ ମିଳିଛି। ଯେଉଁଠି ପ୍ରଶାସନ କାମ କରିବାରେ ବିଫଳ ହୋଇଛି ସେଇଠି ଏହି ଯୁବକ ସଙ୍ଗଠନ ର ଏହି ପ୍ରୟାସ କୁ ନେଇ ସୋଶିଆଲ ମିଡିଆରେ ପ୍ରଶଂସାର ସୁଅ ଛୁଟୁଛି।

## ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ କୃମିନାଶକ ଦିବସ ଅଭିଯାନର ଶୁଭାରମ୍ଭ



ବଲାଙ୍ଗୀର,୧୧।୮(ସଂଚାର ବ୍ୟୁରୋ): ଶିଶୁ ଓ କିଶୋର-କିଶୋରୀଙ୍କୁ କୃମି ସଂକ୍ରମଣରୁ ସୁରକ୍ଷା ଦେବା ଲକ୍ଷ୍ୟରେ ଆଜି ବଲାଙ୍ଗୀର ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ କୃମିନାଶକ ଦିବସ ଅଭିଯାନର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଆଲବେଣ୍ଡାଜୋଲ୍ ବଟିକା ସେବନ କରାଯାଇ ଅଭିଯାନର ବିଧିବଦ୍ଧ ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ କୃମିନାଶକ ଔଷଧ ସେବନ କରାଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଅଭିଯାନ ଆଜିଠାରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟକାରୀ ହେବ। ଚଳିତ ପର୍ଯ୍ୟାୟରେ ଜିଲ୍ଲାର ସର୍ବମୋଟ ୪,୪୫,୯୯୪ ଜଣ ହିତାଧିକାରୀଙ୍କୁ କୃମିନାଶକ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ସୁଧା ବର୍ମା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୀତା ବେହେରା, ବଲାଙ୍ଗୀର ବ୍ଲକ୍ ଶିକ୍ଷାଧିକାରୀ ଦିଲୀପ କୁମାର ଯୋଶୀ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୁରେନ୍ଦ୍ର କୁମାର ବାବୁ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଦାଶରଥି ବାଗର୍ତ୍ତି ଓ ସହ୍ୟାରାଣୀ ଧରୁଆ, ଜିଲ୍ଲା ଉପ-ପରିଚାଳକ (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଭଗବାନ ମେହେର, ଜାତୀୟ ସହରାଞ୍ଚଳ ଅତିରିକ୍ତ ପ୍ରକଳ୍ପ ପରିଚାଳକ ରାମାନୁଜ ପଣ୍ଡା, ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅରୁନ୍ଧତୀ ବଡ଼େଇ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡା. ସୁଧା ବର୍ମା ଓ ଦିଲୀପ କୁମାର ଯୋଶୀ କୃମି ସଂକ୍ରମଣର କାରଣ, ଏହାର କୁପ୍ରଭାବ ଏବଂ ନିୟମିତ କୃମିନାଶକ ଔଷଧ ସେବନର ସଚେତନ କରିଥିଲେ।

# ଜାଲ ଶ୍ରମକାର୍ଡ ଓ ମୃତ୍ୟୁ ପ୍ରମାଣପତ୍ର ମାମଲାରେ ମାସକ ପରେ ପୁଣି ତନାଘନା

ଫୁଲବଣୀ,୧୧।୮(ସଂଚାର ବ୍ୟୁରୋ): ଜାଲ ଶ୍ରମକାର୍ଡ ଓ ମୃତ୍ୟୁ ପ୍ରମାଣପତ୍ର ଜରିଆରେ ବୀମା ଅର୍ଥ ହଡ଼ପ ଅଭିଯୋଗ ମାମଲାରେ ପୁଣି ତନାଘନା ଆରମ୍ଭ ହୋଇଛି। ଏହି ପ୍ରସଙ୍ଗରେ କନକ ନ୍ୟୁଜ୍‌ର ମହାପ୍ରଭାବ ପରେ ମାସକ ପରେ ଭୋଗରାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୫ ଜଣିଆ ତଦନ୍ତକାରୀ ଟିମ୍ ଗଠନ କରାଯାଇଛି । ତଦନ୍ତକାରୀ ଟିମ୍ ଫୁଲବଣୀ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସମ୍ପୃକ୍ତ ଆଶା କର୍ମୀ ଓ ଏନ୍‌ଏମ୍‌ଙ୍କ ସମେତ ମୃତକଙ୍କ ପରିବାର ସଦସ୍ୟଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିଥିବା ଜଣାପଡ଼ିଛି । ତଦନ୍ତ ସମୟରେ କବାଟ ବନ୍ଦ କରି ପଚରାଉଚରା କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଅଭିଯୋଗ ଅନୁସାରେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଟୁକୁରୀହାଜିରା



ପଞ୍ଚାୟତର ବାରବାଟିଆ ଗ୍ରାମର ଜ୍ୟୋସ୍ନା ମିର୍ଦ୍ଧାଙ୍କର ୨୦୨୫ ମସିହା ଅଗଷ୍ଟ ୮ ତାରିଖରେ କଟକରେ ମୃତ୍ୟୁ ହୋଇଥିଲା। ତେବେ ଅଭିଯୋଗ ହେଉଛି, ମୃତ୍ୟୁ ପରେ ୨୦୨୫ ଅଗଷ୍ଟ ୧୧ ତାରିଖରେ ତାଙ୍କ ନାମରେ ଶ୍ରମକାର୍ଡ କରାଯାଇ ବୀମା ରାଶି ବାବଦକୁ ୩ ଲକ୍ଷ ଟଙ୍କା ହଡ଼ପ କରାଯାଇଛି । ଜାଲ ମୃତ୍ୟୁ ପ୍ରମାଣପତ୍ର ଓ ଶ୍ରମକାର୍ଡ ଜରିଆରେ ଭୋଗରାଇ ଅଞ୍ଚଳରେ କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ନେଇ ଅଭିଯୋଗ ଆସିବା ପରେ କନକ ନ୍ୟୁଜ୍‌ରେ ଏ ସମ୍ପର୍କିତ ଖବର ପ୍ରସାରଣ ହୋଇଥିଲା । ଏହାପରେ ମାମଲାରେ ଅନେକ ଅଭିଯୋଗ ସାମ୍ନାକୁ ଆସିଥିଲା । ପରେ ଶ୍ରମ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବା କୁହାଯାଉଛି । ତେବେ ତଦନ୍ତ ପରେ ମୃତ୍ୟୁ ତାରିଖକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ତଦନ୍ତ ଟିମ୍‌ର ମୁଖ୍ୟ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ପ୍ରଥମେ ଅଗଷ୍ଟ ୮ ତାରିଖ ପରିବର୍ତ୍ତେ ୨୦୨୫ ଅକ୍ଟୋବର ୧୮ ତାରିଖ ବୋଲି କହିଥିବା ଅଭିଯୋଗ ହୋଇଛି । ଅନ୍ୟପଟେ, ମୃତ୍ୟୁ ପ୍ରମାଣପତ୍ରରେ ଅଗଷ୍ଟ ୧୮ ତାରିଖ ଉଲ୍ଲେଖ ଥିବା କୁହାଯାଉଛି। ଫଳରେ ମୃତ୍ୟୁ ତାରିଖକୁ ନେଇ ତିନିଟି ଭିନ୍ନ ତାରିଖ ସାମ୍ନାକୁ ଆସିଥିବାରୁ ମାମଲା ଆହୁରି ରହସ୍ୟମୟ ହୋଇପଡ଼ିଛି । ଆଉ ଏକ ପ୍ରଶ୍ନ ଉଠିଛି ମୃତ୍ୟୁ କଟକରେ ହୋଇଥିବାବେଳେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ୍ୟୁ ପ୍ରମାଣପତ୍ର କିପରି ଜାରି ହେଲା? ଏନେଇ ଜଳେଶ୍ୱରପୁର ସୁପରଭାଇଜରଙ୍କୁ ପଚରାଯିବାରୁ, ସହାୟତା ପାଇଁ ଏଭଳି କରାଯାଇଥିବାର ବୋଲି ସେ କହିଥିବା ଜଣାପଡ଼ିଛି। ସମଗ୍ର ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଓ ଶ୍ରମ ବିଭାଗର କିଛି କର୍ମଚାରୀଙ୍କ ମଧ୍ୟରେ ମିଳିଭଗତ ଥିବା ନେଇ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଏବେ ସବୁଠାରୁ ବଡ଼ ପ୍ରଶ୍ନ— ତଦନ୍ତ ପ୍ରକ୍ରିୟା କେତେ ନିରପେକ୍ଷ ହେବ ଏବଂ ପ୍ରକୃତ ଦୋଷୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ? ନା ତଦନ୍ତ ନାଁରେ ସମ୍ପୃକ୍ତ ଆଶା ଓ ଏନ୍‌ଏମ୍‌ଙ୍କୁ ସୁରକ୍ଷା ଦିଆଯିବ— ତାହାକୁ ନେଇ ଏବେ ନଜର ରହିଛି।

## ଏସ୍‌ଆଇଆର୍ ସଂକ୍ରାନ୍ତ ବୈଠକ ଅନୁଷ୍ଠିତ



ବଲାଙ୍ଗିର,୧୧।୮(ସଂଚାର ବ୍ୟୁରୋ): ସ୍ୱତନ୍ତ୍ରସଘନସଂଶୋଧନ (ଏସ.ଆଇ.ଆର)-୨୦୨୬ ପ୍ରକ୍ରିୟାରେ ଦାବି ଓ ଆପତ୍ତି ଅବଧି ସମୟରେ ଫର୍ମ-୬, ଫର୍ମ-୭ ଓ ଫର୍ମ-୮ ଗ୍ରହଣ, ଯାଞ୍ଚ ଓ ପରିଚାଳନା ନେଇ ବଲାଙ୍ଗୀରରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଡା଼ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର(ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡା, ସହକାରୀ ପଞ୍ଜୀକରଣ ନିର୍ବାଚକ ଅଧିକାରୀ ଜୟକୃଷ୍ଣ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ଦାବି ଓ ଆପତ୍ତି ଅବଧିରେ ଫର୍ମ-୯, ୧୦, ୧୧, ୧୧ କ, ଓ ୧୧ଖ ର ସଠିକ୍ ଗ୍ରହଣ, ଯାଞ୍ଚ ଏବଂ ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରହଣ କରାଯାଉଥିବା ଫର୍ମଗୁଡ଼ିକର ନିୟମାନୁଯାୟୀ ଯାଞ୍ଚ ଓ ପରବର୍ତ୍ତୀ ପ୍ରକ୍ରିୟାକରଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଏସ୍‌ଆଇଆର୍-୨୦୨୬ ପ୍ରକ୍ରିୟାର ସୁଚାରୁ କାର୍ଯ୍ୟକାରିତା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଓ ଆଶଙ୍କା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ଜୋରଦାର



ରାଇକିଆ,୧୧।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ରାଇକିଆରେ ଜାତୀୟ ଦିବସ ଆୟୋଜକ କମିଟି ପକ୍ଷରୁ ପାଳନ ହେବାକୁ ଥିବା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସକୁ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ ପତାକା ଉତ୍ତୋଳନ କରିବା ପାଇଁ ସ୍ଥିର ହୋଇଛି। ବିଇଓ ବିନୋଦ ବିହାରୀ ଦିଗଲଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ପ୍ରାଥମିକସ୍ତରରୁ ଯୁକ୍ତ ୩ ପର୍ଯ୍ୟନ୍ତ ୧୦ଟି ବିଭାଗରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସଂଗୀତ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ମନୋନୀତ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଘୋଷଣା କରାଯାଇଛି।

## ବନ୍ୟପ୍ରାଣୀ ସପ୍ତାହ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା

ନୂଆପଡ଼ାର,୧୧।୮(ସଂଚାର ବ୍ୟୁରୋ): ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଖଡ଼ିଆଳ ବନାଚଂଳ ଆନୁକୂଲ୍ୟରେ ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ— ଦୁଇଟି ବିଭାଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗ ପାଇଁ 'ପ୍ରକୃତି ପାଇଁ ମଣିଷ' ଏବଂ ବରିଷ୍ଠ ବିଭାଗ ପାଇଁ 'ପ୍ରକୃତି ଭିତରେ ମଣିଷ' ଶୀର୍ଷକ ରଖାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ଚିତ୍ର ମାଧ୍ୟମରେ ପ୍ରକୃତି ସୁରକ୍ଷା, ପରିବେଶ ସଂରକ୍ଷଣ ଓ ମଣିଷ-ପ୍ରକୃତିର ସମ୍ପର୍କକୁ ପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ବନପାଳ ସୁଦାମ କୁମାର ବାଗ, ବନରକ୍ଷୀ ପରମାନନ୍ଦ ତାଣ୍ଡି, ତପସ୍ୱିନୀ ସାଗର, ସଂଯୁକ୍ତା ନେତାମ ଓ ଜୟନ୍ତୀ ମାଝୀ ପରିଚାଳନା କରିଥିଲେ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ କୁନି କୁନି ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## କେନ୍ଦ୍ରୀୟ ଓଡ଼ିଶା ରେଳ କ୍ରିୟାନୁଷ୍ଠାନ କମିଟି ରେଳମନ୍ତ୍ରୀଙ୍କୁ ଭେଟି ଦେଲେ ଦାବିପତ୍ର



ବୈଶିଙ୍ଗା,୧୧।୮(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାର ଧାନ, ପାନ, ମୀନ ପାଇଁ ପ୍ରସିଦ୍ଧ ବାଲିଆପାଳ ଠାରୁ ବିଜୟୱାଡା ପର୍ଯ୍ୟନ୍ତ ନୂତନ ରେଳ ପଥର ପରିକଳ୍ପନା କରାଯାଇଥିବା ଗ୍ରାମଗୁଡିକ ହେଉଛି ଭାୟା ବସ୍ତା, ହରିପୁର, ଅଁଳା, ମେରଦା, ବେତନଟୀ, ବଡ଼ସାହି, ଉଦଳା, ବାଙ୍ଗିରିପୋଷି ରୁ ରାଇରଙ୍ଗପୁର ଟନେଲ, ଦଇତାରୀ, ବୌଦ୍ଧ, ସୁବର୍ଣ୍ଣପୁର(ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡ୍ଡୁ, ଟି.ନରସାପୁରମ୍ ଓ ଓନିଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡା ପର୍ଯ୍ୟନ୍ତ ନୂତନ ରେଳ ଲାଇନ୍ ନିର୍ମାଣ ପାଇଁ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାଅନୁଷ୍ଠାନ କମିଟି ପକ୍ଷରୁ କେନ୍ଦ୍ରରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀ ଠାରେ ଭେଟି ଏକ ଦାବି ପତ୍ର ସୋମବାର ପ୍ରଦାନ କରିଥିବା ଜଣାଯାଇଛି। ମନ୍ତ୍ରୀ ମଧ୍ୟ ସଙ୍ଗେ ସଙ୍ଗେ ରେଳ ବିଭାଗ କୁ ସର୍ଭେ କରି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଭାରତ ସରକାରଙ୍କର ମାନ୍ୟବର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ତାଙ୍କର ରେଳ ଦପ୍ତରରେ ସାକ୍ଷାତ କରିଥିଲେ, ପୂର୍ବତନ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସହଯୋଗରେ, ଓଡ଼ିଶା କେନ୍ଦ୍ରୀୟ ରେଳ ଏକ୍ସନ କମିଟିର ସଦସ୍ୟ ପ୍ରାକ୍ତନ ବିଧାୟକ ଶ୍ରୀନାଥ ସରେନ, ବଡସାହି ର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତି ରେ ପୂର୍ବ ପ୍ରସ୍ତାବିତ 'ବାଲିଆ ପାଳ ଠାରୁ ବିଜୟ ୱାଡା' ଭାୟା ବସ୍ତା, ବାଲିମେଳା, ମାଲକାନଗିରି, ଆନ୍ଧ୍ର ପର୍ଯ୍ୟନ୍ତ ଚଳାଚଳ ପାଇଁ ଦାବି ପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମନ୍ତ୍ରୀ ମହୋଦୟ କମିଟି ସଦସ୍ୟ ମାନଙ୍କୁ 'ଦୃଢ଼ ପ୍ରତି ଶୃତି' ଏବଂ ସକାରାତ୍ମକ ଆଶ୍ୱାସନା ଦେଇ ଥିଲେ ବୋଲି ପ୍ରକାଶ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଅର୍ଦ୍ଧାଧିକ ଅଞ୍ଚଳର ଅଧିବାସୀ ଉପକୃତ ହୋଇ ପାରିବେ। ଓଡ଼ିଶାର ବେପାର ବଣିଜ ମଧ୍ୟ ବଢ଼ିପାରିବ।

## ଆୟୁର୍ବେଦିକ ମହାବିଦ୍ୟାଳୟରେ ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ



ବଲାଙ୍ଗୀର,୧୧।୮(ସଂଚାର ବ୍ୟୁରୋ): ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ହସ୍ପିଟାଲରେ ମଙ୍ଗଳବାର କୌମାରଭୃତ୍ୟ- ଶିଶୁରୋଗ ବିଭାଗ ପକ୍ଷରୁ ଶିଶୁମାନଙ୍କ ସୁସ୍ଥତା ଓ ସାମଗ୍ରିକ ବିକାଶକୁ ଲକ୍ଷ୍ୟ କରି ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୦ରୁ ୧୬ ବର୍ଷ ବୟସର ପ୍ରାୟ ୬୦୦ ଜଣ ଶିଶୁଙ୍କୁ ସ୍ୱର୍ଣ୍ଣପ୍ରାଶନ ଡ୍ରପ୍ ପ୍ରଦାନ କରାଯାଇଥିଲା। କୌମାରଭୃତ୍ୟ- ଶିଶୁରୋଗ ବିଭାଗର ଶିଶୁରୋଗ ବିଶେଷଜ୍ଞ ତଥା ସହକାରୀ ପ୍ରାଧ୍ୟାପକ ଡା. ଅମ୍ବୁଜ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଆୟୁର୍ବେଦୀୟ ପରମ୍ପରାରେ ସ୍ୱର୍ଣ୍ଣପ୍ରାଶନକୁ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ତଥା ରୋଗପ୍ରତିରୋଧକ କ୍ଷମତାର ଉନ୍ନତି ପାଇଁ ଏକ ପାରମ୍ପରିକ ପ୍ରୟୋଗ ଭାବେ ଗୁରୁତ୍ୱ ଦିଆଯାଏ। ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଆୟୁର୍ବେଦୀୟ ଜନସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ହସ୍ପିଟାଲରେ ନିୟମିତ ଭାବେ ଆୟୋଜନ କରାଯାଉଛି। ପରବର୍ତ୍ତୀ ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ ଆସନ୍ତା ସେପ୍ଟେମ୍ବର ୮ ତାରିଖ, ମଙ୍ଗଳବାର ଦିନ ଆୟୋଜିତ ହେବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ସୁବର୍ଣ୍ଣପୁର,୧୧।୮(ସଂଚାର ବ୍ୟୁରୋ): ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାର ନାମ ପରିବର୍ତ୍ତନକୁ ବିରୋଧ କରି ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ ଙ୍କ ନେତୃତ୍ୱ ରେ ସଂଘ ର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦିଲ୍ଲୀପ ପାତ୍ର, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରାଜ କିଶୋର ତ୍ରିପାଠୀ, ଜିଲ୍ଲା ଶାଖା ଉପ ସଭାପତି ବିବେକାନନ୍ଦ ମିଶ୍ର, ଜିଲ୍ଲା ଶାଖା ସଂପାଦକ ମହାଦେବ ମଲ୍ଲିକ, ସର୍ଜନ ବାରିକ, ଯୁଧିଷ୍ଠିର ସାହୁ ପ୍ରମୁଖ ସଦସ୍ୟ ଜିଲ୍ଲାପାଳ ଙ୍କ ବାସଭବନ ରେ ସାକ୍ଷାତ କରି ଏହି ଦାବି ପତ୍ର ପ୍ରଦାନ କରିଥିଲେ। ସହର ତଥା ଜିଲ୍ଲା ର ବିଭିନ୍ନ ପ୍ରକଳ୍ପ ତଥା ଉନ୍ନୟନ ମୂଳକ କାର୍ଯ୍ୟ ସବୁ କୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରି ଆଲୋଚନା କରିଥିଲେ।

## ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ଭବ୍ୟ ସ୍ୱାଗତ



ବୈଶିଙ୍ଗା,୧୧।୮(ସଂଚାର ବ୍ୟୁରୋ): ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ସାଂସଦ ତଥା ବିଜେପି ନେତା ରବୀନ୍ଦ୍ର କୁମାର ଜେନା ବଡ଼ସାହି ହିଙ୍ଗୁଳା ମାଆଙ୍କୁ ଦର୍ଶନ କରିବାକୁ ଆସିଥିବା ବେଳେ ବେତନଟୀ ପୁରୁଣା ଦମକଳ କେନ୍ଦ୍ର ଛକ ନିକଟରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ବିଜେପି ନେତା ସୁନୀଲ କୁମାର ଖଣ୍ଡେଲୱାଲ, ପ୍ରଦୀପ ମହାନ୍ତ, ଯାମିନୀକାନ୍ତ ନାଏକ, ରାଜେଶ ନାୟକ ପ୍ରମୁଖ ପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ଜେନା ବିଜେପି ରେ ମିଶିବା ପରେ ପ୍ରଥମଥର ପାଇଁ ବଡ଼ସାହି ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସିଥିଲେ। ସେ ପୁରୁଣା ଦମକଳ କେନ୍ଦ୍ର ଛକ ନିକଟରେ ଅଳ୍ପ ସମୟ ରହଣି ମଧ୍ୟରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଶ୍ରୀ ଖଣ୍ଡେଲୱାଲ ଙ୍କ ସହିତ ଅନ୍ୟ କର୍ମୀ ମାନେ ବଡ଼ସାହି ମା ହିଙ୍ଗୁଳାଙ୍କ ପୀଠ ଅଭିମୁଖେ ଯାତ୍ରା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କ ଗସ୍ତ ଦଳୀୟ କର୍ମକର୍ତ୍ତା ଙ୍କ ମନୋବଳ ବଢ଼ାଇବ ବୋଲି ଚର୍ଚ୍ଚା ହେଉଛି।

## ବିଭିନ୍ନ ବିଦ୍ୟାଳୟ ଓ କଲେଜରେ 'ସାଇବର ସୁରକ୍ଷା ଅଭିଯାନ'

ବୈଶିଙ୍ଗା,୧୧।୮(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପକ୍ଷରୁ ବିଭିନ୍ନ ସ୍କୁଲ ଏବଂ କଲେଜରେ 'ସାଇବର ସୁରକ୍ଷା ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନା ଏଏସଆଇ ପ୍ରଦୀପ କୁମାର ଦେ ଏବଂ ପୁଲିସ କର୍ମଚାରୀ ପ୍ରମୁଖ ସାଂପ୍ରତିକ ପରିସ୍ଥିତିରେ ସାଇବର ଅପରାଧର କାରଣ ଓ ଏହାର ନିରାକରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଜିକାଲି କୋମଳମତି ଛାତ୍ର ଛାତ୍ରୀ ଓ ଜନସାଧାରଣ କିପରି ଭାବରେ ସଚେତନତାର ଅଭାବରୁ ସାଇବର କ୍ରାଇମର ଶୀକାର ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହିତ ଧନ ଜୀବନ ହାନିର ସମ୍ମୁଖୀନ ହେଉଛନ୍ତି ସେ ସମ୍ବନ୍ଧରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ସାଇବର ଅପରାଧ ବିଷୟରେ ବିସ୍ତୃତ ଆଲୋଚନା କରି ଏହାର ନିରାକରଣ ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ। ସଚେତନ ନାଗରିକ ଭାବେ ସମସ୍ତେ ଏହି ଅପରାଧ ଓ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କଠାରୁ କିଭଳି ନିଜକୁ ଦୂରେଇ ରଖିବେ ସେ ସମ୍ବନ୍ଧରେ ଉପସ୍ଥିତ ଛାତ୍ର ଛାତ୍ରୀ ତଥା ଶିକ୍ଷକ ମାନଙ୍କୁ ସଚେତନ ମଧ୍ୟ କରାଇ ଥିଲେ।

## ବାଜି ରାଉତ କଲେଜରେ ତ୍ରିରଙ୍ଗା ଶୋଭାଯାତ୍ରା

ଭୁବନ,୧୧।୮(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ପରିସରରେ କଲେଜ ପ୍ରଶାସନ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ମିଳିତ ଆନୁକୂଲ୍ୟରେ ଏକ ବିଶାଳ 'ତ୍ରିରଙ୍ଗା ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଭୂୟାଁ ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଥିବା ବୀର ସହିଦମାନଙ୍କୁ ସ୍ମରଣ କରିବା ସହ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ବାର୍ତ୍ତାକୁ ସହରରୁ ଗାଁ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସ୍ୱତନ୍ତ୍ର ଶୋଭାଯାତ୍ରାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନ୍.ସି.ସି. ଓ ସ୍କାଉଟ୍ ର କ୍ୟାଡେଟମାନଙ୍କ ସମେତ କଲେଜର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଚିନ୍ମୟୀ ପ୍ରଧାନ, ଛାତ୍ରୀ ନେତ୍ରୀ ଶୁଭସ୍ମିତା ମହନ୍ତ, ଶ୍ରୀୟା ବାରିକ, ନେହା ଅଗ୍ରୱାଲା, ବର୍ଷାରାଣୀ ସାମନ୍ତରାୟ, ପ୍ରୀତି, ପୂଜା ଦାସ ଏବଂ ଛାତ୍ର ନେତା ପ୍ରଜ୍ଞାରଞ୍ଜନ ସାହୁ, ବିଶ୍ୱଜିତ୍ ବେହେରା, ପ୍ରଶାନ୍ତ ଦାଶ, ପ୍ରୀତି ରଞ୍ଜନ ସାହୁ, ସତ୍ୟଜିତ୍ ସାହୁ, ମହେଶ୍ୱର କର, ରାଜା, ରୁଦ୍ର ଦାସ, ଆଶିଷ ସାହୁ ଓ ରାଜେଶ ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସ୍କୁଲ କଲେଜ ପିଲା ସାମିଲକୁ ବିରୋଧ



ବୈଶିଙ୍ଗା,୧୧।୮(ସଂଚାର ବ୍ୟୁରୋ): ସୋମବାର ବେତନଟୀ ବ୍ଲକ ଅଧିନରେ ବଜାର ରେ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ମାତ୍ର ଦଳୀୟ କାର୍ଯ୍ୟକ୍ରମ ରେ ସ୍କୁଲ ପିଲା ମାନଙ୍କୁ ସାମିଲ କରାଯିବା ଫଳରେ ଅଭିଭାବକ ମହଲ ଓ ବିଜେପି ର କେତେକ ପୁରୁଖା ସଦସ୍ୟଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦେଶପ୍ରେମ ଓ ଦଳୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଏଥିରେ କାହିଁକି ସ୍କୁଲ କଲେଜ ପିଲା ମାନଙ୍କୁ ଜାତୀୟ ପତାକା ଧରିବା ଓ ନାରାବାଜି ରେ ସାମିଲ କରାଯିବାକୁନେଇ କେତେକ ଅଭିଭାବକ ବିଜେପି ପିଲା ମାନଙ୍କର ଦଳ ସହିତ କଣ ସମ୍ପର୍କ ଅଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ତ୍ରିରଙ୍ଗା ଶୋଭା ଯାତ୍ରାରେ ବଡ଼ସାହି ବିଧାୟକ ସାମିଲ ଥିଲାବେଳେ ପିଲାମାନଙ୍କୁ କିପରି ସାମିଲ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଧାୟକ ନିଜ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଏଥିରେ କିପରି ସାମିଲ କରିନପାରି ପିଲା ମାନଙ୍କୁ ନିଜ ଉପସ୍ଥିତିରେ ସାମିଲ କଲେ, ତାହା ଆଲୋଚ୍ୟ ବିଷୟ ପାଲଟିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ଦଳୀୟ କର୍ମୀ ମାନଙ୍କୁ ସେ ନିଜ ଅକ୍ତିଆରରେ ରଖି ପାରିନାହାନ୍ତି। ତ୍ରିରଙ୍ଗା ଶୋଭାଯାତ୍ରାରେ କୌଣସି ମୂଳ ବିଜେପି ନେତା ଓ କର୍ମୀ ମାନଙ୍କୁ ଦେଖିବାକୁ ମିଳିନଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି, ବିଧାୟକ ଦଳର ନେତା ଓ କର୍ମୀଙ୍କୁ ଏକାଠି ନକରି କିପରି ପଞ୍ଚାୟତ ନିର୍ବାଚନର ସାମନା କରିବେ ତାହା ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି।

## ହର ଘର ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନ ଉପଲକ୍ଷେ ବିଶାଳ ତ୍ରିରଙ୍ଗା ରାଲି

ବଲାଙ୍ଗୀର,୧୧।୮(ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନ ଆଜିଠାରୁ ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ସର୍କିଟ୍ ହାଉସ୍‌ରୁ ଏକ ବିଶାଳ ତ୍ରିରଙ୍ଗା ରାଲି ବାହାରିଥିଲା। ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଲିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଶିଷ୍ଟ ଅତିଥି ଭାବେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ ଏବଂ ଟିଟିଲାଗଡ ବିଧାୟକ ନବୀନ ଜୈନ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକା ଓ ଦେଶପ୍ରେମର ଧ୍ୱନିରେ ମୁଖରିତ ରାଲି ସହର ପରିକ୍ରମା କରି ସରକାରୀ ମହିଳା ମହାବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ତ୍ରିରଙ୍ଗା କନସର୍ଟ, ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଲିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସମାଜସେବୀ ଓ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ



ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଥିଲେ ଯେ, 'ହର ଘର ତ୍ରିରଙ୍ଗା' କେବଳ ଏକ ଅଭିଯାନ ନୁହେଁ, ଏହା ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ପ୍ରତ୍ୟେକ ପରିବାର ଓ ନାଗରିକଙ୍କ ମନରେ ଦୃଢ଼ କରିବାର ଏକ ଜନଆନ୍ଦୋଳନ। ତ୍ରିରଙ୍ଗା ହିଁ ଆମର ଜାତୀୟ ପରିଚୟ। ଏହି ପରିଚୟକୁ ସମ୍ମାନ ଜଣାଇବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ସେ ଆହ୍ୱାନ ଦେଇଥିଲେ।

## ବୋଡ଼େନ ଓ ସିନାପାଲିରେ ସ୍ଥାୟୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଦାବି

ନୂଆପଡ଼ା,୧୧।୮(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ବିଧାନସଭାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ବନ୍ଧୀୟ ଉପସ୍ଥାପନା ସମ୍ପର୍କିତ ଗୃହ କମିଟିର ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ନୂଆପଡ଼ା ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ବୋଡ଼େନ ଓ ସିନାପାଲି ଠାରେ ସ୍ଥାୟୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହାଦ୍ୱାରା ଅଞ୍ଚଳବାସୀଙ୍କୁ ଜମିଜମା ଓ ପଞ୍ଜୀକରଣ ସମ୍ପର୍କିତ ସରକାରୀ ସେବା ପାଇବାରେ ଅଧିକ ସୁବିଧା ମିଳିପାରିବ ବୋଲି ମତ ରଖାଯାଇଥିଲା। ଏଥିସହିତ ଗତ ଜୁଲାଇ ମାସର ଶେଷ ସପ୍ତାହରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟାରେ ହୋଇଥିବା ଧନଜୀବନ ଓ ଫସଲ କ୍ଷୟକ୍ଷତିର ସଠିକ ଆକଳନ କରିବା ସହ ବହୁଳ ଭାବେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରାଯାଇଥିଲା। ବନ୍ୟାରେ ନଷ୍ଟ ହୋଇଥିବା ଚାଷଜମି, ଫସଲ, ଘରଦ୍ୱାର ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତିର ନିରପେକ୍ଷ ଆକଳନ କରି ପ୍ରଭାବିତ ଲୋକଙ୍କୁ ଶୀଘ୍ର ସହାୟତା ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଗୃହ କମିଟିର ସଦସ୍ୟଗଣ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଉପରୋକ୍ତ ବିଷୟଗୁଡ଼ିକ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।